# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

THE JANABARTTA ଜନବାର୍ତ୍ତା • ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର • LIVE

Follow Us : Our Digital News Channel

: Janabartta Live

www.janabartta.com

epaper.janabartta.com

11 OCTOBER to 17 OCTOBER 2026

୧୧ ଅକ୍ଟୋବର ଠାରୁ ୧୭ ଅକ୍ଟୋବର, ୨୦୨୬

VOL- 1 ● ISSUE- 34 ବର୍ଷ-୧ ● ସଂଖ୍ୟା- ୩୪ | PRGI NO- ORORI/26/A0341. ● WEEKLY EDITION | ପୃଷ୍ଠା-୮ ● ମୂଲ୍ୟ-୮/- PAGES - 8 ● PRICE- 8/-


## ବ୍ୟଙ୍ଗ ବାର୍ତ୍ତା



ନେତା ମାରୁଛନ୍ତି ଫମ୍ପା ଭାଷଣ
ଜନତା ହେଉଛି ହୀନସ୍ତା
କଟକଣା ବାଡ଼ ପଛରେ ଆଜି
ହଜିଛି ସ୍ୱପ୍ନର ରାସ୍ତା
ବିକ୍ଷୋଭ ଆଉ ପ୍ରତିବାଦ ନାମେ
ଜମୁଛି ନେତାଙ୍କ ହାଟ
ଗଣତନ୍ତ୍ରର ଚଉପାଢ଼ୀ ଦେଖି
ହସୁଛି ପ୍ରଶାସନ ଶାଠ

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

## ଗଣତନ୍ତ୍ର ପାଇଁ ବିପଦ




**ବିଜୟ କୁମାର ପଟ୍ଟନାୟକ**
ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା


ରାଜତନ୍ତ୍ର ପାଇଁ ଦୈନିକ ବିପଦ ନାହିଁ । ରାଜା ତାଙ୍କର ଶାସନ ଅଧିକାର ସ୍ୱର୍ଗରୁ ପାଇଛନ୍ତି ବୋଲି ଅନେକ ବ୍ୟାଖ୍ୟା ରହିଛି । ତେଣୁ ସେ ତାଙ୍କର ରାଜଦଣ୍ଡକୁ ତାଙ୍କର ଉତ୍ତରାଧିକାରୀମାନଙ୍କୁ ଦେବାର ବିଧିଗତ ବ୍ୟବସ୍ଥା ଅଛି । ଅବଶ୍ୟ ରାଜାଙ୍କ ପ୍ରତି ବିପଦ ବହିରାକ୍ରମଣ ଯୋଗୁଁ ହୋଇପାରେ ବା ବିଦ୍ରୋହ ଯୋଗୁଁ । ନିଜକୁ ବିପଦରୁ ରକ୍ଷା କରିବା ପାଇଁ ରାଜା ନିଜର ସମସ୍ତ ଶକ୍ତି ଓ ପରାକ୍ରମକୁ ଲଗାଇଥାନ୍ତି । ନିଜର ଅସ୍ତିତ୍ୱ ପାଇଁ କ୍ଷମତାକୁ ବ୍ୟବହାର କରିବା ନୀତିସମ୍ମତ ।

କିନ୍ତୁ ଗଣତନ୍ତ୍ର କ୍ଷେତ୍ରରେ ନିୟମଟି ଭିନ୍ନ । ସେଥିରେ କ୍ଷମତା ଲୋକଙ୍କର, ଶାସକର ନୁହେଁ । ତେଣୁ ସରକାରୀ ଦଳ ପାଇଁ କ୍ଷମତାକୁ ବ୍ୟବହାର କରିବା ନୀତି ବିରୁଦ୍ଧ । ନିଜ ଜ୍ଞାତି ବା କୁଟୁମ୍ବଙ୍କୁ ଶାସନ କାର୍ଯ୍ୟରେ ଲଗାଇବା ନୀତି ବିରୁଦ୍ଧ । କିନ୍ତୁ ଯେ ଶାସନକୁ ଆସେ, ସେ ରାଜତନ୍ତ୍ର ନିୟମକୁ ଗଣତନ୍ତ୍ରରେ ପ୍ରୟୋଗ କରିବା ପାଇଁ ସଦାବେଳେ ଚେଷ୍ଟା କରେ । ଶାସନ କ୍ଷମତାକୁ ନିଜ ପାଇଁ ଲଗାଇବା ପାଇଁ ତା'ର ଅହେତୁକ ଲୋଭ ଥାଏ । ଉକ୍ତ ଲୋଭକୁ କାବୁରେ ରଖିବା ପାଇଁ ଅନେକ ନୀତି, ନିୟମ ଅନୁଷ୍ଠାନ ରହିଛି । ମୁଖ୍ୟ ଶାସକ ଉପର ଦୃଷ୍ଟି ରଖିବା ପାଇଁ ବିଧାନ ସଭା ଅଛି । ବିଧାନ ସଭା ଉପରେ ନଜର ରଖିବା ପାଇଁ ନ୍ୟାୟାଳୟ ଅଛି । ଦୁର୍ନୀତି – ଯାହାକି ଶାସକର ଶାସନରେ ରହିବା ପାଇଁ ଏକ ଅମୋଘ ଅସ୍ତ୍ର – ତାକୁ ରୋକିବା ପାଇଁ ମଧ୍ୟ ଅନେକ ନିୟମ ଓ ଅନୁଷ୍ଠାନ ଅଛି । ଗଣମାଧ୍ୟମ ଅଛି । ଲୋକପାଳ ଅଛି । ନ୍ୟାୟାଳୟ ଅଛି । କିନ୍ତୁ ଏଇ ଅନୁଷ୍ଠାନ ଗୁଡ଼ିକରେ ଯେଉଁମାନେ ବସିଛନ୍ତି ସେମାନେ ସଚ୍ଚୋଟ ରହିବା ଆବଶ୍ୟକ । ଯଦି ସେମାନେ ତାଙ୍କର ନିର୍ଦ୍ଧାରିତ ଦାୟିତ୍ୱ ନ ତୁଲାନ୍ତି ତେବେ ଗଣତନ୍ତ୍ର ବିପଦରେ ପଡ଼ିବା ସ୍ୱାଭାବିକ ।

ଗଣତନ୍ତ୍ର ପ୍ରତି କି କି ବିପଦ ରହିଛି ତାହା ଆଜିର ଆଲୋଚନାର ବିଷୟ ବସ୍ତୁ ।

ଗଣତନ୍ତ୍ରର ମୂଳଦୁଆ ହେଉଛି ନିର୍ବାଚନ । ଯଦି ନିର୍ବାଚନ ଅବାଧ ଓ ନିରପେକ୍ଷ ନ ରହେ ତେବେ ଗଣତନ୍ତ୍ରରେ ରାଜତନ୍ତ୍ରର ଅନୁପ୍ରବେଶ ଅବଶ୍ୟମ୍ଭାବୀ । ନିର୍ବାଚନ ପ୍ରକ୍ରିୟା ଅନେକ ପ୍ରକାରର ବିପଦର ସମ୍ମୁଖୀନ ହୁଏ । ପ୍ରଥମ ବିପଦଟି ହେଲା ଭୋଟ ତାଲିକା । ପ୍ରତ୍ୟେକ ସାବାଳକ ନାଗରିକର ଭୋଟ ଦେବା ଅଧିକାର ହେଉଛି ସମ୍ବିଧାନ ସମ୍ମତ । କିନ୍ତୁ ଯେ ପର୍ଯ୍ୟନ୍ତ ତାହାର ନାମ ଭୋଟର ତାଲିକାରେ ନାହିଁ ସେ ପର୍ଯ୍ୟନ୍ତ ଉକ୍ତ ଅଧିକାର ଅର୍ଥହୀନ । ଉଦାହରଣ ସ୍ୱରୂପ, ପ୍ରାଥମିକ ଶିକ୍ଷା ହେଉଛି ପ୍ରତ୍ୟେକ ଶିଶୁର ସାମ୍ବିଧାନିକ ଅଧିକାର । କିନ୍ତୁ ଯଦି ତାହାର ନାଁ ସ୍କୁଲ ରେଜିଷ୍ଟରରୁ ଅବୈଧ ଭାବରେ କାଟି ଦିଆଯାଏ, ତେବେ ସେହି ମୌଳିକ ଅଧିକାରଟି ଅର୍ଥହୀନ ।

ଯଦି ଜଣେ ନାଗରିକର ଭୋଟ ଦେବାର ଅଧିକାର ସମ୍ବିଧାନ ସ୍ୱୀକୃତ, ତେବେ ତାହାର ନାଁ ମଧ୍ୟ ଭୋଟର ତାଲିକାରେ ରହିବା ତାହାର ମୌଳିକ ଅଧିକାର । ସେଥିପାଇଁ ହାଇକୋର୍ଟ ଓ ସୁପ୍ରିମକୋର୍ଟ କହି ଆସୁଛନ୍ତି ଯେ, କୌଣସି ବ୍ୟକ୍ତିର ନାଁ ଯଦି ଭୋଟର ତାଲିକାରେ ଥାଏ ତେବେ ତାକୁ କାଟି ଦେବା ପୂର୍ବରୁ ଉକ୍ତ ବ୍ୟକ୍ତିକୁ କାରଣ ଦର୍ଶାଅ ନୋଟିସ ଦିଆଯିବା ଉଚିତ । ତାହାର ପକ୍ଷକୁ ଶୁଣାଯିବା ଉଚିତ । କିନ୍ତୁ ବର୍ତ୍ତମାନ ସମଗ୍ର ଭାରତରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ' ଦ୍ୱାରା ୧୩ କୋଟି ଲୋକଙ୍କର ନାଁ କାଟି ଦିଆ ଯାଇଛି । ତନ୍ମଧ୍ୟରୁ ଯେଉଁ ବ୍ୟକ୍ତିମାନେ ଆପତ୍ତି କରିଛନ୍ତି ସେମାନଙ୍କ ମଧ୍ୟରୁ ୯୩% ଲୋକଙ୍କର ନାଁ ପୁଣି ଥରେ ଯୋଡ଼ା ଯାଇଛି । ତେବେ ସେମାନଙ୍କର ନାଁ କାହିଁକି କଟାଗଲା ? କେଉଁ ନିୟମ ବଳରେ ସେମାନଙ୍କର ସାମ୍ବିଧାନିକ ଅଧିକାର ଏକ ପ୍ରଶାସନିକ ଚକ୍ରାନ୍ତ ଦ୍ୱାରା ଛଡ଼ାଇ ନିଆଗଲା ? ଯାହାଙ୍କର ଅଧିକାର ଗତ ନିର୍ବାଚନରେ ଚାଲିଗଲା, ସେମାନେ ପାଞ୍ଚ ବର୍ଷ ପାଇଁ କାହିଁକି ଏକ ଅବୈଧ ପ୍ରତିନିଧି ଦ୍ୱାରା ପରିଚାଳିତ ହେବେ ? ଜଣେ ବ୍ୟକ୍ତିର ଜୀବନରେ ପାଞ୍ଚ ବର୍ଷ କିଛି କମ୍ ସମୟ ନୁହେଁ ।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା, ନିର୍ବାଚନ କମିଶନ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିର ବୈଧତା, ନିର୍ବାଚନ କମିଶନମାନଙ୍କର କାର୍ଯ୍ୟଶୈଳୀ ଓ ସଚ୍ଚୋଟତା ଆଦି ବିଷୟଗୁଡ଼ିକ ବର୍ତ୍ତମାନ ଉଚ୍ଚତମ ନ୍ୟାୟାଳୟରେ ବିଚାରାଧୀନ । କିନ୍ତୁ ଏ ପ୍ରଶ୍ନଗୁଡ଼ିକୁ କେବଳ ବୈଧାନିକ ଦୃଷ୍ଟିରୁ ବିଚାର କରିବା ଯଥେଷ୍ଟ ନୁହେଁ । ଏହା ଫଳରେ ଗଣତନ୍ତ୍ର କିଭଳି ଭାବରେ ପ୍ରଭାବିତ ତାହା ହେଉଛି ବୃହତ୍ତର ପ୍ରଶ୍ନ । ଯଦି କ୍ଷମତାସୀନ ଦଳ ନିର୍ବାଚନ ଅଧିକାରୀଙ୍କୁ କବଳିତ କରି ନିର୍ବାଚନ ନିଜ ପକ୍ଷରେ ନେଇ ଯାଇ ପାରିବେ ତେବେ ପାଞ୍ଚ ବର୍ଷ ପାଇଁ କୌଣସି ଦଳ ବା ତାହାର ପ୍ରାର୍ଥୀ ଭୋଟରଙ୍କ ସହ ରହିବାର ଆବଶ୍ୟକତା କ'ଣ ? ବିଧାନସଭା ମାଧ୍ୟମରେ ସରକାରଙ୍କୁ ତାଙ୍କର କାର୍ଯ୍ୟକଳାପ ପାଇଁ ଉତ୍ତରଦାୟୀ କରିବାର ଆବଶ୍ୟକତା କ'ଣ ? ନିର୍ବାଚନୀ ଇସ୍ତାହାରର ଆବଶ୍ୟକତା କ'ଣ ? ନିର୍ବାଚନ ଭଳି ଏକ ବ୍ୟୟବହୁଳ ବ୍ୟବସ୍ଥାର ଆବଶ୍ୟକତା କ'ଣ ? ପ୍ରକାଶ ଥାଉ କି ଅନେକ ଏକଛତ୍ରବାଦୀ ରାଷ୍ଟ୍ର ନିୟମିତ ଭାବରେ ନିର୍ବାଚନ କରନ୍ତି ଓ ସେହି ପ୍ରାୟୋଜିତ ନିର୍ବାଚନରେ କେବଳ ସରକାରୀ ଦଳ ବା ବ୍ୟକ୍ତି ହିଁ ବାରମ୍ବାର ନିର୍ବାଚିତ ହୁଅନ୍ତି । ଯଦି ଭାରତରେ ମଧ୍ୟ ତାହା ଘଟେ, ତେବେ ଆମେ ନିଜକୁ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କହି ପାରିବା କି ?

ଯଦି ବୁଥ ଅକ୍ତିଆର ଯୋଗୁଁ ପୁନଃ ନିର୍ବାଚନର ଆବଶ୍ୟକତା ଥାଏ ଓ ତାହା ଯଦି ଏକ ଅପରାଧ ବୋଲି ବିବେଚିତ ହୁଏ, ତେବେ ଭୋଟର ତାଲିକା ଦ୍ୱାରା ନିର୍ବାଚନକୁ କାବୁ କରିବା ମଧ୍ୟ ଅନୁରୂପ ଭାବରେ ଏକ ଅପରାଧ । ଯେଉଁମାନେ ସେହି ପ୍ରକ୍ରିୟାର କାରକ ସେମାନେ ଅପରାଧୀ ନୁହନ୍ତି କି ? ଉକ୍ତ ପ୍ରକ୍ରିୟାରେ ହୋଇଥିବା ନିର୍ବାଚନ ମଧ୍ୟ ଅସିଦ୍ଧ ।

ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ଆଉ ଏକ ହତିଆର ହେଉଛି ବୁଥ୍ ଅକ୍ତିଆର କରିବା । ଯେତେବେଳେ ଭୋଟ ପ୍ରକ୍ରିୟା ବାଲଟ ପେପର ଦ୍ୱାରା ହେଉଥିଲା ସେତେବେଳେ କେତେକ ସ୍ଥାନରେ କିଛି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ବୁଥ ଭିତରେ ପ୍ରବେଶ କରି, ନିର୍ବାଚନ ଅଧିକାରୀମାନଙ୍କୁ ଭୟଭୀତ କରି ଜବରଦସ୍ତ କୌଣସି ଗୋଟିଏ ପ୍ରାର୍ଥିକୁ ଭୋଟ ଦେଇ ଦେଉଥିଲେ । ଏହାକୁ ପ୍ରତିହତ କରିବା ପାଇଁ ଓ ଭୋଟ ଗଣତିକୁ ତ୍ୱରାନ୍ୱିତ କରିବା ପାଇଁ ଇଭିଏମ ଉଦ୍ଭାବିତ ହେଲା । ଆଶା କରା ଯାଉଥିଲା ଯେ, ମେସିନ ଦ୍ୱାରା ଭୋଟ ଗ୍ରହଣ ହେଲେ ଆଉ ଅସାମାଜିକ ବ୍ୟକ୍ତିମାନେ ତାକୁ କାବୁ କରି ପାରିବେ ନାହିଁ । କିନ୍ତୁ ଇଭିଏମ ଉପରେ ମଧ୍ୟ ଅନେକ ସନ୍ଦେହ ରହିଛି । କିଛି ବିଶେଷଜ୍ଞ କୁହନ୍ତି ଯେ, ଇଭିଏମକୁ ପ୍ରଭାବିତ କରି ହେବ ନାହିଁ । ଆଉ କିଛି ଭାବନ୍ତି ଯେ, ଭୋଟ ଗ୍ରହଣ ବେଳେ ମେସିନକୁ ପ୍ରଭାବିତ କରି ନ ହେଲେ ମଧ୍ୟ ଗଣତି ସମୟରେ ଏହାକୁ ବଦଳାଇ ହେବ । କିନ୍ତୁ ମେସିନକୁ ଯଦି ବା ପ୍ରଭାବିତ କରାଯାଇ ପାରିବ ତାହା କେବଳ ସରକାର ହିଁ କରି ପାରିବେ । ତାହା ହେଲେ ସରକାରରେ ଥିବା ଦଳ ଆଉ କେବେ ନିର୍ବାଚନରେ ପରାଜିତ ହୋଇ ପାରିବେ ନାହିଁ । ନିର୍ବାଚନ ଏକ ପ୍ରହସନରେ ପରିଣତ ହେବ ।

ଭୋଟର ତାଲିକା ଦ୍ୱାରା ହେଉ ବା ମେସିନ ମାଧ୍ୟମରେ ହେଉ, ସରକାରୀ ଦଳ ନିର୍ବାଚନକୁ ନିଜ ଇଚ୍ଛା ଅନୁସାରେ ପରିଚାଳନା କରିବା ସମ୍ଭବ ହେବ ନାହିଁ ଯେ ପର୍ଯ୍ୟନ୍ତ ଭୋଟରମାନେ ସଜାଗ ରହିଥିବେ । ଯଦି ବୁଥରେ ବସିଥିବା ବିଭିନ୍ନ ଦଳର ପ୍ରତିନିଧିମାନେ ବା ଭୋଟ ଗଣତି କେନ୍ଦ୍ରରେ ଥିବା ପ୍ରତିନିଧିମାନେ ମେସିନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବେ ତେବେ ନିର୍ବାଚନ ଫଳାଫଳକୁ କେହି ଦଳ ପ୍ରଭାବିତ କରି ପାରିବ ନାହିଁ । ବିଭିନ୍ନ ଦଳର ବୁଥସ୍ତରୀୟ ଏଜେଣ୍ଟମାନେ ଭୋଟର ତାଲିକାକୁ ଯାଞ୍ଚ କରି ପ୍ରକୃତ ଭୋଟରମାନେ ସେଥିରେ ସ୍ଥାନ ପାଇଛନ୍ତି କି ନା ତାହା ତଦାରଖ କରନ୍ତି ତେବେ ଦଳମାନେ ତାକୁ ବିକୃତ କରି ପାରିବେ ନାହିଁ ।

ବର୍ତ୍ତମାନ ଆମେ ଆସିବା ଶେଷ ପ୍ରଶ୍ନକୁ । ଆମେ ଭୋଟର ତାଲିକାକୁ ଜଗି ପାରିବା । ଆମେ ଇଭିଏମକୁ ଜଗି ପାରିବା । କିନ୍ତୁ ଆମକୁ ଜଗିବ କିଏ ? ଯଦି ଭୋଟରମାନେ ଟଙ୍କା ନେଇ ଭୋଟ ଦିଅନ୍ତି ତେବେ ତାହାର ସମାଧାନ କ'ଣ ? ଏହା ସତ୍ୟ ଯେ, ନିର୍ବାଚନ ଆଇନ ଅନୁଯାୟୀ ନିର୍ବାଚନରେ ଟଙ୍କା ବାଣ୍ଟିବା ଏକ ଧର୍ତ୍ତବ୍ୟ ଅପରାଧ । ତାହାକୁ ଜଗିବା ପାଇଁ ନିର୍ବାଚନ କମିଶନ ସ୍ୱର୍ଗତ ଟି.ଏନ୍ ଶେଷନ ମହାଶୟ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ବ୍ୟବସ୍ଥା ଆରମ୍ଭ କରିଥିଲେ । ଜଣେ ପଦସ୍ଥ ଅଧିକାରୀ ପ୍ରାର୍ଥୀମାନଙ୍କର ନିର୍ବାଚନ ସମୟର ହିସାବ ତନଖି କରିବା ପାଇଁ ନିୟୋଜିତ ହୋଇ ଥାଆନ୍ତି । ପ୍ରାର୍ଥୀମାନେ ନିର୍ବାଚନ ସମୟରେ ତାଙ୍କୁ ତାଙ୍କର ଖର୍ଚ୍ଚର ଦୈନନ୍ଦିନ ହିସାବ ଦେବା ପାଇଁ ବାଧ୍ୟ । କିନ୍ତୁ ଉକ୍ତ ହିସାବରେ ସେମାନେ ଟଙ୍କା ବାଣ୍ଟିବା କଥା ଉଲ୍ଲେଖ କରନ୍ତି କି ? ପର୍ଯ୍ୟବେକ୍ଷକମାନେ ତାହା ଜାଣି ମଧ୍ୟ କ'ଣ କରନ୍ତି ? ତେବେ ଟଙ୍କା ବଣ୍ଟା ବିରୁଦ୍ଧରେ କେଉଁ ଦଳ ସ୍ୱର ଉତ୍ତୋଳନ କରିବ ? ଯିଏ ତାହା କରିବ ସେ ଭୋଟରମାନଙ୍କର ରୋଷର ଶିକାର ହେବ । ବିକୃତ ଭୋଟର ତାଲିକାଠାରୁ ଏହି ସମସ୍ୟା ଆହୁରି ବିପଜ୍ଜନକ ।

ଟଙ୍କା ନେଇ ଭୋଟ ଦେବା ଯେଭଳି ଏକ ଅପରାଧ, ଆଦୌ ଭୋଟ ନ ଦେବା ମଧ୍ୟ ଗଣତନ୍ତ୍ର ପ୍ରତି ଏକ ବିରାଟ ବିପଦ । ଅନେକ ଶିକ୍ଷିତ ବ୍ୟକ୍ତି ପ୍ରାର୍ଥୀମାନଙ୍କର ପୃଷ୍ଠଭୂମି ଦେଖି କାହାରିକୁ ଭୋଟ ନ ଦେବା ପାଇଁ ନିଷ୍ପତ୍ତି ନିଅନ୍ତି । ରାଜନୈତିକ ଦଳମାନେ ଏଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଜଣାଶୁଣା ଅପରାଧୀ ବା ଦୁଶ୍ଚରିତ୍ର ଲୋକଙ୍କୁ ଟିକେଟ ଦିଆଗଲେ ଭୋଟରମାନେ ବିରକ୍ତ ହେବା ସ୍ୱାଭାବିକ । ମାନ୍ୟବର ସୁପ୍ରିମ କୋର୍ଟ ସେଥିପାଇଁ ଭୋଟ ସମୟରେ 'ନୋଟା' ବା 'କାହାରିକୁ ନୁହେଁ' ବୋଲି ବାଲଟ ପେପର ବା ଇଭିଏମରେ ଏକ ବ୍ୟବସ୍ଥା ରଖିଛନ୍ତି । କିନ୍ତୁ ଏହା ସ୍ୱୀକାରଯୋଗ୍ୟ ଯେ, ଜଣେ ନାଗରିକ ଭୋଟ ନ ଦେବା ଏକ ନକାରାତ୍ମକ ଆଭିମୁଖ୍ୟ । ଦଳମାନେ ଅପରାଧୀମାନଙ୍କୁ ଟିକେଟ ଦେବାକୁ ସାହସ କରନ୍ତି ଯେତେବେଳେ ସେମାନେ ମନେ କରନ୍ତି ଯେ ଭୋଟରମାନେ ଅର୍ଥବଳ ବା ବାହୁବଳ ଦ୍ୱାରା ବଶୀଭୂତ ହେବେ । ଯଦି କୌଣସି ବିଧାନ ସଭା କ୍ଷେତ୍ର ରେ ଜନସାଧାରଣ ସଚେତନ ବୋଲି ଦଳମାନେ ଜାଣିବେ ତେବେ 'ନୋଟା' ଜାତୀୟ ନେତାଙ୍କୁ ପ୍ରାର୍ଥୀ କରିବାକୁ ସାହସ କରିବେ ନାହିଁ । ସଚେତନ ଭୋଟର ହିଁ ସୁସ୍ଥ ଗଣତନ୍ତ୍ରର ରକ୍ଷକ ।

ଆମେରିକାର ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନଙ୍କ ଭାଷାରେ 'ଗଣତନ୍ତ୍ର ଲୋକଙ୍କର, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ' ଉଦ୍ଦିଷ୍ଟ । ଯଦି ଭୋଟରମାନେ ନିଜର ଅଧିକାରକୁ ଜାଣି ଶୁଣି ପ୍ରତ୍ୟାଖ୍ୟାନ କରନ୍ତି ତେବେ ଗଣତନ୍ତ୍ର କାହା ପାଇଁ ? ଯଦି ଜଣେ ବ୍ୟକ୍ତି ନିଜର ସମ୍ପତ୍ତିକୁ ବାହାରେ ଫୋପାଡ଼ି ଦିଏ ତାହା ହେଲେ ତାହାକୁ କିଏ ସୁରକ୍ଷିତ ରଖିବ ?

# ସିଜେପିର ମହାବିକ୍ଷୋଭ

## ଜ୍ଞାନେଶଙ୍କ ଇସ୍ତଫା ଦାବି | ନେତୃତ୍ୱ ନେବେ ଅଜିଙ୍କ୍ୟ ସିନ୍ଦେ



- ଜନ୍ତର ମନ୍ତର ସମେତ ବିଭିନ୍ନ ସ୍ଥାନରେ 'ଜେଲ୍ ଭରୋ ଆନ୍ଦୋଳନ', ୧୧୦୦ରୁ ଅଧିକ ଅଟକ
- ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀକୁ ନେଇ ଚହଳ
- ରାଜଧାନୀରୁ ମାୟାନଗରୀ : ପ୍ରତିବାଦର ନିଆଁ

ନୂଆଦିଲ୍ଲୀ/ମୁମ୍ବାଇ,୧୦/୧୦ : ଦିଲ୍ଲୀର ଜନ୍ତର ମନ୍ତରଠାରେ ହେବାକୁ ଥିବା ସିଜେପିର ବିକ୍ଷୋଭ ପ୍ରଦର୍ଶନରେ ସିଜେପି ନେତା ଅଭିଜିତ୍ ଦିପ୍‌କେ, ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ପୋଲିସ ଅଟକ ପରେ ଆଜି ଆନ୍ଦୋଳନକୁ ଏକ ଶକ୍ତ ଝଟକା ଲାଗିଥିଲା କିନ୍ତୁ ସିଜେପି ମୁଖ୍ୟ ଅଭିଜିତ୍ ସୂଚନା ଦେଇ କହିଛନ୍ତି କି, ସେମାନେ ପୋଲିସ ହେପାଜତରେ ଥିବା ପର୍ଯ୍ୟନ୍ତ ସିଜେପିର ଅର୍ଗାନାଇଜେସନ୍ ଇନ୍‌ଚାର୍ଜ ଅଜିଙ୍କ୍ୟ ସିନ୍ଦେଙ୍କ ମାର୍ଗଦର୍ଶନରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜାରି ରହିବ ।

ମୁଖ୍ୟ ନିର୍ବାଚନ କମିସନର୍ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ନିର୍ବାଚନୀ ସଂସ୍କାରକୁ ନେଇ ସିଜେପି ପକ୍ଷରୁ ଆରମ୍ଭ ହୋଇଥିବା ଦେଶବ୍ୟାପୀ ଆନ୍ଦୋଳନ ଏବେ ତୀବ୍ର ରୂପ ଧାରଣ କରିଛି । ଦିଆଯାଇଥିବା ୪୮ ଘଣ୍ଟିଆ ଅଲ୍ଟିମେଟ୍ ସମୟସୀମା ଶେଷ ହେବା ପରେ, ଅକ୍ଟୋବର ୨ ତାରିଖରୁ ସିଜେପି ପକ୍ଷରୁ ଏହି 'ମହାବିକ୍ଷୋଭ' ଓ 'ଜେଲ୍ ଭରୋ ଆନ୍ଦୋଳନ'ର ଆହ୍ୱାନ ଦିଆଯାଇଥିଲା । ସିଜେପି ନେତୃବୃନ୍ଦଙ୍କ ଅନୁସାରେ, ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରଖିବା ପାଇଁ ଏହି ବିକ୍ଷୋଭ କରାଯାଉଛି ।

ଏହି ଆନ୍ଦୋଳନର ପ୍ରଭାବ ଦେଶର ବିଭିନ୍ନ ପ୍ରମୁଖ ସହରରେ ଦେଖିବାକୁ ମିଳିଛି । ଦିଲ୍ଲୀର ଐତିହାସିକ ଜନ୍ତରମନ୍ତରଠାରେ ହଜାର ହଜାର କାର୍ଯ୍ୟକର୍ତ୍ତା ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା । ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୁଲିସ ୧,୧୦୦ରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଅଟକ ରଖିଥିବା ଜଣାପଡ଼ିଛି । ମୁମ୍ବାଇର ଶିବାଜୀ ପାର୍କରେ ମଧ୍ୟ ବିଶାଳ ସମାବେଶ କରି ସିଜେପି ନେତାମାନେ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କ ବିରୋଧରେ ନାରାବାଜି କରିଥିଲେ । ଏହି ମହାବିକ୍ଷୋଭକୁ ନେଇ ଜାତୀୟ ତଥା ଆଞ୍ଚଳିକ ରାଜନୀତିରେ ବେଶ୍ ଚହଳ ସୃଷ୍ଟି ହୋଇଛି । ଆଗାମୀ ଦିନରେ ଯଦି ଦାବି ପୂରଣ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସିଜେପି ପକ୍ଷରୁ ଚେତାବନୀ ଦିଆଯାଇଛି ।

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କକରୋଚ ଜନତା ପାର୍ଟି ପକ୍ଷରୁ ନୂଆଦିଲ୍ଲୀର ଜନ୍ତର ମନ୍ତର ଠାରେ ଆୟୋଜିତ ମହାବିକ୍ଷୋଭକୁ ନେଇ ସରକାରୀ ଏବଂ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ, ସୌରଭ ଦାସ ଏବଂ ଆଶୁତୋଷ ରାଙ୍କାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ବିମାନ ପୃଷ୍ଠା-୭

## ନାଭି ପିଲେଙ୍କୁ ନୋବେଲ ଶାନ୍ତି ପୁରସ୍କାର



ଓସଲୋ/ଡର୍ବାନ,୧୦/୧୦ : ବିଶ୍ୱରେ ଶାନ୍ତି, ସମାନତା ଏବଂ ଆନ୍ତର୍ଜାତୀୟ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦକ୍ଷିଣ ଆଫ୍ରିକାର ଭାରତୀୟ ବଂଶୋଦ୍ଭବ ବିଚାରପତି ତଥା ମାନବାଧିକାର କର୍ମୀ ନଭନେଥେମ୍ "ନାଭି ପିଲେ"ଙ୍କୁ ପ୍ରତିଷ୍ଠିତ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି । ନରୱେର ଓସଲୋ ସ୍ଥିତ ନୋବେଲ କମିଟି ପକ୍ଷରୁ ଚଳିତ ବର୍ଷ ପାଇଁ ତାଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । ବିଶ୍ୱବ୍ୟାପୀ ଗଣସଂହାର, ଯୁଦ୍ଧ ଅପରାଧ ଏବଂ ମାନବିକତା ବିରୋଧୀ ଅପରାଧ ବିରୋଧରେ ଆଇନର ଅସ୍ତ୍ର ବ୍ୟବହାର କରି ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାରେ ତାଙ୍କର ଅତୁଳନୀୟ ଯୋଗଦାନ ପାଇଁ ଏହି ସର୍ବୋଚ୍ଚ ସମ୍ମାନ ଦିଆଯାଇଛି । ନୋବେଲ କମିଟିର ସୂଚନା ଅନୁଯାୟୀ, ନାଭି ପିଲେ ଆନ୍ତର୍ଜାତୀୟ ଆଇନ ବ୍ୟବସ୍ଥାରେ ଏକ ବଡ଼ ସଂଶୋଧନ ଆଣିଛନ୍ତି । ରୁଆଣ୍ଡା ଗଣସଂହାରର ଆନ୍ତର୍ଜାତୀୟ ଅପରାଧିକ ଟ୍ରିବ୍ୟୁନାଲ୍ ର ବିଚାରପତି ଥିବା ସମୟରେ, ଯୁଦ୍ଧ ସମୟରେ ହେଉଥିବା ଧର୍ଷଣ ଏବଂ ଯୌନ ହିଂସାକୁ ଗଣସଂହାରର ଏକ ଅଂଶ ଭାବେ ସ୍ୱୀକୃତି ଦେଇ ସେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଥିଲେ । ପୂର୍ବରୁ ଏହାକୁ କେବଳ ଯୁଦ୍ଧର ପାର୍ଶ୍ୱ ପ୍ରଭାବ ବୋଲି ଧରାଯାଉଥିବା ବେଳେ ତାଙ୍କ ରାୟ ପରେ ଏହା ଏକ ଗୁରୁତର ଆନ୍ତର୍ଜାତୀୟ ଅପରାଧର ମାନ୍ୟତା ପାଇଛି । ୧୯୪୧ ମସିହାରେ ଦକ୍ଷିଣ ଆଫ୍ରିକାର ଡର୍ବାନରେ ପୃଷ୍ଠା-୭

## ୯.୨୪ କୋଟି ଠକେଇ ମାମଲାରେ ଆଉ ୩ ସରକାରୀ ବାବୁ ଗିରଫ

- ଭିଜିଲାନ୍ସ ଜାଲରେ ଟ୍ରେଜେରୀ ଆକାଉଣ୍ଟାଣ୍ଟ, ସିନିୟର ଆସିଷ୍ଟାଣ୍ଟ ଓ ପିଅନ
- ଫୋନ୍‌ପେ ମାଧ୍ୟମରେ ଚାଲିଥିଲା ଲାଞ୍ଚ କାରବାର, ମୋଟ ଗିରଫ ସଂଖ୍ୟା ୯କୁ ବୃଦ୍ଧି

ଭୁବନେଶ୍ୱର,୧୦/୧୦(ଜେଏନ୍‌ଏସ୍): ରାଜଧାନୀ ଭୁବନେଶ୍ୱରର ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ-୧ କାର୍ଯ୍ୟାଳୟରେ ଘଟିଥିବା ବହୁ ଚର୍ଚ୍ଚିତ ୯ କୋଟି ୨୪ ଲକ୍ଷ ଟଙ୍କାର ସରକାରୀ ପାଣ୍ଠି ହେରଫେର ମାମଲାରେ ଓଡ଼ିଶା ଭିଜିଲାନ୍ସକୁ ମିଳିଛି ବଡ଼ ସଫଳତା । ଦୁର୍ନୀତି ବିରୋଧରେ କଡ଼ା ପ୍ରହାର କରି ଭିଜିଲାନ୍ସ ବିଭାଗ ଆଜି ଏହି ଜାଲିଆତିରେ ସମ୍ପୃକ୍ତ ଥିବା ଆଉ ୩ ଜଣ ସରକାରୀ କର୍ମଚାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱରର ସ୍ପେଶାଲ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି । ଏହି ବୃହତ ସ୍କାମ୍‌ରେ ବର୍ତ୍ତମାନ ସୁଦ୍ଧା ସର୍ବମୋଟ ଗିରଫଦାରୀ ସଂଖ୍ୟା ୯ରେ ପହଞ୍ଚିଛି । ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ଗିରଫ ହୋଇଥିବା ତିନି ସରକାରୀ କର୍ମଚାରୀ ହେଲେ କୃଷ୍ଣଚନ୍ଦ୍ର ବେହେରା – ସିନିୟର ଆକାଉଣ୍ଟାଣ୍ଟ (ଜିଲ୍ଲା ଟ୍ରେଜେରୀ, ଭୁବନେଶ୍ୱର), ବିଶ୍ୱନାଥ ଦାସ – ସିନିୟର ଆସିଷ୍ଟାଣ୍ଟ (ଆର ଆଣ୍ଡ ବି ଡିଭିଜନ-୧) ଏବଂ କୁମୁଦ ସାହୁ – ଅଫିସ ପିଅନ (ଆର ଆଣ୍ଡ ବି ଡିଭିଜନ-୧) । ଭିଜିଲାନ୍ସର ଆଣ୍ଟି-କରପସନ ପୃଷ୍ଠା-୭

## ଦଶହରାରେ ପ୍ରବଳ ବର୍ଷା ଆଶଙ୍କା

**ବଙ୍ଗୋପସାଗରରେ ସକ୍ରିୟ ହେଉଛି ଆଉ ଏକ ଲଘୁଚାପ**

ଭୁବନେଶ୍ୱର, ୧୦/୧୦ (ଜେଏନ୍‌ଏସ୍) : ରାଜ୍ୟରେ ଦୁର୍ଗାପୂଜା ମାହୋଲ ଜମି ଆସୁଥିବା ବେଳେ ପୂଜାପ୍ରେମୀ ଓ ବ୍ୟବସାୟୀଙ୍କ ପାଇଁ ପାଣିପାଗ ବିଭାଗ ଏକ ଚିନ୍ତାଜନକ ଖବର ଦେଇଛି । ଅକ୍ଟୋବର ୧୩ ତାରିଖ ଆଡ଼କୁ ବଙ୍ଗୋପସାଗରରେ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଯାଉଛି, ଯାହା ଚଳିତ ବର୍ଷର ଦଶହରା ଓ ଦୁର୍ଗାପୂଜା ଉତ୍ସବକୁ ସମ୍ପୂର୍ଣ୍ଣ ଭାବେ ଫିକା କରିଦେଇପାରେ । ମା'ଙ୍କ ଆଗମନ ସମୟରେ ଅର୍ଥାତ୍ ମହାଷଷ୍ଠୀରୁ ନେଇ ବିଜୟା ଦଶମୀ ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ସାମୁଦ୍ରିକ ବାତ୍ୟା ପ୍ରକ୍ରିୟା ସକ୍ରିୟ ରହିଛି, ଯାହା ଆସନ୍ତା ଅକ୍ଟୋବର ୧୩ ସୁଦ୍ଧା ପୃଷ୍ଠା-୭

# ଛାତ୍ର ସଂସଦ ନିର୍ବାଚନ

## କ୍ୟାମ୍ପସରେ ଗୋଷ୍ଠୀ ସଂଘର୍ଷ, 'ସାଇନ୍ ଡାଏ' ଘୋଷଣା

### କ୍ୟାମ୍ପସରେ ନିର୍ବାଚନ ଉଷ୍ମତା



- ପ୍ରାର୍ଥୀ ତାଲିକା ପ୍ରକାଶ ପରେ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା
- ୩୪୧ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ଯାଞ୍ଚ ପ୍ରକ୍ରିୟା ଜାରି
- ୧୪ରେ 'ହ୍ୱାଏ ଆଇ ଷ୍ଟାଣ୍ଡ ଫର୍' ବୈଠକ ଏବଂ ୧୫ରେ ପଡ଼ିବ ଭୋଟ୍

ଭୁବନେଶ୍ୱର, ୧୦/୧୦ (ଜେଏନ୍‌ଏସ୍) : ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବାତାବରଣ ସମ୍ପୂର୍ଣ୍ଣ ସରଗରମ ହୋଇଉଠିଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରାର୍ଥୀମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଓ ୧୩ଟି ବିଶ୍ୱବିଦ୍ୟାଳୟକୁ ମିଶାଇ ସର୍ବମୋଟ ୩୪୧ଟି ଅନୁଷ୍ଠାନରେ ଏହି ଗଣତାନ୍ତ୍ରିକ ପ୍ରକ୍ରିୟା ଚାଲିଛି । ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ଗତକାଲି (ଶୁକ୍ରବାର) ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ କଲେଜ ଓ ବିଶ୍ୱବିଦ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏହାପରେ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନ ପୃଷ୍ଠା-୭

### ଯାଞ୍ଚ ପ୍ରକ୍ରିୟା ଶେଷ ୧୧୭୫ ଆବେଦନ ଖାରଜ

ଦୀର୍ଘ ୯ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଯାଉଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ କ୍ୟାମ୍ପସ ରାଜନୀତି ଅତ୍ୟନ୍ତ ସରଗରମ ହୋଇଉଠିଛି । ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନାମାଙ୍କନ ଯାଞ୍ଚ ପରେ ୧,୧୭୫ଟି ପ୍ରାର୍ଥିପତ୍ର ନାକଚ ହୋଇଯାଇଛି । ଏହାକୁ ନେଇ ସାରା ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ଅସନ୍ତୋଷ ଏବଂ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟର ୩୪୮ଟି କଲେଜ ଏବଂ ୧୩ଟି ବିଶ୍ୱବିଦ୍ୟାଳୟରେ ମୋଟ ୮,୩୨୫ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଯାଞ୍ଚ ପ୍ରକ୍ରିୟା ପରେ ନିୟମ ଅନୁଯାୟୀ ୧,୧ ୭୫ ଜଣଙ୍କ ଆବେଦନକୁ ଖାରଜ କରାଯାଇଛି । ବର୍ତ୍ତମାନ ରାଜ୍ୟରେ ୭,୧୬୮ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ବୈଧ ଭାବେ ରହିଛନ୍ତି । କଲେଜ ସ୍ତରରେ ୧,୬୨୦ ଜଣ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ୩୩ ଜଣ ପ୍ରାର୍ଥୀ (ସର୍ବମୋଟ ୧,୬୫୩ ଜଣ) ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇସାରିଛନ୍ତି । ବର୍ତ୍ତମାନ ସୁଦ୍ଧା ସଭାପତି ପଦବୀ ପାଇଁ ୧,୧୪୯ ଜଣ ଏବଂ ସାଧାରଣ ସମ୍ପାଦକ ପଦବୀ ପାଇଁ ୭୫୮ ଜଣ ବୈଧ ପ୍ରାର୍ଥୀ ରହିଛନ୍ତି ।

### ପ୍ରାର୍ଥୀପତ୍ର ନାକଚ ପରେ ଉତ୍ତେଜନା

ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ବାଣିଜ୍ୟ ବିଭାଗରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରିବାରେ ବିଳମ୍ବକୁ ନେଇ ଛାତ୍ର ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ପରିସ୍ଥିତି ନିୟନ୍ତ୍ରଣ ପାଇଁ କ୍ୟାମ୍ପସରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । କଟକ ଶୈଳବାଳା ମହିଳା କଲେଜରେ ଏବିଭିପି ସମର୍ଥିତ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଛାତ୍ରୀମାନେ କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ । ପରେ କର୍ତ୍ତୃପକ୍ଷଙ୍କ ବୁଝାସୁଝା ପରେ ତାଲା ଖୋଲାଯାଇଥିଲା । ନିମାପଡ଼ା ସ୍ୱୟଂଶାସିତ କଲେଜରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ୧୭ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହେବା ପରେ କ୍ୟାମ୍ପସ ଭିତରେ ଟାୟାର ଜଳାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହା ସହିତ ଛାତ୍ରମାନେ ଭୁବନେଶ୍ୱର-କୋଣାର୍କ ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି । ବାଲେଶ୍ୱର ଫକିର ମୋହନ ବିଶ୍ୱବିଦ୍ୟାଳୟରେ ମଧ୍ୟ ପୃଷ୍ଠା-୭

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ସାମାନ୍ୟ ପାଟିତୁଣ୍ଡରୁ ସାଙ୍ଗର ତଣ୍ଟି କାଟି ହତ୍ୟା, ବିଟୁ ଗିରଫ



ବ୍ରହ୍ମପୁର, ୧୦/୧୦ (ଜେଏନ୍ଏସ୍) : ପାର୍ବଣ ଆରମ୍ଭ ହେଉ ହେଉ ରକ୍ତରଞ୍ଜିତ ହୋଇଛି ରେଶମ ସହର। ସାମାନ୍ୟ ପାଟିତୁଣ୍ଡକୁ କେନ୍ଦ୍ର କରି ସାଙ୍ଗର ତଣ୍ଟି କାଟି ହତ୍ୟା କରିଛି ସାଙ୍ଗ। ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି ଗାଁରେ ଘଟିଥିବା ଏହି ହତ୍ୟାକାଣ୍ଡରେ ଟୁନା ନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଲିସ ତାଙ୍କ ସାଙ୍ଗ ବିଟୁ ସାହୁଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଟୁନା, ବିଟୁଙ୍କ ସମେତ ୪ ଜଣ ଏକାଠି ମଦ୍ୟପାନ କରୁଥିଲେ। କୌଣସି କଥାକୁ ନେଇ ଟୁନା ଓ ବିଟୁଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ଟୁନା ପ୍ରଥମେ ବିଟୁଙ୍କୁ ଚାପୁଡ଼ା ମାରିଥିବା କୁହାଯାଉଛି। ଏଥିରେ ଉତ୍ତ୍ୟକ୍ତ ହୋଇ ବିଟୁ ସ୍କୁଟିରେ ରଖିଥିବା ଛୁରୀରେ ଟୁନାଙ୍କ ବେକକୁ ଆକ୍ରମଣ କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ରକ୍ତାକ୍ତ ଅବସ୍ଥାରେ ଟୁନା ନିଜ ସମ୍ପର୍କୀୟଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ମେଡିକାଲ ନିଆଯାଇଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଅନ୍ୟପଟେ ପାର୍ବଣ ପାଇଁ ଚାଲିଥିବା ନାକା ଯାଞ୍ଚ ବେଳେ ପୁଲିସ ବିଟୁଙ୍କୁ ଧରିଥିଲା। ପରେ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଛୁରୀ ଜବତ କରାଯାଇଛି। ମୃତ ଟୁନାଙ୍କ ନାମରେ ନିମଖଣ୍ଡି ଥାନାରେ ୨ଟି ଓ ସଦର ଥାନାରେ ୬ଟି ସହ ମୋଟ ୮ ଟି ଅପରାଧିକ ମାମଲା ରହିଥିବା ବ୍ରହ୍ମପୁର ଏସ୍‌ପି ଅଭିନବ ସୋନକାର ସୂଚନା ଦେଇଛନ୍ତି। ଘଟଣାକୁ ନେଇ ନିମଖଣ୍ଡି ପୁଲିସର ଅଧିକ ତଦନ୍ତ ଜାରି ରହିଛି।

# ସେବା ସଂସ୍ଥାନ ଚିକିଟି ତରଫରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଅନ୍ନ ପ୍ରସାଦ ବଣ୍ଟନ



ଚିକିଟି, ୧୦/୧୦ (ଜେଏନ୍ଏସ୍) : ଚିକିଟି ସେବା ସଂସ୍ଥାନ ତରଫରୁ ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲରେ ରନ୍ଧନ ଖାଦ୍ୟରେ ଅନ୍ନ ଦାନ କରାଗଲା । ଏହି କାର୍ଯ୍ୟକ୍ରମରେ ସେବା ସଂସ୍ଥାନ ର ହୃଦୟ ବାନ ସଦସ୍ୟ ମନଙ୍କ ଅକ୍ଲାନ୍ତ ପରିଶ୍ରମ , ଯାହାକି ଆର୍ଥିକ ମାନସିକ ଓ ଶାରୀରିକ ଭାବେ ସମ୍ପୂର୍ଣ୍ଣ ସାହାର୍ଯ୍ୟ କରି , ଚିକିଟି ମାଟିର ଓ ଚିକିଟି ସେବା ସଂସ୍ଥାନ ର ଆଦର୍ଶ ଓ ଗୌରବ ର ପରିଚୟ ପାଇବାରେ ସକ୍ଷମ ହୋଇଛି । ଉପସ୍ଥିତ ଲୋକଙ୍କ ମୁଖ ରୁ ସୁନାମ ପ୍ରଶଂସା ମିଳିଛି । ସେବା ସଂସ୍ଥାନ ଅନେକ ସମୟରେ ଆଗରୁ ସମାଜ ସେବା କ୍ଷେତ୍ରରେ ବହୁତ୍ ଗୁଡ଼ିଏ ପ୍ରଶଂସନୀୟ କାର୍ଯ୍ୟ କରିଆସିଛି ଓ ଆଗକୁ ମଧ୍ୟ ଜାରି ରହିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି କ୍ଷ ମାନବ ସେବା ହିଁ ମାଧବ ସେବା ରେ ଅନୁପ୍ରାଣିତ ହୋଇ ଏହି ସେବା ସଂସ୍ଥାନ ଦୀର୍ଘ ୪ବର୍ଷ ହେଲା ବୃକ୍ଷରୋପଣ, ରକ୍ତଦାନ ଶିବିର, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ଅଗ୍ରଣୀ ଲାଭ କରିଛି। ତେଣୁ ଆଗାମୀ ଦିନରେ ଏହି ସେବା କାର୍ଯ୍ୟ କୁ କେବଳ ଗଞ୍ଜାମ ଜିଲ୍ଲାରେ ସୀମିତ ନ ରଖି ସାରା ରାଜ୍ୟକୁ ସେବା ଯୋଗାଇବ ବୋଲି ପ୍ରତିଷ୍ଠାତା କେ ସିମାଞ୍ଚଳ ତାଙ୍କ ବକ୍ତବ୍ୟ ରେ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେବା ସଂସ୍ଥାନ ର ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ଉପଦେଷ୍ଟା ପି ରାମାରାଓ ସୁବୁଦ୍ଧି, ଶିବଶଙ୍କର ବେହେରା, ମାଧବ ନାୟକ, ଗୌତମ ବେହେରା, ଜିତୁ ମହାରଣା, ଅଶୋକ ମୂଳି, ରାଜେଶ ପ୍ରଧାନ, ଶଙ୍କର ବେହେରା, ବସନ୍ତ ଗୌଡ଼ ଏବଂ ଆଦିତ୍ୟ ଦୋରା ସମେତ ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ପୂର୍ଣ୍ଣ ସହଯୋଗ କରିଥିଲେ।

# ଅକ୍ଟୋବର ୮ ଓଡ଼ିଶା ବନ୍ଦକୁ ନେଇ ବିରୋଧୀ ଦଳଙ୍କ ସାମ୍ବାଦିକ ସମ୍ମିଳନୀ

କଳାହାଣ୍ଡି, ୧୦/୧୦ (ଗୁପ୍ତେଶ୍ୱର ହାତୀ) : ଆସନ୍ତା ଅକ୍ଟୋବର ୮ ତାରିଖରେ ଓଡ଼ିଶା ବନ୍ଦ ପାଇଁ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର, ଏସ୍ଆଇଆର୍ ପ୍ରକ୍ରିୟାକୁ ନେଇ ଉଠିଥିବା ପ୍ରଶ୍ନ, ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ତ୍ରୁଟି ଏବଂ ବନ୍ୟା ପରିଚାଳନା ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ କଳାହାଣ୍ଡି ଜିଲ୍ଲାରେ କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଗଗଉଜ ସଂଶୋଧିତ ଆଇନ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ଏହି ଆଇନ

**ଏମ୍ଏମ୍‌ଡ଼ିଆର୍ ଆଇନ, ଏସ୍ଆଇଆର୍, ପାଠ୍ୟପୁସ୍ତକ ତ୍ରୁଟି ଓ ବନ୍ୟା ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ**

ଲାଗୁ ହେଲେ ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ଓ ଖଣିଜ ରାଜସ୍ୱ ପ୍ରଭାବିତ ହୋଇପାରେ ବୋଲି ନେତାମାନେ ଅଭିଯୋଗ କରିଥିଲେ। ଏହି ପ୍ରସଙ୍ଗରେ ବିରୋଧୀଙ୍କ ଦାବିକୁ ଶାସକ ଦଳ ପକ୍ଷରୁ ଖଣ୍ଡନ କରାଯାଇଛି। ସେହିପରି, ଏସ୍ଆଇଆର୍ ପ୍ରକ୍ରିୟାକୁ ନେଇ ମଧ୍ୟ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିଲେ। ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ସହ ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଆସ୍ଥା ଅକ୍ଷୁଣ୍ଣ ରଖିବାକୁ ସେମାନେ ଦାବି କରିଥିଲେ। ଇଣ୍ଡିଆ ବ୍ଲକ୍ ପକ୍ଷରୁ ଏହି ପ୍ରସଙ୍ଗରେ ଉରଉ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନର ଦାବି ମଧ୍ୟ କରାଯାଇଛି। ବିଦ୍ୟାଳୟ ଶିକ୍ଷା ପ୍ରସଙ୍ଗରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକରେ କଥିତ ତ୍ରୁଟି, ଶିକ୍ଷକ ଅଭାବ ଓ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ସମସ୍ୟାକୁ ନେଇ ମଧ୍ୟ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଥିଲେ। ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡଙ୍କ ଇସ୍ତଫା ଦାବି ଇଣ୍ଡିଆ ବ୍ଲକ୍‌ର ମୁଖ୍ୟ ଦାବି ମଧ୍ୟରେ ରହିଛି। ସରକାର ପକ୍ଷରୁ ଏହି ତ୍ରୁଟି ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ଓ କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଥିବା କୁହାଯାଇଛି। ଏଥିସହ ଚଳିତ ବର୍ଷ ବନ୍ୟାରେ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ, କୃଷି କ୍ଷୟକ୍ଷତିର ଭରଣା ଏବଂ କୃଷି ଋଣ ଛାଡ଼ ଭଳି ଦାବି ମଧ୍ୟ ଉଠାଯାଇଥିଲା। ବନ୍ୟା ପରିଚାଳନା ଓ ରିଲିଫ୍ ବ୍ୟବସ୍ଥାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ଇଣ୍ଡିଆ ବ୍ଲକ୍ ପକ୍ଷରୁ ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ସହ ଏହାକୁ ସଫଳ କରିବା ପାଇଁ ଲୋକଙ୍କ ସମର୍ଥନ ଲୋଡ଼ାଯାଇଛି।

ଅକ୍ଟୋବର ୮ ର ବନ୍ଦକୁ ସଫଳ କରିବା ପାଇଁ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଦଳୀୟ ଭାବେ ପ୍ରସ୍ତୁତି ଆରମ୍ଭ ହୋଇଛି। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଜିଲ୍ଲା ସଭାପତି ଜଳନ୍ଧର ନାଏକ, କଳାହାଣ୍ଡି ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ବିଧାୟକ ଭୁଜବଳ ମାଝୀ, ବରିଷ୍ଠ କଂଗ୍ରେସ ନେତା ଧନୁର୍ଦ୍ଧର ଗହୀର, ଶ୍ରୀବତ୍ସ ପ୍ରଧାନ, ଇନ୍ଦ୍ରଜିତ ମହାକୁଡ଼, ସିଦ୍ଧାର୍ଥ ନାଏକ, ସୁକାନ୍ତି ସରାଫ, ସନ୍ତୋଷ ପ୍ରଧାନ ଓ ଲିଙ୍ଗରାଜ ନାଏକ, କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସିପିଆଇ(ଏମ୍) ପକ୍ଷରୁ ସଞ୍ଜୟ ସୁନାନୀ ଏବଂ କଳାହାଣ୍ଡି ଜିଲ୍ଲା ସମାଜବାଦୀ ପାର୍ଟି ସଭାପତି ଜଗଦିଶ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ନେଇ ଅକ୍ଟୋବର ୮ ର ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ାଯାଇଥିଲା।

# କାର୍ଯ୍ୟାଳୟ ଅଛି, ମିଳୁନି ରାଜସ୍ୱ ସେବା

## ବହୁବର୍ଷ ଧରି ଅଚଳ ଦୁର୍ଗାପଙ୍ଗା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, କେବେ ପଡ଼ିବ ପ୍ରଶାସନର ନଜର ?



କୋଟଗଡ଼, ୧୦/୧୦ (ତ୍ରନିକ ମାଝୀ): ଲୋକଙ୍କ ନିକଟରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ନିର୍ମାଣ ହୋଇଛି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ। ହେଲେ କାର୍ଯ୍ୟାଳୟ ଅଛି, ମିଳୁନି ସେବା। କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ୍ ଅନ୍ତର୍ଗତ ଦୁର୍ଗାପଙ୍ଗାଠାରେ ନିର୍ମିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଫଳରେ ଦୁର୍ଗାପଙ୍ଗା ଓ ଏହାର ଆଖପାଖ ଅଞ୍ଚଳର ଲୋକେ ସାମାନ୍ୟ ରାଜସ୍ୱ କାମ ପାଇଁ ମଧ୍ୟ କୋଟଗଡ଼ ଯିବାକୁ ବାଧ୍ୟ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବହୁବର୍ଷ ପୂର୍ବରୁ ଦୁର୍ଗାପଙ୍ଗାଠାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। ହେଲେ ନିୟମିତ ଭାବେ କାର୍ଯ୍ୟକ୍ଷମ ନ ହେବାରୁ ସରକାରୀ ଅର୍ଥରେ ନିର୍ମିତ ଏହି କୋଠା ଏବେ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। କାର୍ଯ୍ୟାଳୟ ପରିସରରେ ଘାସଲତା ଓ ଜଙ୍ଗଲ ବଢ଼ିଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ, ରାଜସ୍ୱ ରେକର୍ଡ, ବିଭିନ୍ନ ପ୍ରମାଣପତ୍ର ସମେତ ଅନ୍ୟାନ୍ୟ ରାଜସ୍ୱ ସେବା ପାଇଁ ଲୋକଙ୍କୁ କୋଟଗଡ଼ ଯିବାକୁ ପଡୁଛି। ଦୂରଦୂରାନ୍ତ ଗ୍ରାମର ଲୋକଙ୍କ ପାଇଁ ଏହା ଅତିରିକ୍ତ ସମୟ ଓ ଅର୍ଥ ଖର୍ଚ୍ଚର କାରଣ ପାଲଟିଛି। ବିଶେଷକରି ବୃଦ୍ଧ, ମହିଳା ଓ ଦୂର ଗ୍ରାମର ଲୋକେ ଅଧିକ ହଇରାଣ ହେଉଥିବା ସ୍ଥାନୀୟବାସୀ କହିଛନ୍ତି। ସରକାରୀ ଅର୍ଥରେ କାର୍ଯ୍ୟାଳୟ ନିର୍ମାଣ ହୋଇଥିବା ସତ୍ତ୍ୱେ ଏହା କାହିଁକି କାର୍ଯ୍ୟକ୍ଷମ ହେଉନାହିଁ, ତାହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ଲୋକଙ୍କ ନିକଟରେ ରାଜସ୍ୱ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ନିର୍ମିତ କାର୍ଯ୍ୟାଳୟ ଯଦି ଅଚଳ ହୋଇ ରହିବ, ତେବେ ଏହାର ନିର୍ମାଣର ଉଦ୍ଦେଶ୍ୟ କ'ଣ ବୋଲି ସ୍ଥାନୀୟବାସୀ ପ୍ରଶ୍ନ କରିଛନ୍ତି। ଦୁର୍ଗାପଙ୍ଗା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରି ନିୟମିତ ରାଜସ୍ୱ ସେବା ଯୋଗାଇଦେବା ସହ କାର୍ଯ୍ୟାଳୟ ପରିସର ସଫାସୁତରା କରିବାକୁ ସ୍ଥାନୀୟ ଲୋକେ ପ୍ରଶାସନ ଓ ରାଜସ୍ୱ ବିଭାଗ ନିକଟରେ ଦାବି କରିଛନ୍ତି। ଏବେ ପ୍ରଶାସନ କେବେ ଏ ଦିଗରେ ପଦକ୍ଷେପ ନେଉଛି, ତାହାକୁ ଅପେକ୍ଷା।

# ବିଜେଡ଼ି ନେତା ଦିଲିପ ନାୟକଙ୍କର ଜନ ସଂପର୍କ ପଦଯାତ୍ରା



ନିମାପଡ଼ା, ୧୦/୧୦ (ଜେଏନ୍ଏସ୍) : ଅକ୍ଟୋବର ୨ରେ ବିଜେଡ଼ି ନିମାପଡ଼ା ବ୍ଲକ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ନିର୍ବାଚନ ମଣ୍ଡଳୀର ନେତା ଦିଲିପ ନାୟକଙ୍କ ବଡ଼ ଧରଣର ଜନସଂପର୍କ ପଦଯାତ୍ରାରେ ଶହ ଶହ କର୍ମୀ ସାମିଲ ହୋଇଥିଲେ। ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହରିପୁରଠାରୁ ବିରାଟ ପଦଯାତ୍ରା ଆରମ୍ଭ ହୋଇ ଯୁବ ନେତା ମାନସ ପ୍ରଧାନଙ୍କ ନେତୃତ୍ୱରେ ନିମାପଡ଼ା ପର୍ଯ୍ୟନ୍ତ ଆସିଥିଲା। ଖୋଲା ଜିପ୍‌ରେ ଦିଲୀପ ନାୟକ ବସି ହରିପୁରଠାରୁ ନିମାପଡ଼ା ପର୍ଯ୍ୟନ୍ତ ବିଭିନ୍ନ ଛକ ଜାଗାରେ ଅଟକି ବିଜେଡ଼ି ସମର୍ଥକମାନଙ୍କ ଠାରୁ ସମ୍ବର୍ଦ୍ଧନା ଗ୍ରହଣ କରିବା ସହ ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ଏବଂ ନବୀନ ପଟ୍ଟନାୟକ ସହିତ ରୁହ ପୁଣି ନବୀନବାବୁଙ୍କ ଲୋକପ୍ରିୟ ସରକାର ଶାସନ କ୍ଷମତାକୁ ଖୁବ୍‌ଶୀଘ୍ର ଫେରିବ ସଂଗ୍ରାମ ଜାରି ରଖ ବୋଲି ଶ୍ରୀ ନାୟକ ଆଜି ନିମାପଡ଼ା ବିଜେଡ଼ି କର୍ମୀମାନଙ୍କୁ ଆଶ୍ୱସନା ଦେଇଥିଲେ। ଶ୍ରୀ ନାୟକ ନିମାପଡ଼ାରେ ଥିବା ମହାପୁରୁଷମାନଙ୍କ ଓ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଟାଉନହଲଠାରେ ଜନସଭାକୁ ସମ୍ବୋଧନ କରି ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଦିଲିପ ନାୟକଙ୍କ ପ୍ରତି ବିଜେଡ଼ିର ନିମାପଡ଼ା ବ୍ଲକର ୨୧ ଟି ପଞ୍ଚାୟତ ସଭାପତି ଏବଂ ବିଜେଡ଼ିର ବରିଷ୍ଠ ନେତା ସମର୍ଥନ ଜଣାଇଛନ୍ତି । ଏହି ସଭାରେ ପୂର୍ଣ୍ଣଚନ୍ଦ୍ରସାହୁ, ଦିଲିପ ପାତ୍ର, ଅଜୟ ଭୋଇ ଗୋପ ବ୍ଲକ ଅଧକ୍ଷା ଝୁନୁଲତା ମଳିକ। ଆସନ୍ତା ଦିନରେ ଗୋପ, ବଳଙ୍ଗା ଏବଂ ଚାରିଛକ ଠାରେ ଦିଲିପ ନାୟକ ଜନସଂପର୍କ ପଦଯାତ୍ରା କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ଡିସେମ୍ବରରେ ଓଡ଼ିଶାରେ ହେବ କ୍ରୀଡ଼ାର ମହାକୁମ୍ଭ



## ଭାଗନେବେ ଦେଶର କ୍ରୀଡ଼ାବିତ୍

ବ୍ରହ୍ମପୁର, ୧୦/୧୦ (ଜେଏନ୍ଏସ୍) : ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆପଣଙ୍କ ନିକଟରେ କେତେ ଧନ ସମ୍ପତ୍ତି ଥାଉ ଆପଣ କେତେ ବଡ଼ ପ୍ରତିଭାଶାଳୀ ଓ କ୍ଷମତାଶାଳୀ ବ୍ୟକ୍ତି ହୋଇଥାଇ ପାର। କିନ୍ତୁ ସ୍ୱାସ୍ଥ୍ୟ ଯଦି ଠିକ୍ ନୁହେଁ ତେବେ ଏହା ସବୁ ବେକାର। ସୁସ୍ଥ ଶରୀର ଓ ନିରାମୟ ଜୀବନ ବର୍ତ୍ତମାନ ଯୁଗରେ ନିତାନ୍ତ ଆବଶ୍ୟକ। ଅତୀତରେ ମୋବାଇଲ ଇଣ୍ଟରନେଟ ଠାରୁ ଦୂରରେ ରହି ସାଙ୍ଗସାଥୀ ମେଳରେ ଶୃଙ୍ଖଳିତ ଜୀବନଯାପନ ଅତିବାହିତ ହେଉଥିଲା। ବର୍ତ୍ତମାନ ତାହା ଆଉ ଦେଖିବାକୁ ମିଳେ ନାହିଁ। ପୂର୍ବରୁ ଦେଖିବାକୁ ମିଳୁଥିବା ଅଧିକାଂଶ ଖେଳ କସରତ ଆଦି ଲୁପ୍ତପ୍ରାୟ। ସେହି ଲୁପ୍ତପ୍ରାୟ ଖେଳକୁଦ ଓ ପ୍ରତିଭାମାନଙ୍କୁ ଖୋଜି ବାହାର କରି ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସୁଯୋଗ ଦେବାର ପ୍ରୟାସ ଆରମ୍ଭ କରିଛି ଅଲ୍ ଓଡ଼ିଶା ଜିମ ଆସୋସିଏସନ୍। ଆସୋସିଏସନ୍ ପକ୍ଷରୁ ବ୍ରହ୍ମପୁର ଗୋକୁଳଧାମ ସ୍ଥିତ ଟାଇଟନ ଟ୍ରାକ ଜିମ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଆସନ୍ତା ଡ଼ିସେମ୍ବର ୪ ରୁ ୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡା ଖେଳ ପଡିଆ ଠାରେ ଜାତୀୟ ସ୍ତରୀୟ ବୃହତ ସ୍ପୋର୍ଟସ ଫେଷ୍ଟିଭାଲ ର ଆୟୋଜନ କରାଯିବ। ଏହି ଦିନ ମାନଙ୍କରେ ମାଟି କୁସ୍ତି, ବକ୍ସିଂ, ମାରାଥନ,ବଡିବିଲ୍ଡିଙ୍ଗ ସମେତ ଅଲମ୍ପିକ୍ସ ଓ ନନ୍ ଅଲମ୍ପିକ୍ସ ଖେଳ ଆୟୋଜନ ହେବ। ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ଦେଶର ସବୁ ଜାଗାର ପ୍ରତିଯୋଗିଙ୍କୁ ଏକାଠି କରିବା ସଂଘର ଲକ୍ଷ୍ୟ। ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ଲକ୍ଷାଧିକ ଟଙ୍କା ପୁରସ୍କୃତ କରି ସମ୍ମାନିତ କରି ଆନ୍ତର୍ଜାତୀୟ ସ୍ତରରେ ସୁଯୋଗ ଦେବାର ମୂଳ ଲକ୍ଷ୍ୟ ଏବଂ ଉତ୍କଳର ଗର୍ବକୁ ପ୍ରତିପାଦିତ କରି ଏହି କ୍ରୀଡା ମହାକୁମ୍ଭକୁ ଉତ୍କଳ କେଶରୀ ନାମରେ ନାମିତ କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଜଗତର ଶ୍ରେଷ୍ଠ ତାରକା ଅଲିମ୍ପିଆନ ଦୂତି ଚାନ୍ଦ, ସାଧାରଣ ସମ୍ପାଦକ ଦ୍ୱିତୀକୃଷ୍ଣ ବେହେରା, ରାନୁ ମହାନ୍ତି, ଭବାନୀ ଶଙ୍କର ସାହୁ, ଯୁଗ୍ମ ସମ୍ପାଦିକା ରାମେଶ୍ୱରୀ ନନ୍ଦଙ୍କ ସମେତ ବହୁ ପ୍ରତିଭାମାନ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ। ମୁଖ୍ୟ ଆକର୍ଷକ ଦୂତି ଚାନ୍ଦ କହିଥିଲେ ସମସ୍ତ କ୍ରୀଡା ପ୍ରତିଯୋଗିକୁ ଗୋଟିଏ ମଞ୍ଚରେ ଏକାଠି କରିବା ଓ ଶାରୀରିକ ସୁସ୍ଥତା ତଥା କ୍ରୀଡ଼ା ପ୍ରତି ଆଗ୍ରହ ବଢାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶାରେ ଥିବା ପାଖାପାଖି ୨୦୦୦ ଜିମ୍ ଏବଂ ଓଡ଼ିଶାବାସୀଙ୍କ ଭଲ ପାଇବା ଓ ସେମାନଙ୍କ ଆର୍ଶୀବାଦରୁ ଏହା ସଫଳ ହେବ ବୋଲି ପ୍ରକାଶ କରିଛନ୍ତି।

# ଅନଲାଇନ ଠକେଇ ଘଟଣା: ଅଭିଯୁକ୍ତକୁ ତିନି ବର୍ଷ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର, ୧୦/୧୦ (ଜେଏନ୍ଏସ୍) : ନବରଙ୍ଗପୁର ଉପଖଣ୍ଡିୟ ବିଚାର ବିଭାଗୀୟ ବିଚାରପତି ସୌମ୍ୟ ଶଙ୍କର ମହାନ୍ତ ଏକ ଅନ୍‌ଲାଇନ ଠକେଇ ଘଟଣାର ବିଚାର କରି ଅଭିଯୁକ୍ତ ଅଜୟ କୁମାର ପାଉଲକୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦,୦୦୦ ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ୩ ମାସର ଅତିରିକ୍ତ କାରାଦଣ୍ଡରେ ଦଣ୍ଡିତ କରିବାକୁ ରାୟ ଦେଇଛନ୍ତି । ସୂଚନା ଅନୁଯାୟୀ, ଗତ ୦୭.୧୧.୨୦୨୫ ତାରିଖ ଦିନ ତେନ୍ତୁଳୀଖୁଣ୍ଟି ଗ୍ରାମର ଭି. ପ୍ରଶାନ୍ତ କୁମାର କଟକ ସ୍ଥିତ ଆରକ୍ଷୀ ଅଧିକ୍ଷକ CID, କ୍ରାଇମ ବ୍ରାଞ୍ଚଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗରେ କେସ ନମ୍ବର ୩୮/୨୫ ଉକ୍ତ ଘଟଣାଟି ରେଜିଷ୍ଟର ହୋଇଥିଲା। ସେ କରିଥିବା ଅଭିଯୋଗ ପ୍ରକାରେ, ଗତବର୍ଷ ଅକ୍ଟୋବର ମାସର ପ୍ରଥମ ସପ୍ତାହରେ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା ଓ ଜଣେ ବ୍ୟକ୍ତି ସେୟାର ମାର୍କେଟରେ ଅର୍ଥ ବିନିଯୋଗ କରିବା ପାଇଁ ପ୍ରଲୋଭନ ଦେଖାଇଥିଲା । ସେହି ଅଜଣା ବ୍ୟକ୍ତି ଅଭିଯୋଗକାରୀକୁ ସେୟାର ମାର୍କେଟର କଳା କୌଶଳ ଶିଖିବା ପାଇଁ ଅନ୍ୟ ଏକ ବ୍ୟକ୍ତି ସହ ଯୋଗାଯୋଗ କରିବା ପାଇଁ କହିଥିଲେ । ଉକ୍ତ ବ୍ୟକ୍ତି ଜଣକ ଅଭିଯୋଗକାରୀକୁ ଡିଜିଟାଲ ଡ଼ାଇନାମୋଶ ନାମକ ଏକ ହ୍ୱାଟ୍ସଅପ ଗ୍ରୁପରେ ଯୋଡ଼ିଥିଲେ ଯେଉଁ ଗ୍ରୁପରେ ଅଭିଯୋଗକାରୀଙ୍କ ସହ ସାତ ଜଣ ମେମ୍ବର ଥିଲେ । ଉକ୍ତ ଗ୍ରୁପରେ ସେହି ଅଜଣା ବ୍ୟକ୍ତି ନିଜକୁ ଗ୍ରୁପ ଆଡମିନ ବୋଲି କହି ସେୟାର ମାର୍କେଟର କୌଶଳ ଶିଖାଉଥିଲେ ଓ ତାଙ୍କ ପରାମର୍ଶ ଅନୁଯାୟୀ ଅଭିଯୋଗକାରୀ ସମସ୍ତ କାର୍ଯ୍ୟ କରୁଥିଲେ । ଅଭିଯୋଗକାରୀଙ୍କ ସମସ୍ତ ଆବଶ୍ୟକୀୟ କାଗଜପତ୍ର ନେଇ ଗ୍ଲୋବିକ୍ସଭଲ୍ଟ ନାମକ ଏକ ଟ୍ରେଡିଙ୍ଗ ପ୍ଲାଟଫର୍ମରେ ଯୋଗ ଦେଇ ଆକାଉଣ୍ଟ ତିଆରି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଅଭିଯୋଗକାରୀଙ୍କୁ ସେମାନେ ୨୫,୧୦୦ ଟଙ୍କା ଏବଂ ୩୫,୦୦୦ ଟଙ୍କା ନିବେଶ କରାଇଥିଲେ ଏବଂ ଲାଭ ବାବଦରେ ଅଭିଯୋଗକାରୀଙ୍କ ଆକାଉଣ୍ଟରେ ୮୫୦୦ ଓ ୬୩,୦୦୦ ଟଙ୍କା ତାଙ୍କ ଆକାଉଣ୍ଟରେ ଜମା ହୋଇଥିଲା । ଏଥିରେ ଉତ୍ସାହିତ ହୋଇ ଅଭିଯୋଗକାରୀ ସେମାନଙ୍କ ନିର୍ଦ୍ଦେଶ କ୍ରମେ ୧୨.୧୦.୨୦୨୫ ଠାରୁ ୦୪.୧୧.୨୦୨୫ ପର୍ଯ୍ୟନ୍ତ ୧,୯୪,୭୨,୩୧୦ ଟଙ୍କା ନିବେଶ କରିଥିଲେ ଏବଂ ଉକ୍ତ ପ୍ଲାଟଫର୍ମରେ ନିବେଶ କରି ସେ ମୋଟ ୫,୧୫,୧୭,୯୮୫/- ଟଙ୍କାର ଲାଭ ଦେଖାଇଥିଲେ । କିନ୍ତୁ ଅଭିଯୋଗକାରୀ ଯେତେବେଳେ ଉକ୍ତ ଟଙ୍କାକୁ ଉଠାଇବାକୁ ଚାହିଁଲେ ସେତେବେଳେ ଉକ୍ତ ଟଙ୍କାକୁ ଉଠାଇବା ପାଇଁ ଆହୁରି ଷାଠିଏ ଲକ୍ଷ ଟଙ୍କା ନିବେଶ କରିବାକୁ ପଡ଼ିବ ବୋଲି କହିଥିଲେ । ଅଭିଯୋଗକାରୀ ଆଉ ଏତେ ଟଙ୍କା ନିବେଶ ପାଇଁ ନିଜର ଅକ୍ଷମତା ପ୍ରକାଶ କରିବା ସହ ସେ ପାଇବା ଅର୍ଥରୁ ଉକ୍ତ ଟଙ୍କାକୁ କାଟି ବଳକା ଅର୍ଥ ପଇଠ କରିବା ପାଇଁ ଅନୁରୋଧ କରିଥିଲେ ଏବଂ ଏହା ପରେ ଅଭିଯୋଗକାରୀ ବାରମ୍ବାର ଫୋନ କରିବା ସହ ଟଙ୍କା ପଇଠ କରିବା ପାଇଁ ଅନୁରୋଧ କରିବା ପରେ ସେମାନେ ଅଭିଯୋଗକାରୀକୁ ଉକ୍ତ ହ୍ୱାଟ୍ସଅପ ଗ୍ରୁପରୁ କାଢ଼ିଦେବା ସହ ଆଉ ଫୋନ ଉଠାଇ ନଥିଲେ । ଏହାପରେ ଅଭିଯୋଗକାରୀ କଟକ ସ୍ଥିତ କ୍ରାଇମ ବ୍ରାଞ୍ଚରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଏବଂ ସେ ଦେଇଥିବା ଫୋନ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ଓ ଅନ୍ୟାନ୍ୟ କାଗଜ ପତ୍ରକୁ ତଦନ୍ତ କରି ଅଭିଯୁକ୍ତ ଅଜୟ କୁମାର ପାଉଲକୁ ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାର ରିସ୍ରା ଥାନା ସେରମପୁରରୁ ଗିରଫ କରିବା ସହ ତା ନାମରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିଲେ।

# ଅଭିନବ ଉପାୟରେ ବେଆଇନ ଗୋ-ଚାଲାଣ




- ତେଲ ଟ୍ୟାଙ୍କରରୁ ୨୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର
- ଗାଡ଼ି ଜବତ, ଡ୍ରାଇଭର ଓ ହେଲପର ଅଟକ

ବାଙ୍ଗିରିପୋଷି, ୧୦/୧୦ (ଜେଏନ୍ଏସ୍): ବାଙ୍ଗିରିପୋଷି ଥାନା ଅଞ୍ଚଳରେ ପ୍ରଥମ ଘଟଣା। ଅଭିନବ ଉପାୟରେ ଚାଲିଥିଲା ବେଆଇନ ଗୋ ଚାଲାଣ । ରାସ୍ତାରେ ମାଡ଼ି ବସିଲା ପୁଲିସ। ତେଲ ପରିବହନ ବାହାନାରେ ଏକ ବଡ଼ ଟ୍ୟାଙ୍କର ଭିତରେ ବେଆଇନ ଭାବେ ଗୋରୁ ଚାଲାଣ ଏକ ଜମାନେ ତୁରନ୍ତ ହେଉଥିବା ଟ୍ୟାଙ୍କର ଗାଡ଼ି ଜବତ ସହ ୨୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର କରିଛି ପୁଲିସ। ପ୍ରାପ୍ତ ସୂଚନା ମୁତାବକ, ବିଶୋଇ ପଟୁ କଳାବାଡ଼ିଆ ଅଭିମୁଖେ ଦ୍ରୁତ ଗତିରେ ଏ ତେଲ ଟ୍ୟାଙ୍କର (ଡବ୍ଲୁବି ୭୬ବି ୧୨୬୬) ଯଉଥିବାବେଳେ କିଛି ଗୋରକ୍ଷ ରକ୍ଷକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗାଡ଼ି ଉପରେ ସନ୍ଦେହ ହୋଇଥିଲା। ଲୋକମ ଗାଡ଼ିକୁ ପିଛା କରିବା ସହିତ ବାଙ୍ଗିରିପୋଷି ଥାନାକୁ ଖବର ଦେଇଥିଲେ। ଖବର ପାଇ ବାଙ୍ଗିରିପୋଷି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ସହ ପୁଲିସ ଟିମ୍ ତୃ ପୁନାସିଆ ରେଲୱେ ଗଳା ପୋଲ ନିକଟରେ ପହଞ୍ଚି ଗାଡ଼ିଟିକୁ ଧରିବାରେ ସଫଳ ହୋଇଥିଲେ। ଘଟଣାରେ ସମ୍ପୃକ୍ତ ଥୁବା ଟ୍ୟାଙ୍କର ଡ୍ରାଇଭଟ । ଏବଂ ହେଲପରଙ୍କୁ ପୁଲିସ ହେପାଜତକୁ ନେଇ ପଚରାଉଚରା ଜାରି ରଖୁଛି। ଟ୍ୟାଙ୍କର ଭିତରେ ଗାଈ ଓ ବଳଦ ମିଶି ୨୦ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଗୋରୁ ଅମାନୁଷିକ ଭାବେ ବନ୍ଧା ବା ହେ ହୋଇଥିବା ଦେଖ ଦଖୁବାକୁ ମିଳିଥିଲା । ଆଜିର ଘଟଣା ପରେ ମୟୂରଭଞ୍ଜ ଜିଲ୍ଲା ଦେଇ ଆଜିବି ବେନିୟମ ଗେ ଚାଲାଣ ରାକେଟ ଓ ଗୋ ମାଫିଆମାନେ ସକ୍ରିୟ ଥିବା ଦେଖୁବାକୁ ମିଳିଛି।

# ସ୍ୱାଧୀନତା ସଂଗ୍ରାମୀ ବାମପନ୍ଥୀ ଚିନ୍ତାଧାରାର ନାୟକ ମୋହନ ଦାସଙ୍କ ୧୨୨ତମ ଜନ୍ମତିଥି ପାଳନ



ନିମାପଡ଼ା, ୧୦/୧୦ (ଜେଏନ୍ଏସ୍) ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରବର୍ତ୍ତୀ ନିମାପଡ଼ା କାକଟପୁର ଯୁଗ୍ମ ନିର୍ବାଚନ ମଣ୍ଡଳୀର ସର୍ବପ୍ରଥମ ବିଧାୟକ ନିମାପଡାର ଗର୍ବ, ଗୌରବ ଓ ସ୍ୱାଭିମାନ ତଥା ସର୍ବତ୍ୟାଗୀ ଜନନାୟକ "ମୋହନ ଦାସ"ଙ୍କ ୧୨୨ତମ ପୁଣ୍ୟ ଜନ୍ମ ଜୟନ୍ତୀ ମହା ସମାରୋହ ପାଳନ ଆଜି ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଦୋଳବେଦୀ ଛକ ଠାରେ ଥିବା ନିମାପଡ଼ା ଗଠନର ନବ ନିର୍ମାତା ମୋହନ ଦାଶଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ନିମାପଡ଼ାର ବହୁ ସମାଜସେବୀ ବୁଦ୍ଧିଜୀବୀ, ବ୍ୟବସାୟୀ, ନିର୍ବାଚିତ ପ୍ରତିନିଧି ଯୁବକ ଛାତ୍ର,ଓକିଲ ଶିକ୍ଷାବିତ୍, ମାନ୍ୟଗଣ୍ୟ ନାଗରିକ, ବୁଦ୍ଧିଜୀବୀ ତଥା ମାଟିମନସ୍କ ପୂଜ୍ୟପୂଜା ସମର୍ପିତ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ସ୍ୱର୍ଗତ ମୋହନ ଦାଶ ବିଧାୟକ ଥିବା ସମୟରେ କୁଶଭଦ୍ରା, ଭାର୍ଗବୀ ବ୍ରିଜ ନିର୍ମାଣ , ସମ୍ଭବ ପର ହୋଇଥିଲା । ତାଙ୍କ ଉଦ୍ୟମରେ ନିମାପଡ଼ା କଲେଜ, ମହିଳା କଲେଜ ପ୍ରତିଷ୍ଠା, ଭୁଦାନ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଆଇନ ଅମାନ୍ୟ ଆନ୍ଦୋଳନ, କୃଷକଙ୍କ ଅଧିକାର ପାଇଁ ସଂଗ୍ରାମ, ଜମିଦାରୀ ପ୍ରଥା ଉଚ୍ଛେଦ, ଧାନ, ପାନ, ମାଛକୁ ଟିକସ ମୁକ୍ତ କରିବାରେ ମୋହନ ଦାସଙ୍କ ଭୂମିକା କୁ ମନେ ପକାଇ ସ୍ମୃତି ଚାରଣ କରାଯିବା ପରେ ନିମାପଡ଼ାରେ ଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟର୍ପଣ କରାଯାଇଥିଲା। ଆର୍ତ୍ତବନ୍ଧୁ ସେନାନାପତି , ଦଣ୍ଡପାଣି ସାହୁ ପି.କେ ସାହୁ, ଆଇତ୍ରିନାଥ ପାତ୍ର, ରଣଜିତ ରଥ, ଅଜୟ କୁମାର ମିଶ୍ର, ରତିକାନ୍ତ ଓଝା, ପ୍ରସନ୍ନକୁମାର ପତି, ବିଶ୍ୱଜିତ ବେହେରା, ଗଙ୍ଗାଧର ଓଝା, ଆଦର୍ଶ ଦାଶ ସିପିଆଇ ନେତା କୃଷ୍ଣ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସାକ୍ଷୀଙ୍କୁ ଧମକ ଅଭିଯୋଗ

# ବିକ୍ରମଙ୍କୁ ୪ ଘଣ୍ଟା ଜେରା



ବ୍ରହ୍ମପୁର, ୧୦/୧୦ (ଜେଏନ୍ଏସ୍) : ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ସାକ୍ଷୀ ଲଳିତ ମୋହନ ମଙ୍ଗରାଜଙ୍କୁ ଧମକ ଦିଆ ଯାଇଥିବା ଅଭିଯୋଗକୁ ନେଇ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗୋଷାଣୀ ନୂଆଗାଁ ଥାନା ପୋଲିସ ପ୍ରାୟ ୪ ଘଣ୍ଟା ଧରି ପଚରା ଉଚରା କରିଛି। ପୁଲିସ ନୋଟିସ୍ ପାଇ ବିକ୍ରମ ମଙ୍ଗଳବାର ଥାନାରେ ହାଜର ହୋଇଥିଲେ। ଥାନା ଅଧିକାରୀ, ହତ୍ୟା ମାମଲାର ତଦନ୍ତକାରୀ ଅଧିକାରୀଙ୍କ ସମେତ ୪ ଜଣ ପୁଲିସ ଅଧିକାରୀ ତାଙ୍କୁ ପୂର୍ବାହ୍ନ ପ୍ରାୟ ୧୧ଟାରୁ ଅପରାହ୍ନ ୨ଟା ୩୫ ପର୍ଯ୍ୟନ୍ତ ପଚରାଉଚରା କରିଥିଲେ। ଥାନାରୁ ବାହାରିବା ପରେ ବିକ୍ରମ କହିଥିଲେ ଯେ, ପୁଲିସର ସମସ୍ତ ପ୍ରଶ୍ନର ଉତ୍ତର ଦେବା ସହ ନିଜ ପାଖରେ ଥିବା ତଥ୍ୟ ରଖିଛନ୍ତି। ଅନ୍ୟପଟେ ଆସନ୍ତା ୧୬ ତାରିଖରେ ତାଙ୍କୁ ପୁଣି ଥାନାରେ ହାଜର ହେବାକୁ କୁହାଯାଇଥିବା ସୂଚନା ମିଳିଛି। ବ୍ରହ୍ମପୁର ଏସ୍‌ପି ଅଭିନବ ସୋନକାରଙ୍କ କହିବା ଅନୁସାରେ, ବିକ୍ରମ ତଦନ୍ତରେ ସହଯୋଗ କରୁଛନ୍ତି। ଆବଶ୍ୟକ ପଡ଼ିଲେ ମଦନ ଦଳେଇଙ୍କୁ ମଧ୍ୟ ଜେଲରେ ପଚରା ଉଚରା କରାଯିବ।



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

# ଆମେରିକାରେ ଭାରତୀୟ ଆଇଟି କମ୍ପାନୀଗୁଡ଼ିକୁ ବଡ଼ ଝଟକା




✦ ଗ୍ରୀନ୍ କାର୍ଡ ପ୍ରକ୍ରିୟା 'ପର୍ମ' ଉପରେ କଟକଣା ଲଗାଇଲେ ଟ୍ରମ୍ପ ପ୍ରଶାସନ

✦ ଚିନ୍ତାରେ ହଜାର ହଜାର ଭାରତୀୟ ଆଇଟି ପ୍ରଫେସନାଲ

ୱାଶିଂଟନ/ନୂଆଦିଲ୍ଲୀ,୧୦/୧୦ : ଆମେରିକାରେ କାର୍ଯ୍ୟରତ ଭାରତୀୟ ଆଇଟି କମ୍ପାନୀ ଏବଂ ସେଠାରେ ସ୍ଥାୟୀ ନାଗରିକତ୍ୱ ଆଶାରେ ଥିବା ଆଇଟି ପ୍ରଫେସନାଲଙ୍କ ପାଇଁ ଏକ ବଡ଼ ଧକ୍କା ଲାଗିଛି । ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଭାରତର ଟିସିଏସ୍, ଇନଫୋସିସ୍ , ୱିପ୍ରୋ ଏବଂ ଏଚ୍‌ସିଏଲ୍ ସମେତ ବିଶ୍ୱର ୮ ଟି ପ୍ରମୁଖ ବୈଷୟିକ ସଂସ୍ଥା ଉପରେ ବଡ଼ ଧରଣର କଟକଣା ଜାରି କରିଛନ୍ତି. ଆମେରିକା ଶ୍ରମ ବିଭାଗ ପକ୍ଷରୁ ଏହି କମ୍ପାନୀଗୁଡ଼ିକୁ ସ୍ଥାୟୀ ଶ୍ରମ ପ୍ରମାଣପତ୍ର କାର୍ଯ୍ୟକ୍ରମ ବା 'ପର୍ମ' ରୁ ନିଲମ୍ବିତ କରାଯାଇଛି । ଏହି ତାଲିକାରେ ଭାରତୀୟ ସଂସ୍ଥାଗୁଡ଼ିକ ବ୍ୟତୀତ ମାଇକ୍ରୋସଫ୍ଟ, ଆଡୋବି, କୋଗ୍ନିଜାଣ୍ଟ ଏବଂ କ୍ୟାପ୍‌ଜେମିନି ମଧ୍ୟ ସାମିଲ ଅଛନ୍ତି । ଆମେରିକାରେ କୌଣସି ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା ଏବଂ ପରବର୍ତ୍ତୀ ସମୟରେ ତାଙ୍କ ପାଇଁ ଏମ୍ପ୍ଲୟର-ସ୍ପନ୍ସର୍ଡ ଗ୍ରୀନ୍ କାର୍ଡ (ସ୍ଥାୟୀ ନାଗରିକତ୍ୱ) ଆବେଦନ କରିବା ପାଇଁ 'ପର୍ମ' ପ୍ରକ୍ରିୟା ହେଉଛି ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୋପାନ । ଏହି ନିୟମ ଅନୁଯାୟୀ, କମ୍ପାନୀଗୁଡ଼ିକୁ ପ୍ରମାଣ କରିବାକୁ ପଡ଼େ ଯେ, ଉକ୍ତ ପଦବୀ ପାଇଁ କୌଣସି ଯୋଗ୍ୟ ଆମେରିକୀୟ ନାଗରିକ ମିଳୁନାହାନ୍ତି । ଆମେରିକା ଶ୍ରମ ସଚିବ କିଥ୍ ସୋଣ୍ଡରଲିଙ୍ଗ ଏବଂ ଉପରାଷ୍ଟ୍ରପତି ଜେ.ଡି. ଭେନ୍ସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ, ଏହି କମ୍ପାନୀଗୁଡ଼ିକ ବିରୋଧରେ ଚାଲିଥିବା ତଦନ୍ତ ଯୋଗୁଁ ନୂତନ ଆବେଦନ ଗ୍ରହଣ କରାଯିବ ନାହିଁ କିମ୍ବା ବିଚାରାଧୀନ ଥିବା ଆବେଦନଗୁଡ଼ିକୁ ଆଗକୁ ବଢ଼ାଯିବ ନାହିଁ ।

ଯେଉଁ ଭାରତୀୟ ଇଞ୍ଜିନିୟର ଓ ପ୍ରଫେସନାଲମାନେ ଏହିସବୁ କମ୍ପାନୀ ଜରିଆରେ ଗ୍ରୀନ୍ କାର୍ଡ ପାଇଁ ଆବେଦନ କରିବାକୁ ପ୍ରସ୍ତୁତ ହେଉଥିଲେ, ସେମାନଙ୍କ ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ଅଟକି ଯିବ । ଯେଉଁ ଏଚ୍-୧ବି ଭିସାଧାରୀମାନଙ୍କର ୬ ବର୍ଷର ସୀମା ଶେଷ ହେବାକୁ ଯାଉଛି ଏବଂ ସେମାନଙ୍କର 'ଆଇ-୧୪୦' କିମ୍ବା ପର୍ମ ମଞ୍ଜୁର ହୋଇନାହିଁ, ସେମାନଙ୍କୁ ଆମେରିକାରେ ରହିବା ପାଇଁ ଅନ୍ୟ କମ୍ପାନୀରେ ଚାକିରି ଖୋଜିବାକୁ ପଡ଼ିପାରେ । ତେବେ ଏହି ନିଷ୍ପତ୍ତି ଦ୍ୱାରା ବର୍ତ୍ତମାନ ଆମେରିକାରେ ଥିବା କର୍ମଚାରୀଙ୍କ ଏଚ୍-୧ ବି ଭିସା ସିଧାସଳଖ ବାତିଲ ହେବ ନାହିଁ. ପୂର୍ବରୁ ଗ୍ରୀନ୍ କାର୍ଡ ଅପେକ୍ଷାରେ ଥିବା କର୍ମଚାରୀମାନେ ନିୟମ ଅନୁଯାୟୀ ଭିସା ଏକ୍ସଟେନସନ ପାଇପାରିବେ ।

ଟ୍ରମ୍ପ ପ୍ରଶାସନର ଅଭିଯୋଗ ଯେ, ଏହି ବଡ଼ ବଡ଼ ଆଇଟି କମ୍ପାନୀଗୁଡ଼ିକ ଭିସା ବ୍ୟବସ୍ଥାର ଅପବ୍ୟବହାର କରି ଆମେରିକୀୟ ନାଗରିକମାନଙ୍କୁ ଚାକିରିରୁ ବଞ୍ଚିତ କରୁଛନ୍ତି । ଜେ.ଡି. ଭେନ୍ସଙ୍କ କହିବା ଅନୁଯାୟୀ, କମ୍ପାନୀଗୁଡ଼ିକ ଆମେରିକୀୟ କର୍ମଚାରୀଙ୍କୁ ଛଟେଇ କରି କମ୍ ଦରମାରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେଉଛନ୍ତି, ଯାହାକୁ ପ୍ରଶାସନ ବରଦାସ୍ତ କରିବ ନାହିଁ । ଏହି ନିଷ୍ପତ୍ତିକୁ ନେଇ ଆଇଟି କମ୍ପାନୀଗୁଡ଼ିକ ଆଗାମୀ ଦିନରେ ଫେଡେରାଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଇନଗତ ଆହ୍ୱାନ ଦେବାର ସମ୍ଭାବନା ରହିଛି ।

# ପାକିସ୍ତାନରେ ଚାଲୁଛି ଭାରତୀୟ ହ୍ୱାଟସଆପ୍

## ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ବଡ଼ ଖୁଲାସା

▸▸ ଭାରତୀୟ ସିମ୍ କାର୍ଡ ଓ ଓଟିପି ବ୍ୟବହାର କରି ସୀମା ପାର୍ଶ୍ୱରୁ ଜାସୁସୀ

▸▸ ପଶ୍ଚିମବଙ୍ଗରୁ ୪ ଜଣଙ୍କ ବିରୋଧରେ ମାମଲା ରୁଜୁ

ନୂଆଦିଲ୍ଲୀ, ୧୦/୧୦ : ଦେଶର ସୁରକ୍ଷା ବ୍ୟବସ୍ଥାକୁ ନେଇ ଏକ ସମ୍ବେଦନଶୀଳ ତଥା ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି । ଭାରତୀୟ ସିମ୍ କାର୍ଡ ବ୍ୟବହାର କରି ପାକିସ୍ତାନୀ ଗୁପ୍ତଚର ଏବଂ ହ୍ୟାଣ୍ଡଲରମାନେ ସୀମା ଆପଟ ପଟୁ ହ୍ୱାଟସଆପ୍ ଆକାଉଣ୍ଟ ସକ୍ରିୟ ରଖିଥିବା ଜଣାପଡ଼ିଛି । ଏହି ଆନ୍ତଃରାଷ୍ଟ୍ରୀୟ ଜାସୁସୀ ନେଟୱର୍କର ପର୍ଦ୍ଦାଫାଶ କରିବା ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଛି । ଏହି ଘଟଣାରେ ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଓ ମୁର୍ସିଦାବାଦର ୪ ଜଣ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ନେଇ ଏଫ୍‌ଆଇଆର୍ ଦାୟର କରାଯାଇଛି । ତଦନ୍ତକାରୀ ସଂସ୍ଥାର ସୂଚନା ଅନୁଯାୟୀ, ପାକିସ୍ତାନର ଗୁପ୍ତଚର ସଂସ୍ଥାର ସଦସ୍ୟମାନେ ଭାରତରେ ଥିବା କିଛି ସ୍ଥାନୀୟ ଏଜେଣ୍ଟଙ୍କ ସହାୟତାରେ ଜାଲ କାଗଜପତ୍ର କିମ୍ବା ଗରିବ ଲୋକଙ୍କ ନାମରେ ସିମ୍ କାର୍ଡ କିଣୁଥିଲେ । ଏହାପରେ ଭାରତୀୟ ନମ୍ବରରେ ହ୍ୱାଟସଆପ୍ ଖୋଲିବା ପାଇଁ ଆସୁଥିବା ୱାନ୍-ଟାଇମ୍ ପାସୱାର୍ଡ କୁ ଭାରତୀୟ ଏଜେଣ୍ଟମାନେ କିଛି ହଜାର ଟଙ୍କା ଲୋଭରେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ସହ ସେୟାର କରୁଥିଲେ । ଓଟିପି ପାଇବା ମାତ୍ରେ ପାକିସ୍ତାନରେ ବସି ସେହି ଭାରତୀୟ ନମ୍ବରର ହ୍ୱାଟସଆପ୍ ଆକାଉଣ୍ଟକୁ ନିୟନ୍ତ୍ରଣ କରାଯାଉଥିଲା । ବିଗତ କିଛି ବର୍ଷ ମଧ୍ୟରେ ଏହିପରି ପ୍ରାୟ ୪୦୦ରୁ ଅଧିକ ସିମ୍ କାର୍ଡ ସକ୍ରିୟ କରାଯାଇଥିବା ଘଓଇ ସନ୍ଦେହ କରୁଛି ।

ପାକିସ୍ତାନରୁ ଅପରେଟ୍ ହେଉଥିବା ଏହି ଭାରତୀୟ ହ୍ୱାଟସଆପ୍ ନମ୍ବରଗୁଡ଼ିକ ଜରିଆରେ ଗୁପ୍ତଚରମାନେ ନିଜକୁ ଭାରତୀୟ ନାଗରିକ ଭାବେ ପରିଚୟ ଦେଉଥିଲେ । ବିଶେଷ କରି ସେମାନେ ଭାରତୀୟ ସେନା ଏବଂ ନୌସେନାର କର୍ମଚାରୀମାନଙ୍କୁ 'ହନିଟ୍ରାପ୍' (ଛଦ୍ମ ନାମରେ ମହିଳା ପ୍ରୋଫାଇଲ୍ ତିଆରି କରି) କିମ୍ବା ବିଭିନ୍ନ ଗ୍ରୁପ୍‌ରେ ସାମିଲ କରି ଦେଶର ସୁରକ୍ଷା ସମ୍ବନ୍ଧୀୟ ସମ୍ବେଦନଶୀଳ ତଥ୍ୟ ହାସଲ କରିବାକୁ ଚେଷ୍ଟା କରୁଥିଲେ ।

**ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି**

# ଅର୍ଥନୀତି ବୃଦ୍ଧି ପାଇଁ ବଡ଼ ସୁଯୋଗ : ଜୟଶଙ୍କର

✦ ଆମେରିକା ସହ ବାଣିଜ୍ୟ ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

✦ ବଜାର ପ୍ରବେଶ ବୃଦ୍ଧି ସହ ଅର୍ଥନୀତି ପାଇଁ ସୃଷ୍ଟି ହେବ ବଡ଼ ସମ୍ଭାବନା

✦ ଚର୍ଚ୍ଚାରେ 'ପ୍ଲାଟୋ' ସ୍ଥିତି ଏବଂ ଚଳିତ ଆହ୍ୱାନ



ନୂଆଦିଲ୍ଲୀ,୧୦/୧୦ : ଭାରତ ଏବଂ ଆମେରିକା ମଧ୍ୟରେ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିକୁ ନେଇ ଦେଶର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏକ ବଡ଼ ଓ ସକାରାତ୍ମକ ବୟାନ ଦେଇଛନ୍ତି । ନିକଟରେ ଅନୁଷ୍ଠିତ 'କୌଟିଲ୍ୟ ଇକୋନୋମିକ କନକ୍ଲେଭ' ରେ ଯୋଗଦେଇ ଜୟଶଙ୍କର କହିଛନ୍ତି ଯେ, ଆମେରିକା ସହ ପ୍ରସ୍ତାବିତ ଏହି ବାଣିଜ୍ୟ ଚୁକ୍ତି ଭାରତୀୟ ଅର୍ଥନୀତି ପାଇଁ ଏକ 'ବଡ଼ ପଦକ୍ଷେପ ଏବଂ ଏଥିରେ ବ୍ୟାପକ ସମ୍ଭାବନା' ରହିଛି । ବିଶ୍ୱର ସବୁଠାରୁ ବଡ଼ ଏବଂ ସମୃଦ୍ଧ ଉପଭୋକ୍ତା ବଜାରରେ ଭାରତୀୟ ଉତ୍ପାଦର ପ୍ରବେଶକୁ ସହଜ କରିବା ଦିଗରେ ଏହି ଚୁକ୍ତି ବେଶ୍ ସହାୟକ ହେବ ।

ବୈଦେଶିକ ମନ୍ତ୍ରୀ ଜୟଶଙ୍କର ବିଶ୍ୱ ବାଣିଜ୍ୟରେ ଦେଖାଦେଇଥିବା ସମସ୍ୟା ଉପରେ ଆଲୋଚନା କରି କହିଛନ୍ତି ଯେ, "ବିଶ୍ୱ ବାଣିଜ୍ୟର ସମସ୍ତ ସମସ୍ୟା ପାଇଁ କେବଳ ୱାଶିଂଟନ ଆମେରିକାକୁ ଦାୟୀ କରାଯାଇପାରିବ ନାହିଁ ।" ଆନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସ୍ଥାରେ ଅନ୍ୟ କେତେକ ଉତ୍ସରୁ ମଧ୍ୟ ଅନେକ ବିକୃତି ଉତ୍ପନ୍ନ ହୋଇଛି, ଯାହାର ନିରପେକ୍ଷ ମୂଲ୍ୟାଙ୍କନ ହେବା ଜରୁରୀ । ୟୁରୋପୀୟ ସଂଘ , ବ୍ରିଟେନ ଏବଂ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଙ୍ଗଠନ ସହିତ ଭାରତ କରିଥିବା ଚୁକ୍ତିଗୁଡ଼ିକ ଭଳି ଆମେରିକା ସହ ହେବାକୁ ଥିବା ଚୁକ୍ତି ମଧ୍ୟ ଭାରତର ଆନ୍ତର୍ଜାତୀୟ ବାଣିଜ୍ୟ ସମ୍ପର୍କରେ ଏକ ସନ୍ତୁଳନ ଆଣିବ ।

ଜୟଶଙ୍କରଙ୍କ ଏହି ସକାରାତ୍ମକ ବୟାନ ଏଭଳି ଏକ ସମୟରେ ଆସିଛି ଯେତେବେଳେ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ, ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ଏକ 'ପ୍ଲାଟୋ'ରେ ପହଞ୍ଚିଛି, ଯେଉଁଠାରେ ଦୁଇ ଦେଶ ମଧ୍ୟରେ ଅଧିକ ସାଲିସ୍ କିମ୍ବା ଛାଡ଼ କରିବା 'ଅତ୍ୟନ୍ତ କଠିନ' ମନେହେଉଛି । ଆମେରିକାର ନୂତନ 'ସେକ୍ସନ ୩୦୧' ପ୍ରକ୍ରିୟା ଏବଂ ପରିବର୍ତ୍ତିତ ଶୁଳ୍କ ନୀତି ଯୋଗୁଁ ଆଲୋଚନା ଅଧିକ ଜଟିଳ ହୋଇପଡ଼ିଛି । ରୁଷ ଏବଂ ଇରାନ ଉପରେ ଆମେରିକାର ନୂଆ କଟକଣା ବିଲ୍ ଯୋଗୁଁ ରୁଷରୁ ଅଶୋଧିତ ତୈଳ କିଣୁଥିବା ଭାରତ ଭଳି ଦେଶ ଉପରେ ଶୁଳ୍କ ଲଗାଇବାର ଆଶଙ୍କା ରହିଛି, ଯାହା ବାଣିଜ୍ୟ ଆଲୋଚନାରେ ଏକ ବଡ଼ ପ୍ରତିବନ୍ଧକ ସାଜିଛି ।

୨୦୨୬ ଫେବୃଆରୀ ମାସରେ ଦୁଇ ଦେଶ ଏକ ଅନ୍ତରୀଣ ବାଣିଜ୍ୟ ଢାଞ୍ଚା ପ୍ରସ୍ତୁତ କରିଥିଲେ, ଯେଉଁଥିରେ ଆମେରିକା ଭାରତୀୟ ସାମଗ୍ରୀ ଉପରୁ ଶୁଳ୍କ ହ୍ରାସ କରିବାକୁ ସହମତି ପ୍ରକାଶ କରିଥିଲା । ଯଦି ଏହି ଚୁକ୍ତି ସମ୍ପୂର୍ଣ୍ଣ ସଫଳ ହୁଏ, ତେବେ ଏହା ଓଡ଼ିଶା ପାଇଁ ମଧ୍ୟ ଏକ ବଡ଼ ସୁଯୋଗ ଆଣିବ । ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ, ବୟନଶିଳ୍ପ ଏବଂ କୃଷିଜାତ ଦ୍ରବ୍ୟ ଆମେରିକା ବଜାରକୁ ସହଜରେ ରପ୍ତାନି ହୋଇପାରିବ, ଯାହା ରାଜ୍ୟର ବୁଣାକାର ଓ କାରିଗରମାନଙ୍କ ରୋଜଗାର ବୃଦ୍ଧିରେ ସହାୟକ ହେବ । ଜୟଶଙ୍କରଙ୍କ ଅନୁଯାୟୀ, ଦୁଇ ଦେଶର ଅର୍ଥନୀତିର ଭିନ୍ନତା ଯୋଗୁଁ ଏହି ବାର୍ତ୍ତାଳାପରେ 'ଧୈର୍ଯ୍ୟ ଏବଂ ସୂକ୍ଷ୍ମ ବିବରଣୀ' ର ଆବଶ୍ୟକତା ରହିଛି । ଏହି ଜଟିଳତା ସତ୍ତ୍ୱେ ବାଣିଜ୍ୟିକ ସମ୍ପର୍କକୁ ଅଧିକ ଦୃଢ଼ କରିବା ପାଇଁ ଭାରତ ନିଜର ଆଲୋଚନା ଜାରି ରଖିଛି ।

## ଦିଲ୍ଲୀରେ ହାଇ-ଆଲର୍ଟ

# ୨୩ ହଜାର ଜବାନ ମୁତୟନ




ନୂଆଦିଲ୍ଲୀ, ୧୦/୧୦ : ରାଜଧାନୀ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି । ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି କରି ବିଭିନ୍ନ ସଂଗଠନ ପକ୍ଷରୁ ବଡ଼ ଧରଣର ବିରୋଧ ପ୍ରଦର୍ଶନ ଏବଂ ପ୍ରତିବାଦ ସଭା ପାଇଁ ଆହ୍ୱାନ ଦିଆଯାଇଥିବାରୁ ସମଗ୍ର ଦିଲ୍ଲୀରେ ହାଇ-ଆଲର୍ଟ ଜାରି କରାଯାଇଛି । କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରାୟ ୨୩,୦୦୦ କେନ୍ଦ୍ରୀୟ ସୁରକ୍ଷା ବଳ ଓ ଦିଲ୍ଲୀ ପୋଲିସ କର୍ମଚାରୀଙ୍କୁ ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ସାଧାରଣ ଜନଜୀବନ ଓ ପରିବହନ ବ୍ୟବସ୍ଥା ଉପରେ ଏହାର ବଡ଼ ପ୍ରଭାବ ପଡ଼ିଛି । ଆଜି ରାତିରୁ ଦିଲ୍ଲୀର ୫୭ଟି ପ୍ରମୁଖ ମେଟ୍ରୋ ଷ୍ଟେସନକୁ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା ସହିତ ଆସନ୍ତାକାଲି ଅର୍ଥାତ୍ ଶନିବାର ପାଇଁ ଦିଲ୍ଲୀ ଦେଇ ଚଳାଚଳ କରୁଥିବା ଅନେକ ଦୂରଗାମୀ ଟ୍ରେନକୁ ମଧ୍ୟ ବାତିଲ କରାଯାଇଛି । ସହରର ପ୍ରବେଶ ପଥ ଏବଂ ସୀମାନ୍ତ ଅଞ୍ଚଳଗୁଡ଼ିକରେ ବ୍ୟାପକ ବାରିକେଡ୍ ଲଗାଇ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯାଇଛି । ଦିଲ୍ଲୀ ପୋଲିସ କମିଶନର ଜନସାଧାରଣଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଅପିଲ କରିଛନ୍ତି ଏବଂ ବିନା ଅନୁମତିରେ କୌଣସି ପ୍ରକାରର ଶୋଭାଯାତ୍ରା କିମ୍ବା ସଭା ସମିତି ନ କରିବାକୁ ଚେତାବନୀ ଦେଇଛନ୍ତି । ସୋସିଆଲ ମିଡିଆ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି ଯେପରି କୌଣସି ଗୁଜବ ସୃଷ୍ଟି ନହୁଏ । ବର୍ତ୍ତମାନ ସମଗ୍ର ରାଜଧାନୀ ଏକ ପ୍ରକାର ଛାଉଣୀରେ ପରିଣତ ହୋଇଛି ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକ ୨୪ ଘଣ୍ଟିଆ ନଜର ରଖିଛନ୍ତି ।

# ସାଉଦି ଆରବ ବିମାନବନ୍ଦର ଉପରେ ଭୟଙ୍କର ଆକ୍ରମଣ

ରିୟାଦ, ୧୦/୧୦ : ପଶ୍ଚିମ ଏସିଆର ସଂକଟ ମଧ୍ୟରେ ସୌଦି ଆରବରୁ ଏକ ବଡ଼ ଧରଣର ବିପର୍ଯ୍ୟୟ ଖବର ସାମ୍ନାକୁ ଆସିଛି । ସୌଦି ଆରବର ରାଜଧାନୀ ରିୟାଦ୍ ସ୍ଥିତ କିଙ୍ଗ ଖାଲିଦ ଆନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦର ଉପରେ ଏକ ଭୟଙ୍କର ସାମରିକ ଆକ୍ରମଣ ହୋଇଛି । ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ କରାଯାଇଥିବା ଏହି ଡ୍ରୋନ୍ କିମ୍ବା ମିସାଇଲ୍ ମାଡ଼ରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଲୋକ ଆହତ ହୋଇଥିବା ସାଉଦି ଆଭିଏସନ ଓ ପ୍ରତିରକ୍ଷା ସୂତ୍ରରୁ ସ୍ପଷ୍ଟ କରାଯାଇଛି । ଆକ୍ରମଣ ପରେ ବିମାନ ବନ୍ଦର ପରିସରରେ ନିଆଁ ଲାଗିଯିବା ସହ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା ।

## ବିଶ୍ୱରେ ଜୋରଦାର ହେଉଛି ସୋସିଆଲ ମିଡିଆ କଟକଣା

# ୧୬ ବର୍ଷରୁ କମ୍ ପିଲାଙ୍କ ଆକାଉଣ୍ଟ ଉପରେ ରୋକ



## କୋମଳମତି ଶିଶୁଙ୍କୁ ଡିଜିଟାଲ୍ ସୁରକ୍ଷା

## ଅଷ୍ଟ୍ରେଲିଆ ଓ ଇଣ୍ଡୋନେସିଆ ପରେ ଏବେ ଭାରତରେ ମଧ୍ୟ ନୂଆ ନିୟମ ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ/ୱାଶିଂଟନ ୧୦/୧୦ : ଇଣ୍ଟରନେଟ ଦୁନିଆରେ କୋମଳମତି ଶିଶୁ ଏବଂ କିଶୋରମାନଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ନେଇ ସାରା ବିଶ୍ୱରେ ଚିନ୍ତା ପ୍ରକଟ କରାଯାଇଛି. ଆଲଗୋରିଦମର ମାୟାଜାଲ ଏବଂ ଡିଜିଟାଲ୍ ନିଶାରୁ ପିଲାମାନଙ୍କୁ ଦୂରେଇ ରଖିବା ପାଇଁ ବିଶ୍ୱର ଅନେକ ପ୍ରମୁଖ ଦେଶ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ କଡ଼ା କଟକଣା ଲଗାଇବା ଆରମ୍ଭ କରିଛନ୍ତି. ବିଶ୍ୱର ଏହି ବଡ଼ ପଦକ୍ଷେପ ପରେ ଏବେ ଭାରତ ସରକାର ମଧ୍ୟ ଆମ ଦେଶରେ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ନିୟମକୁ ଅଧିକ କଠୋର କରିବାକୁ ଯୋଜନା କରୁଛନ୍ତି । ଅଷ୍ଟ୍ରେଲିଆ ବିଶ୍ୱର ପ୍ରଥମ ଦେଶ ଭାବେ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ଫେସବୁକ୍, ଇନଷ୍ଟାଗ୍ରାମ, ଟିକଟକ୍ ଏବଂ ୟୁଟ୍ୟୁବ୍ ଭଳି ପ୍ଲାଟଫର୍ମରେ ଆକାଉଣ୍ଟ ଖୋଲିବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛି. ନିକଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏହି ନିୟମ ଆଧାରରେ ପ୍ରାୟ ୪୭ ଲକ୍ଷ ନାବାଳକ ଆକାଉଣ୍ଟକୁ ସେଠାରେ ବନ୍ଦ କରାଯାଇଛି. ନିୟମ ଉଲ୍ଲଂଘନ କଲେ ଟେକ୍ କମ୍ପାନୀଗୁଡ଼ିକ ଉପରେ ଭାରି ଜରିମାନାର ବ୍ୟବସ୍ଥା ରହିଛି । ମୁସଲିମ୍ ବହୁଳ ଏବଂ ଏସୀୟ ଦେଶ ମଧ୍ୟରେ ଇଣ୍ଡୋନେସିଆ ପ୍ରଥମେ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ଉଚ୍ଚ-ଜୋଖିମପୂର୍ଣ୍ଣ ଆପ୍ ଉପରେ ପ୍ରତିବନ୍ଧକ ଲଗାଇ କ୍ରମାଗତ ଭାବେ ୪୭ ଲକ୍ଷରୁ ଅଧିକ ନକଲି ଆକାଉଣ୍ଟ ଡିଲିଟ୍ କରିସାରିଛି । ବ୍ରିଟେନ, ଫ୍ରାନ୍ସ, ସ୍ପେନ ଓ କାନାଡ଼ା ଭଳି ଦେଶ ମଧ୍ୟ ବୟସ ଯାଞ୍ଚ ଏବଂ ସମ୍ପୂର୍ଣ୍ଣ ବ୍ୟାନ ପାଇଁ ଆଇନ ପ୍ରସ୍ତୁତ କରୁଛନ୍ତି । ଭାରତ ସରକାର ସମ୍ପୂର୍ଣ୍ଣ ବ୍ୟାନ କରିବା ପକ୍ଷରେ ନଥିଲେ ମଧ୍ୟ ପିଲାମାନଙ୍କ ସୁରକ୍ଷା ପାଇଁ ଆଇଟି ନିୟମ ରେ ବଡ଼ ସଂଶୋଧନ କରିବାକୁ ଯାଉଛନ୍ତି । ପ୍ରସ୍ତାବିତ ନୂଆ ବ୍ୟବସ୍ଥା ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲିବାକୁ ହେଲେ କଡ଼ା 'ବୟସ ଯାଞ୍ଚ ପ୍ରକ୍ରିୟା' ଦେଇ ଗତି କରିବାକୁ ହେବ । ଏଥିପାଇଁ ବୈଧ ଆଇନଗତ ପରିଚୟ ପତ୍ର ବ୍ୟବହାର କରାଯାଇପାରେ । ଡିଜିଟାଲ ବ୍ୟକ୍ତିଗତ ଡାଟା ସୁରକ୍ଷା ଆକ୍ଟ ଅନୁଯାୟୀ, ନାବାଳକମାନଙ୍କ ଆକାଉଣ୍ଟ ପାଇଁ ବାପା-ମା'ଙ୍କ ସହମତିକୁ ବାଧ୍ୟତାମୂଳକ କରାଯିବ । ଓଡ଼ିଶାର ବୈଜୟନ୍ତ ପଣ୍ଡାଙ୍କ ସମେତ ଅନେକ ସାଂସଦ ସଂସଦରେ ଏହି ସମ୍ପର୍କିତ ବିଲ୍ ଉପରେ ଆଲୋଚନା କରି ମାନସିକ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଦାବି କରିଛନ୍ତି । ଏହାସହ ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ଭଳି ରାଜ୍ୟ ମଧ୍ୟ ନିଜ ସ୍ତରରେ ଏହାର ସମୀକ୍ଷା ଆରମ୍ଭ କରିଛନ୍ତି । ସରକାରୀ ଆର୍ଥିକ ସର୍ଭେ ଅନୁଯାୟୀ, ଅତ୍ୟଧିକ ସୋସିଆଲ ମିଡିଆ ବ୍ୟବହାର ଯୋଗୁଁ କିଶୋର ଓ ଯୁବପିଢ଼ିଙ୍କ ମଧ୍ୟରେ ଅବସାଦ , ଚିନ୍ତା, ଏବଂ ନିଦ୍ରାହୀନତା ଭଳି ମାରାତ୍ମକ ସମସ୍ୟା ବୃଦ୍ଧି ପାଉଛି. ଏହା ସହିତ ସାଇବର ବୁଲିଙ୍ଗ୍ ଏବଂ ଅଶ୍ଳୀଳ ତଥ୍ୟର ପ୍ରସାର ଯୋଗୁଁ ନାବାଳକ ଅପରାଧ ମଧ୍ୟ ବଢୁଛି । ତେବେ ଟେକ୍ କମ୍ପାନୀଗୁଡ଼ିକ ଏହି ବ୍ଲକିଂ ନିୟମକୁ କଠିନ ମନେ କରୁଥିବା ବେଳେ ଶିଶୁ ଅଧିକାର ସଂଗଠନଗୁଡ଼ିକ ଏହାକୁ ସ୍ୱାଗତ କରିଛନ୍ତି ।

# ଗୁଜରାଟରେ ଭୟଙ୍କର ସଡ଼କ ଦୁର୍ଘଟଣା

**ଟ୍ରକ୍-ପିକଅପ୍ ମୁହାଁମୁହିଁ ଧକ୍କା, ୭ ଶ୍ରମିକ ମୃତ**

ଭୁଜ/ଅହମ୍ମଦାବାଦ, ୧୦/୧୦ : ଗୁଜରାଟର କଚ୍ଛ ଜିଲ୍ଲାରେ ଆଜି ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା ଘଟିଛି । ଜିଲ୍ଲାର ଖାଭଡ଼ା ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଏବଂ ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ପିକଅପ୍ ଭ୍ୟାନ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏହି ଭୟଙ୍କର ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ୭ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଆଜି ସକାଳେ ଶ୍ରମିକମାନେ ପିକଅପ୍ ଭ୍ୟାନ ଯୋଗେ କାମକୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ମାଲବାହୀ ଟ୍ରକ୍ ସହ ଏହାର ଜୋରଦାର ଧକ୍କା ହୋଇଥିଲା । ଧକ୍କା ଏତେ ଜବରଦସ୍ତ ଥିଲା ଯେ ପିକଅପ୍ ଭ୍ୟାନଟି ସମ୍ପୂର୍ଣ୍ଣ ରୂପେ ଚୂରମାର ହୋଇଯାଇଥିଲା ଏବଂ ଶ୍ରମିକମାନେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକ ଓ ପୋଲିସ ପ୍ରଶାସନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସମସ୍ତ ଆହତ ଶ୍ରମିକଙ୍କୁ ନିକଟସ୍ଥ ମୁନ୍ଦ୍ରା ଓ ଭୁଜ୍‌ର ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଅତି ସଂକଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ଆଗକୁ ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି । ପୋଲିସ ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

**ମଧ୍ୟପୂର୍ବରେ ବଡ଼ କୂଟନୈତିକ ସଫଳତା**

# ଇସ୍ରାଏଲ ଓ ହିଜବୁଲ୍ଲା ମଧ୍ୟରେ ଯୁଦ୍ଧବିରତି ଚୁକ୍ତି



✦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ସ୍ୱାକ୍ଷରିତ ହେଲା ଐତିହାସିକ ଚୁକ୍ତି

✦ ଦୀର୍ଘ ଦିନର ରକ୍ତାକ୍ତ ସଂଘର୍ଷରେ ଲାଗିବ ବିରାମ

ୱାଶିଂଟନ/ବେରୁତ ୧୦/୧୦ : ମଧ୍ୟପୂର୍ବରେ ଦୀର୍ଘ ଦିନ ଧରି ଚାଲିଥିବା ଭୟଙ୍କର ସାମରିକ ତନାତନି ଓ ରକ୍ତାକ୍ତ ସଂଘର୍ଷ ମଧ୍ୟରେ ଏକ ବଡ଼ କୂଟନୈତିକ ସଫଳତା ସାମ୍ନାକୁ ଆସିଛି । ଇସ୍ରାଏଲ ଏବଂ ଲେବାନନର ଆତଙ୍କୀ ସଂଗଠନ ହିଜବୁଲ୍ଲା ମଧ୍ୟରେ ଏକ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଐତିହାସିକ ଚୁକ୍ତି ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ଏହି ଚୁକ୍ତି ଆମେରିକା, କାତାର ଏବଂ ଇରାନର ମଧ୍ୟସ୍ଥତାରେ ସମ୍ଭବ ହୋଇପାରିଛି, ଯାହା ମଧ୍ୟପୂର୍ବରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି । ଚୁକ୍ତି ଅନୁଯାୟୀ, ଉଭୟ ଇସ୍ରାଏଲ ଓ ହିଜବୁଲ୍ଲା ପକ୍ଷରୁ ସମସ୍ତ ପ୍ରକାର ଆକ୍ରମଣାତ୍ମକ ସାମରିକ କାର୍ଯ୍ୟାନୁଷ୍ଠାନକୁ ତୁରନ୍ତ ବନ୍ଦ କରାଯିବ । ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଦକ୍ଷିଣ ଲେବାନନରୁ ନିଜର ସେନା ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ କରିବ ଏବଂ ସେହି ସ୍ଥାନରେ ଲେବାନନ ସରକାରଙ୍କ ସରକାରୀ ସେନା ମୁତୟନ ହେବେ । ଯଦି ହିଜବୁଲ୍ଲା ପକ୍ଷରୁ ଚୁକ୍ତିର କୌଣସି ଉଲ୍ଲଂଘନ କରାଯାଏ କିମ୍ବା ଆକ୍ରମଣର ଆଶଙ୍କା ଦେଖାଦିଏ, ତେବେ ଇସ୍ରାଏଲ ନିଜର ଆତ୍ମରକ୍ଷା ପାଇଁ ପାଲଟା ଜବାବ ଦେବାର ଅଧିକାର ସୁରକ୍ଷିତ ରଖିବ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଶାନ୍ତି ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ଲେବାନନ ରାଷ୍ଟ୍ରପତି ଜୋସେଫ ଆଓନଙ୍କୁ ସ୍ୱତନ୍ତ୍ର ଭାବେ ହ୍ୱାଇଟ୍ ହାଉସକୁ ଆମନ୍ତ୍ରଣ କରିଛନ୍ତି । ବିଗତ କିଛି ମାସ ଧରି ଇସ୍ରାଏଲର ପ୍ରତିଶୋଧମୂଳକ ଏୟାର ଷ୍ଟ୍ରାଇକ ଏବଂ ଗ୍ରାଉଣ୍ଡ ଅପରେସନ ଯୋଗୁଁ ଲେବାନନରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଏହି ସଂଘର୍ଷରେ ୩,୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ପ୍ରାୟ ୧୦ ଲକ୍ଷରୁ ଅଧିକ ଲୋକ ବେଘର ହୋଇ ଶରଣାର୍ଥୀ ପାଲଟିଥିଲେ । ଅପରପକ୍ଷେ, ହିଜବୁଲ୍ଲାର ରକେଟ ମାଡ଼ ଯୋଗୁଁ ଉତ୍ତର ଇସ୍ରାଏଲର ଜନଜୀବନ ମଧ୍ୟ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । ଏହି ଯୁଦ୍ଧ କାରଣରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ସହ ଆଞ୍ଚଳିକ ମହାଯୁଦ୍ଧର ଭୟ ସୃଷ୍ଟି ହୋଇଥିଲା । ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ସୁଦ୍ଧା ଏହାର ସ୍ଥାୟୀତ୍ୱକୁ ନେଇ କୂଟନୀତିଜ୍ଞମାନଙ୍କ ମଧ୍ୟରେ ସନ୍ଦେହ ରହିଛି । ହିଜବୁଲ୍ଲାର ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ ଏବଂ ସୀମା ନିର୍ଦ୍ଧାରଣକୁ ନେଇ ଏବେ ମଧ୍ୟ ବିବାଦ ସମାଧାନ ହୋଇନାହିଁ । ଯଦିଓ ଚୁକ୍ତି ଲାଗୁ ହୋଇଛି, ଉଭୟ ପକ୍ଷ ପରସ୍ପର ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ସାମାନ୍ୟ ଉତ୍ତେଜନା ପୁଣି ଥରେ ଯୁଦ୍ଧର ନିଆଁ ଜଳାଇପାରେ ବୋଲି ଆଶଙ୍କା କରାଯାଉଛି ।

**ଉପନିର୍ବାଚନ ଭୋଟ୍ ଗଣତି**

## ପଶ୍ଚିମବଙ୍ଗ ଓ ଆସାମରେ ବିଜେପି ଆଗୁଆ

# ତାମିଲନାଡୁରେ ଟିଭିକେର ଦବଦବା



ନୂଆଦିଲ୍ଲୀ, ୧୦/୧୦ : ଦେଶର ୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫ଟି ବିଧାନସଭା ଏବଂ ଗୋଟିଏ ଲୋକସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନର ଭୋଟ୍ ଗଣତି ଆଜି ସକାଳ ୮ଟାରୁ କଡ଼ା ସୁରକ୍ଷା ମଧ୍ୟରେ ଆରମ୍ଭ ହୋଇଛି । ପ୍ରାରମ୍ଭିକ ଫଳାଫଳ ଓ ଟ୍ରେଣ୍ଡ ଅନୁଯାୟୀ, ବିଭିନ୍ନ ରାଜ୍ୟରେ ଶାସକ ଓ ପ୍ରମୁଖ ଦଳଗୁଡ଼ିକ ନିଜର ଦବଦବା ବଜାୟ ରଖିଛନ୍ତି. ଏହି କ୍ରମରେ ପୁଡୁଚେରୀର ଥଟ୍ଟାନଚାଭାଡି ବିଧାନସଭା ଆସନକୁ ଶାସକ ଇଓଘଜଉ ଦଳ ପୁନର୍ବାର ହାତେଇଛି । ଏଠାରେ ଏନ୍‌ଡିଏ ସହଯୋଗୀ ଏଆଇଏନ୍‌ଆରସି ପ୍ରାର୍ଥୀ ଅଶୋକ ଆନନ୍ଦ କଂଗ୍ରେସ ପ୍ରାର୍ଥୀଙ୍କୁ ପ୍ରାୟ ୮,୪୮୨ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି ।

ପଶ୍ଚିମବଙ୍ଗର ହାଇପ୍ରୋଫାଇଲ୍ ନନ୍ଦୀଗ୍ରାମ ଆସନରେ ବିଜେପି ପ୍ରାର୍ଥୀ ହାସି ରାନୀ ରଥ ୧ ଲକ୍ଷରୁ ଅଧିକ ଭୋଟ୍ ବ୍ୟବଧାନରେ ଆଗୁଆ ରହି ବିଜୟ ଆଡ଼କୁ ଅଗ୍ରସର ହେଉଛନ୍ତି. ସେହିପରି ରେଜିନଗର ଆସନରେ ମଧ୍ୟ ବିଜେପି ପ୍ରାର୍ଥୀ ଶାଖାହାରଭ ସରକାର ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଯଥେଷ୍ଟ ଆଗରେ ଅଛନ୍ତି । ଅପରପକ୍ଷେ, ଆସାମର ନଅଗାଁଓ ଲୋକସଭା ଆସନ ପାଇଁ ଚାଲିଥିବା ଗଣତିରେ ବିଜେପି ପ୍ରାର୍ଥୀ ତଥା ପୂର୍ବତନ ଆଇଏଏସ୍ ଅଧିକାରୀ ଦେବାଶିଷ ଶର୍ମା ନିଜର ପ୍ରତିଦ୍ୱନ୍ଦ୍ୱୀ ଏଆଇୟୁଡିଏଫ୍ ମୁଖ୍ୟ ବଦ୍ରୁଦ୍ଦିନ ଅଜମଲଙ୍କଠାରୁ ୮୦,୦୦୦ରୁ ଅଧିକ ଭୋଟ୍‌ରେ ଆଗୁଆ ରହିଛନ୍ତି । ତାମିଲନାଡୁର ମଦୁରାନ୍ତକମ୍ ଏବଂ ଧରାପୁରମ୍ ବିଧାନସଭା ଆସନରେ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ନେତୃତ୍ୱାଧୀନ ଶାସକ ଦଳ ତାମିଲଗା ଭେଟ୍ରି କାଜାଗାମର ପ୍ରାର୍ଥୀମାନେ ନିଜର ପ୍ରଦର୍ଶନ ଜାରି ରଖିଛନ୍ତି । ଏହି ଦୁଇଟି ଯାକ ଆସନରେ ଟିଭିକେ ପ୍ରାର୍ଥୀମାନେ ଡିଏମ୍‌କେ ଏବଂ ଏଆଇଡିଏମ୍‌କେ ପ୍ରାର୍ଥୀଙ୍କୁ ପଛରେ ପକାଇ ଆଗୁଆ ରହିଛନ୍ତି । ନିର୍ବାଚନ କମିଶନଙ୍କ ୱେବସାଇଟ୍ ଅନୁଯାୟୀ, ଗଣତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବିଜୟୀ ପ୍ରାର୍ଥୀମାନଙ୍କ ଶିବିରରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି ।

" ସତ୍ୟ ପଥେ ଚାଲି ଜୀବନ ଗଢ଼ିବା, ମନରୁ ପୋଛିବା ଅନ୍ଧାର,
କ୍ଷମା ଓ ପ୍ରେମର ଦୀପଟିଏ ଜାଳି, ବାଣ୍ଟିବା ସେନେହ ଅପାର।
କର୍ମ ହିଁ ଧର୍ମ ଏ ଦୁନିଆ ଜାଣଇ, ଫଳକୁ ନକରି ଆଶା,
ଅନ୍ୟର ସେବାରେ ନିଜକୁ ହରାଇ, ଖୋଜିବା ମୁକ୍ତିର ଦିଶା। "

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

## ସମ୍ପାଦକୀୟ...

# ଗଣତାନ୍ତ୍ରିକ ପ୍ରତିବାଦ ବନାମ ସରକାରୀ କଟକଣା

ସାମ୍ପ୍ରତିକ ସମୟରେ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ ଏବଂ ଏହାକୁ ଦମନ କରିବା ପାଇଁ ସରକାର ଓ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା କଟକଣା ଦେଶର ରାଜନୈତିକ ଏବଂ ସାମାଜିକ ବାତାବରଣକୁ ବେଶ୍ ସରଗରମ କରିଛି। ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଓ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି କରି ଯୁବପିଢ଼ିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଗଣତନ୍ତ୍ରରେ ଜନସାଧାରଣଙ୍କ ସ୍ୱରର ଗୁରୁତ୍ୱକୁ ପୁନର୍ବାର ସାମ୍ନାକୁ ଆଣିଛି। ଅନ୍ୟପକ୍ଷରେ, ଦିଲ୍ଲୀର ଜନ୍ତର ମନ୍ତରଠାରେ ହେବାକୁ ଥିବା ବିକ୍ଷୋଭ ପୂର୍ବରୁ ୟୁଟ୍ୟୁବର୍ ଧ୍ରୁବ ରାଠୀ ଓ ସିଜେପି ନେତା ଅଭିଜିତ ଦିପକେଙ୍କ ସମେତ ଶତାଧିକ ଆନ୍ଦୋଳନକାରୀଙ୍କୁ ଅଟକ ରଖିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅତିମାତ୍ରାରେ କଡ଼ାକଡ଼ି କରିବା ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ତଥା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ 'ପ୍ରତିବାଦର ଅଧିକାର' ଏବଂ 'ଆଇନ ଶୃଙ୍ଖଳା ରକ୍ଷା' ମଧ୍ୟରେ ଥିବା ସୂକ୍ଷ୍ମ ସୀମାରେଖାକୁ ନେଇ ଏବେ ଏକ ବଡ଼ ବିତର୍କ ଆରମ୍ଭ ହୋଇଛି।

ଭାରତୀୟ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ରିତ ହେବା ଏବଂ ନିଜର ଅସନ୍ତୋଷ ପ୍ରକାଶ କରିବାର ଅଧିକାର ପ୍ରଦାନ କରିଛି। ସିଜେପି ଭଳି ଏକ ଯୁବ-ଆଧାରିତ ସଂଗଠନ ଯେତେବେଳେ ସଂସ୍ଥାଗତ ସ୍ୱଚ୍ଛତା ଓ ବେକାରୀ ସମସ୍ୟା ଭଳି ପ୍ରସଙ୍ଗକୁ ନେଇ ଆନ୍ଦୋଳନ କରୁଛି, ସେତେବେଳେ ଏହାକୁ କେବଳ ଏକ ରାଜନୈତିକ ହଟଚମଟ ଭାବେ ଦେଖିବା ଉଚିତ ନୁହେଁ। ଗଣତନ୍ତ୍ରରେ ଜନସାଧାରଣ ହିଁ ସର୍ବୋପରି ଏବଂ ସରକାରୀ ନୀତି ବା ସାମ୍ବିଧାନିକ ସଂସ୍ଥାର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇବା ନାଗରିକଙ୍କର ମୌଳିକ କର୍ତ୍ତବ୍ୟ ମଧ୍ୟ ଅଟେ। ଯେତେବେଳେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଆସୁଥିବା ନେତାମାନଙ୍କୁ ବିମାନ ଭିତରେ କିମ୍ବା ବିମାନବନ୍ଦରରେ ଅଟକ ରଖାଯାଏ, ସେତେବେଳେ ପ୍ରଶାସନର ମନୋଭାବ ପ୍ରତିରୋଧାତ୍ମକ ବୋଲି ପ୍ରତୀତ ହୁଏ। ଏଭଳି କଟକଣା ବେଳେବେଳେ ଜନଅସନ୍ତୋଷକୁ ହ୍ରାସ କରିବା ପରିବର୍ତ୍ତେ ଅଧିକ ତୀବ୍ର କରିଥାଏ, ଯାହା ଗତ କିଛିଦିନର ଘଟଣାକ୍ରମରୁ ସ୍ପଷ୍ଟ ଜଣାପଡୁଛି।

ଅପରପକ୍ଷରେ, ସରକାର ଓ ପୋଲିସ ପ୍ରଶାସନର ଦାୟିତ୍ୱକୁ ସମ୍ପୂର୍ଣ୍ଣ ରୂପେ ଅସ୍ୱୀକାର କରାଯାଇପାରିବ ନାହିଁ। ବୃହତ ଜନସମାବେଶ ସମୟରେ ଶାନ୍ତିଭଙ୍ଗ ହେବାର ଆଶଙ୍କା, ଗୁଜବ ପ୍ରସାର ଓ ଜନଜୀବନ ବ୍ୟାହତ ହେବାର ସମ୍ଭାବନା ସର୍ବଦା ରହିଥାଏ। ଦିଲ୍ଲୀ ପୋଲିସ ପକ୍ଷରୁ ସାମାଜିକ ସୌହାର୍ଦ୍ଦ୍ୟ ରକ୍ଷା ପାଇଁ ଏବଂ ଉତ୍ତେଜନାମୂଳକ ବାର୍ତ୍ତାରୁ ଦୂରେଇ ରହିବାକୁ କରାଯାଇଥିବା ଅନୁରୋଧ ପ୍ରଶାସନିକ ସତର୍କତାର ଏକ ଅଂଶ। ସୁରକ୍ଷା ବାହିନୀ ପାଇଁ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଆନ୍ଦୋଳନର ଆଢୁଆଳରେ ଅସାମାଜିକ ତତ୍ତ୍ୱ କିଭଳି କୌଣସି ହିଂସାତ୍ମକ ପରିସ୍ଥିତି ସୃଷ୍ଟି ନ କରନ୍ତି, ତାହା ନିଶ୍ଚିତ କରିବା। ତେଣୁ ସାର୍ବଜନୀନ ସୁରକ୍ଷା ଦୃଷ୍ଟିରୁ କିଛି ମାତ୍ରାରେ କଟକଣା ଜାରି କରିବା ଆବଶ୍ୟକ ହୋଇପାରେ, କିନ୍ତୁ ଏହାର ପ୍ରୟୋଗ ସୀମିତ ଓ ଯୁକ୍ତିଯୁକ୍ତ ହେବା ଜରୁରୀ। କେବଳ ସନ୍ଦେହ ଆଧାରରେ ବହୁସଂଖ୍ୟକ କର୍ମୀଙ୍କୁ ଗିରଫ କରାଯିବା ଗଣତାନ୍ତ୍ରିକ ମୂଲ୍ୟବୋଧର ପରିପନ୍ଥୀ ବୋଲି ସମାଜର ବିଭିନ୍ନ ମହଲରୁ ସ୍ୱର ଉଠିଲାଣି। ସିଜେପିର ଏହି ଆନ୍ଦୋଳନର ପ୍ରଭାବ ଏବେ ଓଡ଼ିଶାରେ ମଧ୍ୟ ଅନୁଭୂତ ହେଉଛି। ରାଜ୍ୟର ଶିକ୍ଷା ବ୍ୟବସ୍ଥା ଓ ଯୁବ ସମସ୍ୟାକୁ ନେଇ କର୍ମୀମାନେ ନିଜର ଦାବି ଉପସ୍ଥାପନ କରୁଛନ୍ତି। ଓଡ଼ିଶା ଭଳି ଏକ ପ୍ରଗତିଶୀଳ ଏବଂ ଶାନ୍ତିପ୍ରିୟ ରାଜ୍ୟରେ ଯୁବପିଢ଼ିଙ୍କର ରାଜନୈତିକ ସଚେତନତା ଏକ ସକାରାତ୍ମକ ସଙ୍କେତ। ସରକାର ସେମାନଙ୍କର ସମସ୍ୟାକୁ ଶୁଣିବା ଏବଂ ଗଠନମୂଳକ ଆଲୋଚନା ମାଧ୍ୟମରେ ସମାଧାନର ପନ୍ଥା ବାହାର କରିବା ଉଚିତ।

### ଅଧିକାର ଓ ସୁରକ୍ଷାର ସନ୍ତୁଳନ

କୌଣସି ଆନ୍ଦୋଳନକୁ କେବଳ ବଳପ୍ରୟୋଗ କିମ୍ବା ଆଇନଗତ କଟକଣା ଦ୍ୱାରା ଚପାଇ ଦେବା ଦୀର୍ଘସ୍ଥାୟୀ ସମାଧାନ ଦେଇପାରେ ନାହିଁ। ଯେତେବେଳେ ବିରୋଧୀ ଦଳ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ବାର୍ ଆସୋସିଏସନର ଓକିଲମାନେ ମଧ୍ୟ ଏହି ପ୍ରତିବାଦକୁ ସମର୍ଥନ ଜଣାଉଛନ୍ତି, ସେତେବେଳେ ସରକାରଙ୍କୁ ନିଜର ରଣନୀତି ଉପରେ ପୁନର୍ବିଚାର କରିବାକୁ ହେବ। ଏକ ସୁସ୍ଥ ଗଣତନ୍ତ୍ରର ବିକାଶ ପାଇଁ ଶାସକ ଏବଂ ପ୍ରତିବାଦକାରୀ ଉଭୟଙ୍କ ମଧ୍ୟରେ ସମନ୍ୱୟ ଓ ସମ୍ମାନର ଭାବ ରହିବା ଆବଶ୍ୟକ।

ସରକାରଙ୍କୁ ବୁଝିବାକୁ ହେବ ଯେ ନାଗରିକଙ୍କ ସ୍ୱର ଏବଂ ସମାଲୋଚନା ହିଁ ପ୍ରଶାସନକୁ ଅଧିକ ଜବାବଦାରୀ କରିଥାଏ। ଅପରପକ୍ଷରେ, ଆନ୍ଦୋଳନକାରୀମାନଙ୍କର ମଧ୍ୟ ଦାୟିତ୍ୱ ରହିଛି ଯେ ସେମାନଙ୍କର ପ୍ରତିବାଦ ଯେପରି ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ, ସାମ୍ବିଧାନିକ ଗଣ୍ଡି ଭିତରେ ଏବଂ ସାଧାରଣ ଲୋକଙ୍କ ପାଇଁ ଅସୁବିଧା ସୃଷ୍ଟି ନକରେ। ପୋଲିସ ପ୍ରଶାସନ କେବଳ ଶାନ୍ତି ରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ, କୌଣସି ବୈଧ ସ୍ୱରକୁ ଦବାଇବା ପାଇଁ ନୁହେଁ। କଟକଣାର କଠୋରତା ଅପେକ୍ଷା ଆଲୋଚନାର ଉଦାରତା ହିଁ ଏଭଳି ସଂକଟର ଏକମାତ୍ର ସମାଧାନ। ସରକାର କଟକଣା ହଟାଇ ଆଲୋଚନା ପାଇଁ ଦ୍ୱାର ଉନ୍ମୁକ୍ତ କରନ୍ତୁ ଏବଂ ଆନ୍ଦୋଳନକାରୀମାନେ ଶୃଙ୍ଖଳିତ ଭାବେ ନିଜର ଦାବି ଉପସ୍ଥାପନ କରନ୍ତୁ, ଏହା ହିଁ ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା।

# ବାଜି ରାଉତ : ଭାରତର ସର୍ବକନିଷ୍ଠ ଶହୀଦ



ଅଭିଷେକ ଯୋଶୀ
ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ବାଜି ରାଉତଙ୍କ ନାମ ଏକ ଅନନ୍ୟ ଏବଂ ଅମର ଅଧ୍ୟାୟ। ମାତ୍ର ୧୨ ବର୍ଷ ବୟସରେ ସେ ବ୍ରିଟିଶ ଶାସନର ଅତ୍ୟାଚାର ବିରୋଧରେ ଠିଆ ହୋଇ ପ୍ରାଣ ଉତ୍ସର୍ଗ କରିଥିଲେ, ଯାହା ପାଇଁ ତାଙ୍କୁ ଭାରତର ସର୍ବକନିଷ୍ଠ ଶହୀଦ ବୋଲି ଗଣନା କରାଯାଏ। ତାଙ୍କର ଏହି ଅସାଧାରଣ ସାହସିକତା ଏବଂ ଦେଶପ୍ରେମ ଆଜି ମଧ୍ୟ କୋଟି କୋଟି ଭାରତୀୟଙ୍କ ହୃଦୟରେ ଜୀବନ୍ତ ଅଛି।

ବାଜି ରାଉତଙ୍କ ଜନ୍ମ ହୋଇଥିଲା ୧୯୨୬ ମସିହା ଅକ୍ଟୋବର ୫ ତାରିଖରେ, ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ନୀଳକଣ୍ଠପୁର ଗ୍ରାମରେ। ତାଙ୍କ ପିତା ହରି ରାଉତ ଜଣେ ସାଧାରଣ ନାବିକ ଥିଲେ ଏବଂ ମାତା ରାଣୀ ଦେବୀ ଜଣେ ଗୃହିଣୀ ଥିଲେ। ବାଜି ଥିଲେ ସେମାନଙ୍କର ସର୍ବକନିଷ୍ଠ ସନ୍ତାନ। ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ବାଜିଙ୍କ ମନରେ ଦେଶପ୍ରେମର ଭାବନା ଅତ୍ୟନ୍ତ ପ୍ରବଳ ଥିଲା। ଶୈଶବରୁ ହିଁ ବାଜି ଦେଶ ପ୍ରେମର ଭାବନାରେ ଉଦ୍‌ବୁଦ୍ଧ ଥିଲେ। ସେହି ସମୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରଜାମଣ୍ଡଳ ଆନ୍ଦୋଳନ ଜୋର ଧରିଥିଲା। ଏହି ଆନ୍ଦୋଳନର ପ୍ରଭାବ ବାଜିଙ୍କ ଉପରେ ମଧ୍ୟ ପଡ଼ିଥିଲା। ସେ 'ପ୍ରଜାମଣ୍ଡଳ'ର ଶିଶୁ ଶାଖା ବାନର ସେନା' ରେ ସକ୍ରିୟ ଭାବରେ ଯୋଗଦାନ କରିଥିଲେ। ଏହି ସଂଗଠନ ମାଧ୍ୟମରେ ସେ ଦେଶର ସ୍ୱାଧୀନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ।

୧୯୩୮ ମସିହା ଅକ୍ଟୋବର ୧୦ ତାରିଖ ରାତିରେ, ବ୍ରାହ୍ମଣୀ ନଦୀ କୂଳରେ ନାବିକ ଭାବରେ କାମ କରୁଥିଲେ ବାଜି ରାଉତ ସେହି ରାତିରେ କିଛି ବ୍ରିଟିଶ ପୁଲିସ ଅଧିକାରୀ ତାଙ୍କ ପାଖକୁ ଆସି ନଦୀ ପାର ହେବା ପାଇଁ ନୌକା ଚଳେଇବା ଦେବାକୁ ଆଦେଶ ଦେଲେ। କିନ୍ତୁ ବାଜି ସାହସର ସହିତ ସେମାନଙ୍କ ଆଦେଶ ଅମାନ୍ୟ କଲେ ଏବଂ ନୌକା ଚଳେଇବାକୁ ମନା କରିଦେଲେ। ଏହା ସହିତ ନୌକା ନେବାକୁ ମଧ୍ୟ ଦେଲେ ନାହିଁ। ବାଜିଙ୍କ ଏହି ସାହସିକ ପ୍ରତିବାଦରେ ରାଗରେ ଅନ୍ଧ ହୋଇ ବ୍ରିଟିଶ ପୁଲିସ ତାଙ୍କ ମୁଣ୍ଡରେ ଗୁଳି ଚଳାଇଲେ। ଗୁଳି ଲାଗି ବାଜି ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କଲେ। ଏହି ଘଟଣାରେ ବାଜିଙ୍କ ସହ ଆଉ ଛଅ ଜଣ ଗାଁଲୋକ ମଧ୍ୟ ଶହୀଦ ହୋଇଥିଲେ। ୧୯୩୮ ମସିହା ଅକ୍ଟୋବର ୧୧ ତାରିଖରେ ମାତ୍ର ୧୨ ବର୍ଷ ବୟସରେ ବାଜି ରାଉତ ଶହାଦତ ବରଣ କଲେ।

ବାଜି ରାଉତଙ୍କ ଶହୀଦ ହେବାର ଖବର ସମଗ୍ର ଓଡ଼ିଶାରେ ଏବଂ ପରବର୍ତ୍ତୀ ସମୟରେ ସମଗ୍ର ଭାରତରେ ପ୍ରସାରିତ ହୋଇଥିଲା। ତାଙ୍କର ଏହି ଅସାଧାରଣ ସାହସିକତା ବ୍ରିଟିଶ ଶାସନ ବିରୋଧରେ ଆନ୍ଦୋଳନକୁ ଆହୁରି ଜୋରଦାର କରିଥିଲା। ଅନେକ ଯୁବକ ଏବଂ ଶିଶୁ ବାଜିଙ୍କ ପଥାନୁସରଣ କରି ଦେଶର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିଲେ। ବାଜି ରାଉତଙ୍କ ଶହୀଦ ସ୍ଥଳୀ ଓଡ଼ିଶାର ଢେଙ୍କାନାଳ ଜିଲ୍ଲାରେ ଅବସ୍ଥିତ। ସେଠାରେ ତାଙ୍କ ସ୍ମୃତିରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଛି। ପ୍ରତି ବର୍ଷ ଅକ୍ଟୋବର ୧୧ ତାରିଖରେ, ତାଙ୍କ ଶହୀଦ ଦିବସରେ ସେଠାରେ ବିଭିନ୍ନ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ।

ବାଜି ରାଉତଙ୍କ ଜୀବନକାହାଣୀ ପ୍ରମାଣ କରେ ଯେ ଦେଶପ୍ରେମ ପାଇଁ ବୟସ କୌଣସି ବାଧା ନୁହେଁ। ତାଙ୍କର ଏହି ଅସାଧାରଣ ତ୍ୟାଗ ଆଜି ମଧ୍ୟ ଯୁବପିଢ଼ିକୁ ଦେଶପ୍ରେମ ଏବଂ ସାହସିକତା ପାଇଁ ପ୍ରେରଣା ଯୋଗାଇ ଆସୁଛି।

ଓଡ଼ିଶାର ଅନେକ ସ୍କୁଲ ଏବଂ କଲେଜରେ ବାଜି ରାଉତଙ୍କ ନାମରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଛି। ପ୍ରତି ବର୍ଷ ଅକ୍ଟୋବର ୫ ତାରିଖରେ, ତାଙ୍କ ଜନ୍ମବାର୍ଷିକୀରେ ଏହି ସଂସ୍ଥାଗୁଡ଼ିକରେ ବିଭିନ୍ନ ସ୍ମାରକୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଛାତ୍ରଛାତ୍ରୀମାନଙ୍କୁ ବାଜିଙ୍କ ଜୀବନ କାହାଣୀ ଶୁଣାଇ ଦେଶପ୍ରେମର ଭାବନା ଜାଗ୍ରତ କରାଯାଏ।

ବାଜି ରାଉତଙ୍କ ଜୀବନକାହାଣୀ ଉପରେ ଅନେକ କବିତା, ଗଳ୍ପ, ନାଟକ ଏବଂ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଓଡ଼ିଆ ସାହିତ୍ୟରେ ବାଜିଙ୍କୁ ନେଇ ଅନେକ ପୁସ୍ତକ ରଚନା କରାଯାଇଛି। ତାଙ୍କ ଜୀବନକାହାଣୀ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିଛି। ଭାରତ ସରକାର ବାଜି ରାଉତଙ୍କ ଅବଦାନକୁ ସ୍ୱୀକୃତି ଦେଇ ତାଙ୍କୁ ଜାତୀୟ ସ୍ତରରେ ସମ୍ମାନିତ କରିଛନ୍ତି। ତାଙ୍କ ନାମ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି। ପ୍ରତି ବର୍ଷ ସ୍ୱାଧୀନତା ଦିବସ ଏବଂ ଗଣତନ୍ତ୍ର ଦିବସରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଏ। ଆଧୁନିକ ସମୟରେ ଯେତେବେଳେ ଦେଶପ୍ରେମର ଭାବନା କ୍ରମଶଃ ହ୍ରାସ ପାଉଛି, ସେତେବେଳେ ବାଜି ରାଉତଙ୍କ ଜୀବନକାହାଣୀ ଆମକୁ ସ୍ମରଣ କରାଇ ଦିଏ ଯେ ଦେଶ ପାଇଁ ତ୍ୟାଗ କରିବାର ଭାବନା କେବେ ମରିଯାଏ ନାହିଁ। ତାଙ୍କର ଏହି ଅମର କାହାଣୀ ଆମକୁ ଶିଖାଏ ଯେ ସତ୍ୟ ଏବଂ ନ୍ୟାୟ ପାଇଁ ଠିଆ ହେବା କେବେ ଭୁଲ ନୁହେଁ।

ବାଜି ରାଉତଙ୍କ ଏହି ମହାନ ତ୍ୟାଗକୁ ଆମେ ସଦା ସ୍ମରଣରେ ରଖିବା ଉଚିତ। ତାଙ୍କର ଅମର ଆତ୍ମାକୁ ଆମେ ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ ତାଙ୍କ ପଥାନୁସରଣ କରି ଦେଶର ଉନ୍ନତି ପାଇଁ କାମ କରିବା। ବାଜି ରାଉତଙ୍କ ନାମ ଚିରଦିନ ପାଇଁ ଭାରତର ଇତିହାସରେ ଅମର ହୋଇ ରହିବ।

# ଜରୁରୀକାଳ ଘୋଷିତ ହୋଇନି : ତଥାପି ଗଣତନ୍ତ୍ର କ'ଣ ଅବରୋଧରେ ?

ଆଜିର ଦିଲ୍ଲୀର ଦୃଶ୍ୟ ଆମକୁ ଏକ ମୌଳିକ ପ୍ରଶ୍ନ ସାମ୍ନାରେ ଠିଆ କରାଉଛି—ସମ୍ବିଧାନରେ ଜରୁରୀକାଳ ଘୋଷଣା ନ ହୋଇଥିଲେ ମଧ୍ୟ, ଯଦି ପ୍ରତିବାଦର ସ୍ୱରକୁ ରୋକିବା ପାଇଁ ରାଜଧାନୀକୁ ବ୍ୟାରିକେଡ୍‌ରେ ଘେରାଯାଏ, ଯାତାୟାତ ବନ୍ଦ କରାଯାଏ, ଇଣ୍ଟରନେଟ୍ କାଟାଯାଏ ଓ ପ୍ରତିବାଦକାରୀଙ୍କୁ ଅଟକ ରଖାଯାଏ, ତେବେ ତାହାକୁ କ'ଣ କୁହାଯିବ ? ଏହାକୁ ଆଇନଗତ ଭାବେ "ଜରୁରୀକାଳ" କହିବା ଠିକ୍ ନୁହେଁ; କିନ୍ତୁ ଏପରି ପଦକ୍ଷେପ ନାଗରିକ ସ୍ୱାଧୀନତା ଓ ଗଣତାନ୍ତ୍ରିକ ପ୍ରତିବାଦର ସ୍ଥାନକୁ ଗଭୀର ଭାବେ ସଙ୍କୁଚିତ କରୁଛି କି ନାହିଁ - ସେ ପ୍ରଶ୍ନ ଉଠାଇବା ଆବଶ୍ୟକ।

ଆଜି, ୧୦ ଅକ୍ଟୋବର ୨୦୨୬ରେ ଦିଲ୍ଲୀରେ ପ୍ରସ୍ତାବିତ ପ୍ରତିବାଦ ପୂର୍ବରୁ ଅନେକ ମେଟ୍ରୋ ଷ୍ଟେସନ୍‌ର ପ୍ରବେଶ-ପ୍ରସ୍ଥାନ ବନ୍ଦ, କିଛି ଦୂରପାଲ୍ଲା ଟ୍ରେନ୍ ବାତିଲ, ପ୍ରତିବାଦସ୍ଥଳ ନିକଟରେ ମୋବାଇଲ୍ ଇଣ୍ଟରନେଟ୍ ସେବା ନିଲମ୍ବନ ଓ ବିଭିନ୍ନ ରାସ୍ତାରେ ବହୁସ୍ତରୀୟ ବ୍ୟାରିକେଡ୍‌ର ଖବର ଆସିଛି। ପ୍ରତିବାଦକାରୀଙ୍କୁ ଅଟକ ରଖାଯାଇଥିବା ଖବର ମଧ୍ୟ ରହିଛି। ଏହି ଘଟଣାକୁ ନେଇ ସୁପ୍ରିମ୍ କୋର୍ଟ ମେଟ୍ରୋ ଓ ରେଳ ସେବାକୁ ସମ୍ପୂର୍ଣ୍ଣ ବନ୍ଦ ନକରିବା ଏବଂ ଯାତାୟାତକୁ ପୂରାପୂରି ଅଟକାଇ ନଦେବା ବିଷୟରେ ସତର୍କ କରିଥିବା ଖବର ମଧ୍ୟ ପ୍ରକାଶିତ ହୋଇଛି।

ଭାରତୀୟ ସମ୍ବିଧାନର ଧାରା ୩୫୨ ଅନୁଯାୟୀ ଜାତୀୟ ଜରୁରୀକାଳ ଘୋଷଣା କରାଯାଇପାରେ। ୧୯୭୫ରେ ଏହି ଧାରାରେ ଆଧାର ଥିଲା— ଯୁଦ୍ଧ, ବାହ୍ୟ ଆକ୍ରମଣ କିମ୍ବା 'ଆଭ୍ୟନ୍ତରୀଣ ଅଶାନ୍ତି' (Internal Disturbance)। ସେତେବେଳେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପରାମର୍ଶରେ ରାଷ୍ଟ୍ରପତି ଫକରୁଦ୍ଦିନ ଅଲି ଅହମଦ ଜରୁରୀକାଳ ଘୋଷଣା କରିଥିଲେ। ଏହା ଏକ ସଂବିଧାନିକ ପ୍ରକ୍ରିୟା ମାଧ୍ୟମରେ ହୋଇଥିଲା - କିନ୍ତୁ ସଂବିଧାନ ଅନୁଯାୟୀ ଘୋଷିତ ହେବା ମାତ୍ରେ ତାହାର ପରବର୍ତ୍ତୀ ବ୍ୟବହାର ଗଣତାନ୍ତ୍ରିକ କିମ୍ବା ନ୍ୟାୟସଙ୍ଗତ ହୋଇଯାଏ ନାହିଁ। ୧୯୭୫–୭୭ର ଜରୁରୀକାଳରେ ନାଗରିକ ସ୍ୱାଧୀନତା ସଙ୍କୁଚିତ ହୋଇଥିଲା, ରାଜନୈତିକ ବିରୋଧୀଙ୍କୁ ଗିରଫ କରାଯାଇଥିଲା ଏବଂ ସାମ୍ବାଦିକତା ଉପରେ ସେନ୍ସରଶିପ୍ ଲାଗିଥିଲା।

କିନ୍ତୁ ଏହାର ଇତିହାସ କେବଳ ୧୯୭୫ରୁ ଆରମ୍ଭ ହୁଏନାହିଁ। ସ୍ୱାଧୀନତା ପରେ ଧାରା ୩୫୨ ଅନୁଯାୟୀ ଜରୁରୀକାଳ ତିନିଥର ଘୋଷିତ ହୋଇଥିଲା—୧୯୬୨ରେ ଚୀନ୍ ସହ ଯୁଦ୍ଧ ସମୟରେ, ୧୯୭୧ରେ ପାକିସ୍ତାନ ସହ ଯୁଦ୍ଧ ସମୟରେ ଏବଂ ୧୯୭୫ରେ "ଆଭ୍ୟନ୍ତରୀଣ ଅଶାନ୍ତି" ଆଧାରରେ। ପ୍ରଥମ ଦୁଇଟି ବାହ୍ୟ ଆକ୍ରମଣ ପରିପ୍ରେକ୍ଷ୍ୟରେ ଥିଲା; ୧୯୭୫ର ଘୋଷଣା ଥିଲା ଦେଶର ଭିତର ରାଜନୈତିକ ପରିସ୍ଥିତିକୁ ଆଧାର କରି। ଜରୁରୀକାଳର ଅନୁଭବ ପରେ ୧୯୭୮ର ୪୪ତମ ସଂବିଧାନ ସଂଶୋଧନ ଧାରା ୩୫୨ରେ "ଆଭ୍ୟନ୍ତରୀଣ ଅଶାନ୍ତି" ବଦଳରେ "ସଶସ୍ତ୍ର ବିଦ୍ରୋହ" (armed rebellion) ଶବ୍ଦ ରଖିଲା। ଏହାର ଉଦ୍ଦେଶ୍ୟ ଥିଲା ଜରୁରୀକାଳ ଘୋଷଣା ପାଇଁ ଭିତରୀଣ ଆଧାରକୁ ଅଧିକ ସ୍ପଷ୍ଟ ଓ ସୀମିତ କରିବା। ଏହା ସହିତ ରାଷ୍ଟ୍ରପତିଙ୍କୁ ଜରୁରୀକାଳ ଘୋଷଣା ପାଇଁ ମନ୍ତ୍ରିମଣ୍ଡଳର ଲିଖିତ ନିଷ୍ପତ୍ତି ଦେବା ଏବଂ ସଂସଦୀୟ ଅନୁମୋଦନ ଭଳି ସୁରକ୍ଷା ବ୍ୟବସ୍ଥା ରହିଛି।

ତେଣୁ ଆଜିର କୌଣସି ପ୍ରତିବାଦ, ରାସ୍ତା ଅବରୋଧ କିମ୍ବା ଆଇନ-ଶୃଙ୍ଖଳା ପରିସ୍ଥିତିକୁ ଦେଖି ସରକାର ଇଚ୍ଛାମତେ ଧାରା ୩୫୨ ଲଗାଇପାରିବେ - ଏପରି କହିବା ଠିକ୍ ନୁହେଁ। ସେହିପରି, ଧାରା ୩୫୨ ଅନୁଯାୟୀ ଜାତୀୟ ଜରୁରୀକାଳ ଘୋଷଣା ନହୋଇଥିଲେ ମଧ୍ୟ ସରକାରଙ୍କ ପ୍ରତ୍ୟେକ କଠୋର ପଦକ୍ଷେପକୁ ଆଇନଗତ ଭାବେ 'ଜରୁରୀକାଳ' ବୋଲି କହିବା ମଧ୍ୟ ସଠିକ୍ ନୁହେଁ। କିନ୍ତୁ ଏହି ଆଇନଗତ ପାର୍ଥକ୍ୟ ନାଗରିକଙ୍କ ଅଧିକାର, ଶାନ୍ତିପୂର୍ଣ୍ଣ ପ୍ରତିବାଦ ଓ ସରକାରୀ ପଦକ୍ଷେପର ଅନୁପାତିକତା ବିଷୟରେ ପ୍ରଶ୍ନ କରିବାର ଅଧିକାରକୁ ହଟାଇ ଦିଏନାହିଁ।

**ଜରୁରୀକାଳର ସମାଲୋଚନା - ସମସ୍ତଙ୍କ ପାଇଁ ସମାନ ମାନଦଣ୍ଡ :**

୧୯୭୫ର ଜରୁରୀକାଳକୁ "କଳା ଅଧ୍ୟାୟ" କହିବାର ଐତିହାସିକ ଓ ରାଜନୈତିକ କାରଣ ଅଛି। ତାହା ସମୟରେ ଗିରଫ, ପ୍ରେସ୍ ସେନ୍ସରଶିପ୍ ଓ ନାଗରିକ ସ୍ୱାଧୀନତା ଉପରେ ଆଘାତ ଲାଗିଥିଲା - ଏହାକୁ ଭୁଲିଯିବା ଉଚିତ ନୁହେଁ। କିନ୍ତୁ ସେହି ଇତିହାସକୁ ଆଜିର ସରକାରୀ କାର୍ଯ୍ୟକଳାପକୁ ପ୍ରଶ୍ନରୁ ବାହାରେ ରଖିବା ପାଇଁ ଢାଲ୍ ଭାବେ ବ୍ୟବହାର କରିହେବ ନାହିଁ। ୧୯୭୫ର ଜରୁରୀକାଳକୁ ଯେଉଁମାନେ ନିନ୍ଦା କରନ୍ତି, ସେମାନେ ଆଜିର ସମୟରେ ମଧ୍ୟ ଲୋକତାନ୍ତ୍ରିକ ଅଧିକାର ପ୍ରତି ସମାନ ସଜାଗତା ଦେଖାଇବା ଦରକାର।

ସରକାର କହିପାରନ୍ତି - ଏହି ପଦକ୍ଷେପଗୁଡ଼ିକ ସୁରକ୍ଷା ଓ ଆଇନ-ଶୃଙ୍ଖଳା ପାଇଁ ନିଆଯାଇଛି। ପ୍ରଶାସନର ଦାୟିତ୍ୱ ନିଶ୍ଚୟ ଭିଡ଼ ଓ ହିଂସା ରୋକିବା। କିନ୍ତୁ ପ୍ରଶ୍ନ ହେଉଛି: ଏହି ପଦକ୍ଷେପ ଆବଶ୍ୟକ ଥିଲା କି ? ସେଗୁଡ଼ିକ ଆବଶ୍ୟକତାଠାରୁ ଅଧିକ ବ୍ୟାପକ ଥିଲା କି? ନିର୍ଦ୍ଦୋଷ ଯାତ୍ରୀ, ରୋଗୀ, ଛାତ୍ରଛାତ୍ରୀ, କର୍ମଜୀବୀ ଓ ପ୍ରତିବାଦରେ ଯୋଗ ଦେବାକୁ ଆସୁଥିବା ନାଗରିକ - ସମସ୍ତଙ୍କ ଉପରେ ତାହାର ପ୍ରଭାବ କେତେ ପଡ଼ିଲା ? ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ଉପଯୁକ୍ତ ସ୍ଥାନ ଓ ସୁରକ୍ଷା ଦେବାର ବିକଳ୍ପ ଥିଲା କି?

ଗଣତନ୍ତ୍ରରେ ନାଗରିକଙ୍କ ଅସମ୍ମତି ରାଷ୍ଟ୍ର ପାଇଁ ବିପଦ ନୁହେଁ; ଏହା ଗଣତନ୍ତ୍ରର ଜୀବନ୍ତତାର ଚିହ୍ନ। ପ୍ରତିବାଦରେ ଆଇନ ଭଙ୍ଗ ହେଲେ ଆଇନ ଅନୁଯାୟୀ କାର୍ଯ୍ୟ ହେଉ - କିନ୍ତୁ କେବଳ ବିରୋଧୀ ସ୍ୱରକୁ ଦମନ କରିବା ପାଇଁ ଯଦି ରାସ୍ତା, ରେଳ, ମେଟ୍ରୋ ଓ ଯୋଗାଯୋଗ ବ୍ୟବସ୍ଥାକୁ ସାମୂହିକ ଭାବେ ବାଧା ଦିଆଯାଏ, ତେବେ ସରକାରଙ୍କୁ ତାହାର ଯଥାର୍ଥତା ସ୍ପଷ୍ଟ କରିବାକୁ ହେବ।

ଆଜିର ପରିସ୍ଥିତିକୁ ୧୯୭୫ର ସଂବିଧାନିକ ଜରୁରୀକାଳ ସହ ଏକାକାର କରିବା ଠିକ୍ ହେବ ନାହିଁ। ତଥାପି ଯେତେବେଳେ ରାଜଧାନୀରେ ପ୍ରତିବାଦ କରିବାର ସ୍ଥାନ ସଙ୍କୁଚିତ ହୁଏ, ଯାତାୟାତ ଓ ଯୋଗାଯୋଗ ପ୍ରଭାବିତ ହୁଏ, ଏବଂ ପ୍ରତିବାଦକାରୀମାନେ ଅଟକ ହୁଅନ୍ତି, ସେତେବେଳେ "ଏହା ଜରୁରୀକାଳ ନୁହେଁ" ବୋଲି କହିଦେବା ମାତ୍ରରେ ଗଣତାନ୍ତ୍ରିକ ଚିନ୍ତା ଶେଷ ହୁଏନାହିଁ। ନାମ ଯାହା ହେଉ - ମୂଳ ପରୀକ୍ଷା ହେଉଛି, ନାଗରିକଙ୍କ ଅଧିକାର ସୁରକ୍ଷିତ ରହିଲା କି, ଏବଂ ରାଷ୍ଟ୍ରୀୟ ଶକ୍ତି ଆବଶ୍ୟକତାର ସୀମା ମଧ୍ୟରେ ବ୍ୟବହୃତ ହେଲା କି ?

ସମ୍ବିଧାନରେ ଜରୁରୀକାଳ ଘୋଷଣା ନହେବା ଗଣତନ୍ତ୍ରର ସମ୍ପୂର୍ଣ୍ଣ ସୁରକ୍ଷାର ପ୍ରମାଣ ନୁହେଁ; ଗଣତନ୍ତ୍ରର ସ୍ୱାସ୍ଥ୍ୟ ମାପାଯାଏ—ସରକାର ବିରୋଧୀ ସ୍ୱରକୁ କେତେ ସହନ କରୁଛି, ସେଥିରୁ।

- ଅଭିଷେକ ଯୋଶୀ
ମୁଖ୍ୟ ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା

# ସ୍ୱତନ୍ତ୍ର ରାଜ୍ୟ ଦାବି : ବିକାଶ, ବିକେନ୍ଦ୍ରୀକରଣ ଓ ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ଆକାଂକ୍ଷା



ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର,ସୋନପୁର
ଦୁରଭାଷ- ୮୧୪୪୮ ୭୦୭୨୯

ଭାରତ ଏକ ବିଶାଳ ଓ ବିବିଧତାପୂର୍ଣ୍ଣ ଗଣତାନ୍ତ୍ରିକ ଦେଶ। ଭୌଗୋଳିକ ବିସ୍ତାର, ଭାଷା, ସଂସ୍କୃତି, ପ୍ରଶାସନିକ ସୁବିଧା ଓ ଆଞ୍ଚଳିକ ବିକାଶର ଆବଶ୍ୟକତାକୁ ଆଧାର କରି ସମୟକ୍ରମେ ଦେଶରେ ନୂତନ ରାଜ୍ୟ ଗଠିତ ହୋଇଛି। ସେହି ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶା ପାଇଁ ସ୍ୱତନ୍ତ୍ର ରାଜ୍ୟ ଦାବିକୁ କେବଳ ଭାବାବେଗ କିମ୍ବା ରାଜନୈତିକ ସ୍ଲୋଗାନ ଭାବେ ଦେଖିବା ପରିବର୍ତ୍ତେ ବିକାଶ, ପ୍ରଶାସନ, ଅର୍ଥନୀତି ଓ ଆଞ୍ଚଳିକ ଆକାଂକ୍ଷାର ଦୃଷ୍ଟିରୁ ଏହା ଉପରେ ଗମ୍ଭୀର ଚର୍ଚ୍ଚା ହେବା ଆବଶ୍ୟକ।

ଓଡ଼ିଶାର ୩୦ଟି ଜିଲ୍ଲାର ଭୌଗୋଳିକ ଓ ସାମାଜିକ ପରିସ୍ଥିତି ଏକାପରି ନୁହେଁ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସେଚନ, ଶିଳ୍ପ, ପର୍ଯ୍ୟଟନ ଓ ଗମନାଗମନ ଭଳି କ୍ଷେତ୍ରରେ ଜିଲ୍ଲାଭିତ୍ତିକ ତଫାତ ରହିଛି। ଉପଲବ୍ଧ ଜନଗଣନା ଓ ସରକାରୀ ଶିକ୍ଷା ସୂଚକରେ ମଧ୍ୟ ଏହି ପାର୍ଥକ୍ୟର ଚିତ୍ର ଦେଖିବାକୁ ମିଳେ। ଉଦାହରଣସ୍ୱରୂପ, ଉପଲବ୍ଧ ତଥ୍ୟରେ ବଲାଙ୍ଗୀରର ସାକ୍ଷରତା ହାର ରାଜ୍ୟର ଅନେକ ଜିଲ୍ଲା ତୁଳନାରେ କମ୍ ଥିବା ଦେଖାଯାଏ; ଅନ୍ୟପକ୍ଷରେ ଜଗତସିଂହପୁର ଭଳି ଜିଲ୍ଲାରେ ଏହା ଅଧିକ। ଏହି ତଥ୍ୟଗୁଡ଼ିକ ମୁଖ୍ୟତଃ ୨୦୧୧ ଜନଗଣନା ଓ ତାହା ଆଧାରିତ ସରକାରୀ ସୂଚକ ସହ ସମ୍ପର୍କିତ ହୋଇଥିବାରୁ, ଏଗୁଡ଼ିକୁ ବର୍ତ୍ତମାନର ସମ୍ପୂର୍ଣ୍ଣ ଚିତ୍ର ଭାବେ ନୁହେଁ, ଅଞ୍ଚଳଭିତ୍ତିକ ବିକାଶ ଅଧ୍ୟୟନର ଏକ ସୂଚକ ଭାବେ ଦେଖିବା ଉଚିତ। ପଶ୍ଚିମ ଓଡ଼ିଶାର ଖଣିଜ, ଜଙ୍ଗଲ, କୃଷି ଓ ଜଳସମ୍ପଦ ରାଜ୍ୟର ଅର୍ଥନୀତିରେ ଗୁରୁତ୍ୱ ବହନ କରେ। ହୀରାକୁଦ, ଦେବ୍ରିଗଡ଼, ହରିଶଙ୍କର, ନୃସିଂହନାଥ, ପାତାଳୀ କ୍ଷେତ୍ର, ପାପକ୍ଷୟ, ତ୍ରିବେଣୀ ସଙ୍ଗମ ସମେତ ଅନେକ ପ୍ରାକୃତିକ, ଧାର୍ମିକ ଓ ଐତିହାସିକ ସ୍ଥଳୀ ଏହି ଅଞ୍ଚଳର ପର୍ଯ୍ୟଟନ ସମ୍ଭାବନାକୁ ପ୍ରକାଶ କରେ। କିନ୍ତୁ ସମ୍ପଦ ଓ ସମ୍ଭାବନା ଥିବା ମାତ୍ରରେ ବିକାଶ ଆସେନାହିଁ। ତାହା ପାଇଁ ଆବଶ୍ୟକ ଭିତ୍ତିଭୂମି, ନିବେଶ, ଦକ୍ଷ ମାନବସମ୍ପଦ, ବଜାର, ଶିଳ୍ପ ଓ ସୁଦୃଢ଼ ଯୋଗାଯୋଗ ବ୍ୟବସ୍ଥା।

ଏହି ପରିସ୍ଥିତିରୁ ହିଁ ଆଞ୍ଚଳିକ ବିକାଶ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଲୋକଙ୍କ ପ୍ରଶ୍ନ—ଯେଉଁ ଅଞ୍ଚଳରେ ପ୍ରାକୃତିକ ଓ ମାନବ ସମ୍ପଦର ଅଭାବ ନାହିଁ, ସେଠାରେ ତାହାର ମୂଲ୍ୟବୃଦ୍ଧି, ରୋଜଗାର ଓ ସ୍ଥାନୀୟ ଅର୍ଥନୈତିକ ସୁଯୋଗ କାହିଁକି ଆହୁରି ବଢ଼ିବ ନାହିଁ? ରାଜଧାନୀଠାରୁ ଦୂରତା ଯଦି କେତେକ କ୍ଷେତ୍ରରେ ନିଷ୍ପତ୍ତି ଓ ପ୍ରକଳ୍ପ ରୂପାୟଣରେ ବିଳମ୍ବ ସୃଷ୍ଟି କରେ, ତେବେ ପ୍ରଶାସନିକ କ୍ଷମତାକୁ ଅଞ୍ଚଳ ନିକଟକୁ ନେବାର ବ୍ୟବସ୍ଥା କାହିଁକି ଆହୁରି ଦୃଢ଼ ହେବ ନାହିଁ?

ଏହି ଆବଶ୍ୟକତାକୁ ମନେରଖି ୧୯୯୯ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠିତ ହୋଇଥିଲା ଏବଂ ପରବର୍ତ୍ତୀ ସଂଶୋଧନ ମାଧ୍ୟମରେ ଏହାକୁ ଅଧିକ କ୍ଷମତା ଦିଆଯାଇଥିଲା। ପରିଷଦ ଅଧୀନରେ ୧୦ଟି ଜିଲ୍ଲା ସହ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ଉପଖଣ୍ଡ ରହିଛି। ସରକାରୀ ତଥ୍ୟ ଅନୁସାରେ ୨୦୨୩–୨୪ରୁ ପରିଷଦର ବାର୍ଷିକ ଅନୁଦାନ ୪୦୦ କୋଟି ଟଙ୍କାକୁ ବଢ଼ାଯାଇଥିଲା। ପରିଷଦର ତଥ୍ୟ ଅନୁସାରେ ୨୦୨୩ ନଭେମ୍ବର ୩୦ ପର୍ଯ୍ୟନ୍ତ ୪୨,୮୨୦ଟି ପ୍ରକଳ୍ପକୁ ପ୍ରଶାସନିକ ଅନୁମୋଦନ ମିଳିଥିଲା।

ତେବେ ବର୍ତ୍ତମାନର ବଜେଟ୍ ତଥ୍ୟ ଦେଖିଲେ ୨୦୨୪–୨୫ରେ ପରିଷଦର ବଜେଟ୍ ୫୨୦ କୋଟି ଏବଂ ୨୦୨୫–୨୬ରେ ୫୦୦ କୋଟି ଟଙ୍କା ଥିବା ପରିଷଦର ୱେବସାଇଟ୍‌ରେ ଉଲ୍ଲେଖ ରହିଛି। ଅର୍ଥାତ୍ ବିକାଶ ପାଇଁ ଅର୍ଥବିନିଯୋଗ ବଢ଼ିଛି; କିନ୍ତୁ ପ୍ରଶ୍ନ ହେଉଛି—ଏହି ଅର୍ଥର ପ୍ରଭାବ ଅଞ୍ଚଳର ଲୋକଙ୍କ ଜୀବନରେ କେତେ ଦୃଶ୍ୟମାନ ହୋଇଛି?

ଏଠାରେ ବିକେନ୍ଦ୍ରୀକରଣର ପ୍ରଶ୍ନଟି ଗୁରୁତ୍ୱପୂର୍ଣ୍ଣ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଏବେ ମଧ୍ୟ ଭୁବନେଶ୍ୱରର ରାଜୀବ ଭବନରେ ରହିଛି। ଯଦିଓ ପରିଷଦ ଅଧୀନ ଜିଲ୍ଲାଗୁଡ଼ିକରେ ଜିଲ୍ଲାସ୍ତରୀୟ ଯୋଜନା ଓ ନିରୀକ୍ଷଣ ବ୍ୟବସ୍ଥା ରହିଛି, ତଥାପି ନିଷ୍ପତ୍ତି ଗ୍ରହଣ ଓ ପ୍ରଶାସନିକ କାର୍ଯ୍ୟକଳାପର ଏକ ଅଧିକ ଅଂଶ ଯଦି ଅଞ୍ଚଳ ନିକଟକୁ ଆସେ, ତେବେ ବିକେନ୍ଦ୍ରୀକରଣର ଅର୍ଥ ଆହୁରି ସାର୍ଥକ ହୋଇପାରେ।

ବିକେନ୍ଦ୍ରୀକରଣର ଅର୍ଥ ଭୁବନେଶ୍ୱରର ଗୁରୁତ୍ୱ କମାଇବା ନୁହେଁ; ବରଂ ପ୍ରଶାସନିକ କ୍ଷମତାକୁ ଲୋକଙ୍କ ନିକଟକୁ ନେବା। ପଶ୍ଚିମ ଓଡ଼ିଶା ପାଇଁ ଏକ ଶକ୍ତିଶାଳୀ ଆଞ୍ଚଳିକ ପ୍ରଶାସନିକ କେନ୍ଦ୍ର, ଅଧିକ ନିଷ୍ପତ୍ତି କ୍ଷମତା, ସମୟବଦ୍ଧ ପ୍ରକଳ୍ପ ରୂପାୟଣ, ଜିଲ୍ଲାଭିତ୍ତିକ ବିକାଶ ସୂଚକ ପ୍ରକାଶ ଏବଂ ପ୍ରକଳ୍ପର ସାମାଜିକ ଅଡିଟ୍ ଭଳି ପଦକ୍ଷେପ ନିଆଯାଇପାରେ।

ଏହି ପ୍ରଶ୍ନକୁ ବୁଝିବା ପାଇଁ ସୁବର୍ଣ୍ଣପୁରର ରେଳପଥ ଦାବି ଏକ ଉଲ୍ଲେଖନୀୟ ଉଦାହରଣ। ସୁବର୍ଣ୍ଣପୁର ଜିଲ୍ଲାର ଲୋକଙ୍କ ଦୀର୍ଘଦିନର ଦାବି ମଧ୍ୟରେ ସମ୍ବଲପୁରକୁ ଧମା, ଉଲୁଣ୍ଡା ଓ ବିନିକା ଦେଇ ସୁବର୍ଣ୍ଣପୁର ସହିତ ରେଳପଥରେ ସଂଯୋଗ କରିବାର ପ୍ରସଙ୍ଗ ରହିଛି। ଆଜି ସୁବର୍ଣ୍ଣପୁରର ସରକାରୀ ତଥ୍ୟରେ ମଧ୍ୟ ଜିଲ୍ଲାକୁ ରେଳପଥ ଯୋଗାଯୋଗ ଦୃଷ୍ଟିରୁ ସୀମିତ ସୁବିଧା ଥିବା ଚିତ୍ର ଦେଖାଯାଏ; ଜିଲ୍ଲା ପ୍ରଶାସନର ପର୍ଯ୍ୟଟନ ସୂଚନାରେ ବଲାଙ୍ଗୀରକୁ ନିକଟତମ ରେଳ ଷ୍ଟେସନ୍ ଭାବେ ଉଲ୍ଲେଖ କରାଯାଇଛି।

ଏଠାରେ ଏକ କଥା ସ୍ପଷ୍ଟ କରିବା ଆବଶ୍ୟକ— କୌଣସି ରେଳପଥ ପ୍ରକଳ୍ପ କେବଳ ରାଜ୍ୟ ସରକାରଙ୍କ ପ୍ରସ୍ତାବରେ ନିଶ୍ଚିତ ହୁଏନାହିଁ; ରେଳ ମନ୍ତ୍ରଣାଳୟର ସର୍ବେକ୍ଷଣ, ବ୍ୟବହାରିକତା, ଅର୍ଥନୈତିକ ମୂଲ୍ୟାୟନ ଓ କେନ୍ଦ୍ରୀୟ ଅନୁମୋଦନ ଭଳି ଅନେକ ପର୍ଯ୍ୟାୟ ରହିଥାଏ। ତେଣୁ ଏହି ପ୍ରକଳ୍ପ ନହେବାର ସମ୍ପୂର୍ଣ୍ଣ ଦାୟିତ୍ୱ କେବଳ ଗୋଟିଏ ସରକାର କିମ୍ବା ଗୋଟିଏ ସଂସ୍ଥା ଉପରେ ରଖିବା ଠିକ୍ ହେବ ନାହିଁ। କିନ୍ତୁ ଲୋକଙ୍କ ଦୀର୍ଘଦିନର ଦାବି ଥିଲେ ତାହାର ସ୍ଥିତି, ସର୍ବେକ୍ଷଣ, ସମ୍ଭାବ୍ୟତା ଓ ଅନୁମୋଦନ ପ୍ରକ୍ରିୟା ସମ୍ପର୍କରେ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ଓ ସମୟବଦ୍ଧ ତଥ୍ୟ ଦେବା ଆବଶ୍ୟକ।

କେବଳ ରେଳପଥ ନୁହେଁ, ବୌଦ୍ଧ, ସୁବର୍ଣ୍ଣପୁର, ନୂଆପଡ଼ା ଓ ଦେବଗଡ଼ ଭଳି ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ସେଚନ, ଶିଳ୍ପ, ରୋଜଗାର ଓ ଗମନାଗମନର ଆବଶ୍ୟକତା ନେଇ ନିରନ୍ତର ଆଲୋଚନା ହେଉଛି। ଏହି ଜିଲ୍ଲାଗୁଡ଼ିକୁ 'ଅଣଦେଖାର ଶିକାର' ବୋଲି ନିଷ୍କର୍ଷ ଦେବା ପୂର୍ବରୁ ପ୍ରତ୍ୟେକ କ୍ଷେତ୍ରର ତୁଳନାତ୍ମକ ତଥ୍ୟ ଓ ପ୍ରକଳ୍ପ ବିନିଯୋଗର ଅଧ୍ୟୟନ ଆବଶ୍ୟକ। କିନ୍ତୁ ଯଦି ତଥ୍ୟରେ ନିରନ୍ତର ଅଞ୍ଚଳୀୟ ଅସମତା ପ୍ରମାଣିତ ହୁଏ, ତେବେ ତାହାର ସମାଧାନ ପାଇଁ ନୀତିଗତ ପଦକ୍ଷେପ ନିଆଯିବା ନିଶ୍ଚିତ ଭାବେ ଆବଶ୍ୟକ।

କୃଷି ଓ ସେଚନ କ୍ଷେତ୍ରରେ ମଧ୍ୟ ଏକ ସମନ୍ୱିତ ଆଞ୍ଚଳିକ ଯୋଜନା ଆବଶ୍ୟକ। ଛୋଟ ନଦୀ, ନାଳ ଓ ଜଳାଶୟର ସଂରକ୍ଷଣ, କ୍ଷୁଦ୍ର ସେଚନ ପ୍ରକଳ୍ପ, କୃଷିଭିତ୍ତିକ ଶିଳ୍ପ, ଶୀତଳ ଭଣ୍ଡାର, ସ୍ଥାନୀୟ ଉତ୍ପାଦର ବଜାରୀକରଣ ଓ ମୂଲ୍ୟବୃଦ୍ଧି ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରାଯାଇପାରେ। ସେହିପରି ଉଚ୍ଚଶିକ୍ଷା, ଚିକିତ୍ସା ଓ ବିଶେଷଜ୍ଞ ସେବା ପାଇଁ ଲୋକଙ୍କୁ ଅନ୍ୟ ଅଞ୍ଚଳକୁ ଯିବାକୁ ନପଡ଼ିବା ଭଳି ପ୍ରତିଷ୍ଠାନ ଗଠନ ମଧ୍ୟ ଆବଶ୍ୟକ। ରେଳ, ସଡ଼କ ଓ ବିମାନ ସଂଯୋଗର ସୁଦୃଢ଼ତା ଏହି ସମଗ୍ର ବିକାଶର ଅବିଚ୍ଛିନ୍ନ ଅଂଶ।

ଏଠାରୁ ହିଁ ସ୍ୱତନ୍ତ୍ର ରାଜ୍ୟ ଦାବିର ମୂଳ ପ୍ରଶ୍ନ ଉଠେ। ଏହି ଦାବିର ସମର୍ଥକମାନେ ଯୁକ୍ତି ଦିଅନ୍ତି ଯେ ଏକ ଛୋଟ ପ୍ରଶାସନିକ ଏକକ ହେଲେ ସ୍ଥାନୀୟ ସମସ୍ୟାକୁ ନିକଟରୁ ବୁଝି ଯୋଜନା ପ୍ରସ୍ତୁତି ଓ ରୂପାୟଣ କରିବା ସହଜ ହୋଇପାରେ। ଏହାର ବିପରୀତରେ, ଏକ ନୂତନ ରାଜ୍ୟ ଗଠନ ହେଲେ ପ୍ରଶାସନିକ ଢାଞ୍ଚା, ରାଜସ୍ୱ, ଭିତ୍ତିଭୂମି, ସରକାରୀ ପ୍ରତିଷ୍ଠାନ, ମାନବସମ୍ପଦ ଓ ଆର୍ଥିକ ସ୍ଥିରତା ଭଳି ପ୍ରଶ୍ନର ମଧ୍ୟ ଉତ୍ତର ଦେବାକୁ ପଡ଼ିବ। ତେଣୁ ଏହି ଦାବିକୁ ନେଇ ଭାବାବେଗରେ ନିଷ୍ପତ୍ତି ନେବା ପରିବର୍ତ୍ତେ, ଏହାର ବିଭିନ୍ନ ଦିଗକୁ ତଥ୍ୟ ଓ ଯୁକ୍ତିର ଆଧାରରେ ବିଚାର କରିବା ସହ ଏ ନେଇ ଗଣତାନ୍ତ୍ରିକ ଆଲୋଚନା ହେବା ଆବଶ୍ୟକ। ମୂଳ ପ୍ରଶ୍ନଟି ତେବେ କେବଳ ରାଜ୍ୟ ବିଭାଜନର ନୁହେଁ— ବିକାଶର ନ୍ୟାୟସଙ୍ଗତ ବଣ୍ଟନର। ଏକ ଅଞ୍ଚଳର ଲୋକ ଯଦି ଦୀର୍ଘ ସମୟ ଧରି ନିଜ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଶିଳ୍ପ, ସେଚନ, ପର୍ଯ୍ୟଟନ ଓ ଗମନାଗମନ ନେଇ ପ୍ରଶ୍ନ ଉଠାନ୍ତି, ତେବେ ସେହି ପ୍ରଶ୍ନକୁ ଗମ୍ଭୀରତାର ସହ ଶୁଣିବା ଗଣତାନ୍ତ୍ରିକ ଶାସନର ଦାୟିତ୍ୱ।

ସେହିପରି ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ଆକାଂକ୍ଷାକୁ କେବଳ ରାଜନୈତିକ ସ୍ଲୋଗାନରେ ସୀମିତ କରିଦେବା ଯେପରି ଠିକ୍ ନୁହେଁ, ସେହିପରି ତାହାକୁ ଅସମ୍ମାନ କରିବା ମଧ୍ୟ ଉଚିତ ନୁହେଁ। ଆବଶ୍ୟକ ହେଉଛି ତଥ୍ୟଭିତ୍ତିକ ଜିଲ୍ଲାଭିତ୍ତିକ ବିକାଶ ଅଧ୍ୟୟନ, ପ୍ରକଳ୍ପର ସ୍ପଷ୍ଟ ପ୍ରାଥମିକତା, ସମୟବଦ୍ଧ ରୂପାୟଣ, ପ୍ରଶାସନିକ ବିକେନ୍ଦ୍ରୀକରଣ ଏବଂ ଲୋକଙ୍କ ଅଧିକ ଭାଗୀଦାରି।

ଯଦି ଏସବୁ ପଦକ୍ଷେପ ମାଧ୍ୟମରେ ପଶ୍ଚିମ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହୋଇପାରେ, ତେବେ ବର୍ତ୍ତମାନର ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ହିଁ ବିକେନ୍ଦ୍ରୀକରଣକୁ ଅଧିକ ଶକ୍ତିଶାଳୀ କରିବାର ପଥ ଖୋଲିପାରେ। କିନ୍ତୁ ଯଦି ଅଞ୍ଚଳୀୟ ଅସମତାର ଅଭିଯୋଗ ଦୀର୍ଘକାଳ ଧରି ରହିଯାଏ ଏବଂ ଲୋକଙ୍କ ମୌଳିକ ଦାବିଗୁଡ଼ିକ ଉପରେ ପ୍ରତିଷ୍ଠାନଗତ ଉତ୍ତର ନମିଳେ, ତେବେ ସ୍ୱତନ୍ତ୍ର ରାଜ୍ୟ ଦାବି ନେଇ ଗଭୀର, ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଚର୍ଚ୍ଚା ଜାରି ରହିବା ସ୍ୱାଭାବିକ।

ଶେଷ ପର୍ଯ୍ୟନ୍ତ ଲକ୍ଷ୍ୟ କେବଳ ନୂତନ ପ୍ରଶାସନିକ ସୀମା ନୁହେଁ; ଲକ୍ଷ୍ୟ ହେଉଛି ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ଲୋକଙ୍କ ଜୀବନରେ ଦୃଶ୍ୟମାନ, ସମାନ ଓ ନ୍ୟାୟସଙ୍ଗତ ବିକାଶ। ସେହି ବିକାଶ ଯେତେ ଶୀଘ୍ର ଓ ଦୃଢ଼ ଭାବରେ ଆସିବ, ଆଞ୍ଚଳିକ ଅସନ୍ତୋଷର ମୂଳ ପ୍ରଶ୍ନଗୁଡ଼ିକର ସମାଧାନର ସମ୍ଭାବନା ମଧ୍ୟ ସେତେ ବଢ଼ିବ। ତେଣୁ ପଶ୍ଚିମ ଓଡ଼ିଶାର ଆଜିର ଦାବିକୁ ଏକ ବିଭାଜନର ପ୍ରଶ୍ନ ଭାବେ ନୁହେଁ, ବରଂ ସମାନ ବିକାଶ, ଶକ୍ତିଶାଳୀ ବିକେନ୍ଦ୍ରୀକରଣ ଓ ଆଞ୍ଚଳିକ ସମ୍ମାନର ଏକ ବଡ଼ ଗଣତାନ୍ତ୍ରିକ ପ୍ରଶ୍ନ ଭାବେ ଦେଖିବା ଅଧିକ ସାର୍ଥକ।



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

> "ପବିତ୍ର ଦଶହରା ବା ବିଜୟାଦଶମୀ ହେଉଛି ଆଧ୍ୟାତ୍ମିକତା, ଉତ୍ସାହ ଓ ଆନନ୍ଦର ମହାପର୍ବ। ଏହି ଦିନ ମା' ଦୁର୍ଗା ମହିଷାସୁରକୁ ବଧ କରି ମର୍ତ୍ତ୍ୟମଣ୍ଡଳରେ ଶାନ୍ତି ପ୍ରତିଷ୍ଠା କରିଥିଲେ। ଏହା ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। ଶରତ ଋତୁର ଏହି ପବିତ୍ର ଅବସରରେ ମା'ଙ୍କ ଆଗମନ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଓ ସଦ୍‌ଭାବନା ଭରିଦିଏ।"





# ମା' ଦୁର୍ଗାଙ୍କ

## ଶାରଦୀୟ ପୂଜା ଉତ୍ସବ

ଚଳିତ ୨୦୨୬ ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସାରା ଓଡ଼ିଶାରେ ଉତ୍ସବର ମାହୋଲ ଖେଳିଯାଇଛି। ରାଜ୍ୟର ପ୍ରମୁଖ ଶକ୍ତିପୀଠଗୁଡ଼ିକରେ ଗତ ଅକ୍ଟୋବର ୩ ତାରିଖ (ମୂଳାଷ୍ଟମୀ) ଠାରୁ ମା'ଙ୍କର ଷୋଡ଼ଶ ଉପଚାର ପୂଜା ଓ ସ୍ୱତନ୍ତ୍ର ବେଶ ଆରମ୍ଭ ହୋଇସାରିଛି। ଚଳିତ ବର୍ଷ ମୁଖ୍ୟ ଦୁର୍ଗା ପୂଜା ପର୍ବ ଅକ୍ଟୋବର ୧୬ (ମହାଷଷ୍ଠୀ) ରୁ ଅକ୍ଟୋବର ୨୧ (ବିଜୟା ଦଶମୀ) ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟ୍ୱିନ ସିଟି ଭୁବନେଶ୍ୱର ଓ କଟକ ସମେତ ସାରା ରାଜ୍ୟରେ ଏଥିପାଇଁ ପ୍ରସ୍ତୁତି ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କଟକର ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀଙ୍କ ପୀଠ ସମେତ ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଚଣ୍ଡୀପାଠ ଓ ମା'ଙ୍କର ଦୈନିକ ଭିନ୍ନ ଭିନ୍ନ ସ୍ୱତନ୍ତ୍ର ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। କଟକର ପ୍ରସିଦ୍ଧ ସୁନା ଓ ଚାନ୍ଦି ମେଢ ଏବଂ ଭୁବନେଶ୍ୱରର ଶହୀଦ ନଗର, ନୟାପଲ୍ଲୀ, ରସୁଲଗଡ଼, ଝାରପଡ଼ା ଆଦି ପୂଜା ମଣ୍ଡପରେ ବିଶାଳ ତୋରଣ ନିର୍ମାଣ ଚାଲିଛି। ଚଳିତ ବର୍ଷ ବହୁ ମଣ୍ଡପରେ ପରିବେଶ ଉପଯୋଗୀ ଓ ସାମାଜିକ ବାର୍ତ୍ତା ସମ୍ବଳିତ ଥିମ୍ ଦେଖିବାକୁ ମିଳୁଛି।କମିଶନରେଟ୍ ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ମୁଖ୍ୟ ରାସ୍ତାଗୁଡ଼ିକରେ ଟ୍ରାଫିକ ଡାଇଭର୍ସନ କରାଯିବାର ଯୋଜନା ରହିଛି। ପୂଜା ଦିନଗୁଡ଼ିକରେ ମଣ୍ଡପଗୁଡ଼ିକରେ ମେଲୋଡି, ଭଜନ ସନ୍ଧ୍ୟା ଓ ପାରମ୍ପରିକ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି, ଯାହା ଚଳିତ ବର୍ଷର ପୂଜା ପରିବେଶକୁ ଅଧିକ ଆନନ୍ଦଦାୟକ କରିବ।ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ବିଭିନ୍ନ ସୂଚନା ସେବା ଅନୁଯାୟୀ, ଅକ୍ଟୋବର ୧୭ ରୁ ୨୦ ମଧ୍ୟରେ ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀର ମୁଖ୍ୟ ରୀତିନୀତି ଅନୁଷ୍ଠିତ ହେବାକୁ ଯାଉଛି।

ଦୁର୍ଗା ପୂଜା ବା ଶାରଦୀୟ ପୂଜା ହେଉଛି ହିନ୍ଦୁ ଧର୍ମର ଏକ ପ୍ରମୁଖ ପର୍ବ, ଯାହା ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ ଭାବେ ପାଳନ କରାଯାଏ। ଏହି ପର୍ବ ପାଳନ କରାଯିବା ପଛରେ ମୁଖ୍ୟତଃ ଦୁଇଟି ପୌରାଣିକ କାହାଣୀ ଓ ମହତ୍ତ୍ୱ ରହିଛି। ପ୍ରଥମଟି ହେଲା ପୌରାଣିକ କଥା ଅନୁଯାୟୀ, ମହିଷାସୁର ନାମକ ଏକ ଅତ୍ୟାଚାରୀ ଅସୁର ବ୍ରହ୍ମାଙ୍କ ଠାରୁ ବର ପାଇ ଶକ୍ତିଶାଳୀ ହୋଇଉଠିଥିଲା ଏବଂ ଦେବତାମାନଙ୍କୁ ପରାସ୍ତ କରି ସ୍ୱର୍ଗଲୋକ ଅଧିକାର କରିନେଇଥିଲା। ସେ କୌଣସି ପୁରୁଷ ବା ଦେବତାଙ୍କ ଦ୍ୱାରା ବଧ ହେବ ନାହିଁ ବୋଲି ବର ପାଇଥିଲା। ସେଥିପାଇଁ ତ୍ରିଦେବ (ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର) ଏବଂ ଅନ୍ୟ ଦେବତାମାନଙ୍କ ମିଳିତ ତେଜରୁ ମହାଶକ୍ତି ମା' ଦୁର୍ଗାଙ୍କର ଆବିର୍ଭାବ ହୋଇଥିଲା। ମା' ଦୁର୍ଗା ଦେବତାମାନଙ୍କ ଦ୍ୱାରା ପ୍ରଦତ୍ତ ଅସ୍ତ୍ରଶସ୍ତ୍ର ଧାରଣ କରି ମହିଷାସୁର ସହ ୯ ଦିନ ୯ ରାତି ଧରି ଭୟଙ୍କର ଯୁଦ୍ଧ କରିଥିଲେ। ଦଶମୀ ତିଥିରେ ମା' ଦୁର୍ଗା ମହିଷାସୁରକୁ ବଧ କରି ସୃଷ୍ଟିକୁ ପାପମୁକ୍ତ କରିଥିଲେ। ଏହି ବିଜୟକୁ ମନେ ପକାଇବା ପାଇଁ ପ୍ରତିବର୍ଷ ନବରାତ୍ରୀ ଓ ଦୁର୍ଗା ପୂଜା ପାଳନ କରାଯାଏ। ଅନ୍ୟଟି ହେଲା ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କା ଜୟ କରିବା ଏବଂ ରାବଣକୁ ବଧ କରିବା ପାଇଁ ମା' ଦୁର୍ଗାଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ସେ ଶରତ ଋତୁରେ ମା'ଙ୍କର ସ୍ୱତନ୍ତ୍ର ପୂଜା କରିଥିଲେ, ଯାହାକୁ 'ଅକାଳ ବୋଧନ' କୁହାଯାଏ (କାରଣ ବସନ୍ତ ଋତୁର ପୂଜା ହିଁ ମୁଖ୍ୟ ଥିଲା)। ଶ୍ରୀରାମଚନ୍ଦ୍ର ନବମୀ ଦିନ ମା'ଙ୍କ ପୂଜା ସମ୍ପନ୍ନ କରି ଦଶମୀ ଦିନ ରାବଣକୁ ବଧ କରିଥିଲେ। ଏହି ଦିନକୁ ଆମେ ବିଜୟା ଦଶମୀ ବା ଦଶହରା ଭାବେ ପାଳନ କରୁ। ଏହି ପୂଜା କେବଳ ଧାର୍ମିକ ରୀତିନୀତି ମଧ୍ୟରେ ସୀମିତ ନୁହେଁ। ଏହା ମା'ଙ୍କୁ ନିଜର କନ୍ୟା ଭାବେ ସ୍ୱାଗତ କରିବାର (ମର୍ତ୍ତ୍ୟଲୋକକୁ ମା'ଙ୍କ ଆଗମନ) ଏକ ଆନନ୍ଦର ପର୍ବ। ଏହା ସମାଜରେ ଭାତୃଭାବ, ସଂହତି ଏବଂ ମାତୃଶକ୍ତିର ସମ୍ମାନକୁ ପ୍ରତିପାଦିତ କରେ।

କଟକ ଏବଂ ଭୁବନେଶ୍ୱରର ଦୁର୍ଗା ପୂଜାର ଇତିହାସ ଅତ୍ୟନ୍ତ ସମୃଦ୍ଧ ଏବଂ ଏହାର ସାଂସ୍କୃତିକ ଗୁରୁତ୍ୱ ରହିଛି। ଚୌଧୁରୀ ବଜାର ପୂଜା ମଣ୍ଡପ (କଟକର ସବୁଠାରୁ ପୁରୁଣା ମଣ୍ଡପ) ଏହା କଟକ ସହରର ସବୁଠାରୁ ପୁରୁଣା ଓ ପ୍ରଥମ ସାର୍ବଜନୀନ ଦୁର୍ଗା ପୂଜା ମଣ୍ଡପ ବୋଲି କୁହାଯାଏ। ଏଠାରେ ପ୍ରାୟ ୧୮୩୨ ମସିହାରୁ ପୂଜା ଆରମ୍ଭ ହୋଇଥିଲା। କଟକରେ ପ୍ରଥମ କରି ଏହି ଚୌଧୁରୀ ବଜାର ମଣ୍ଡପରେ ହିଁ ୧୯୫୬ ମସିହାରେ ସୁନା/ଚାନ୍ଦି ମେଢ ତିଆରି କାମ ଆରମ୍ଭ ହୋଇଥିଲା। ଏହି ମଣ୍ଡପର ସୁନାଗହଣା ଓ ଚାନ୍ଦିର କାରୁକାର୍ଯ୍ୟ ପୂଜାର ମୁଖ୍ୟ ଆକର୍ଷଣ। ବାଲୁ ବଜାର ପୂଜା ମଣ୍ଡପ, ଏହି ମଣ୍ଡପର ଇତିହାସ ପ୍ରାୟ ୫୦୦ ବର୍ଷ ପୁରୁଣା। କୁହାଯାଏ ଯେ ୧୫୧୦ ମସିହାରେ ସନ୍ଥ ଚୈତନ୍ୟ ମହାପ୍ରଭୁ ଯେତେବେଳେ କଟକ ଆସିଥିଲେ, ସେ ବାଲୁ ବଜାର ବିନୋଦ ବିହାରୀଠାରେ ମା' ଦୁର୍ଗାଙ୍କର ଘଟ ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ ହେଲା। ଏଠାରେ ମା'ଙ୍କର ମୂର୍ତ୍ତି ଅତି ପାରମ୍ପରିକ ଢଙ୍ଗରେ ତିଆରି ହୁଏ ଏବଂ ଏଠାରେ ବ୍ୟବହୃତ ହେଉଥିବା ମେଢ ସମ୍ପୂର୍ଣ୍ଣ ସ୍ୱଦେଶୀ ଜରିରେ ନିର୍ମିତ ହୋଇଥାଏ। ଶେଖ ବଜାର ପୂଜା ମଣ୍ଡପ, ଏହି ମଣ୍ଡପ ମଧ୍ୟ କଟକର ଅନ୍ୟତମ ବହୁ ପୁରାତନ ମଣ୍ଡପ। ଏଠାରେ ୧୯୯୧ ମସିହାରେ ପ୍ରଥମ କରି ବିରାଟ ଚାନ୍ଦି ମେଢ ସ୍ଥାପନ କରାଯାଇଥିଲା। ଏହି ମଣ୍ଡପର ଚାନ୍ଦି ମେଢ଼ରେ ଥିବା ଚିତ୍ରକଳା ଏବଂ ମା'ଙ୍କର ମୁକୁଟର କାରୁକାର୍ଯ୍ୟ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ।

ଭୁବନେଶ୍ୱରର ପ୍ରସିଦ୍ଧ ପୂଜା ମଣ୍ଡପ (ବିଶାଳ ତୋରଣର ସହର) ମଧ୍ୟରେ ଶହୀଦ ନଗର ଦୁର୍ଗା ପୂଜା ମଣ୍ଡପ, ରାଜଧାନୀ ଭୁବନେଶ୍ୱରରେ ସର୍ବଜନୀନ ପୂଜା ସଂସ୍କୃତିକୁ ଲୋକପ୍ରିୟ କରିବାରେ ଏହି ମଣ୍ଡପର ବଡ଼ ହାତ ରହିଛି। ଏହା ପ୍ରାୟ ୧୯୬୪ ମସିହାରୁ ଆରମ୍ଭ ହୋଇଥିଲା। ଶହୀଦ ନଗର ପୂଜା କମିଟି ସବୁବେଳେ ଭାରତ ତଥା ବିଶ୍ୱର ପ୍ରସିଦ୍ଧ ପ୍ରାସାଦ ବା ମନ୍ଦିର ଆକୃତିର ବିଶାଳ ପ୍ରତିକୃତି (ତୋରଣ) ନିର୍ମାଣ କରିବା ପାଇଁ ଜଣାଶୁଣା। ସେହିପରି ନୟାପଲ୍ଲୀ ଦୁର୍ଗା ପୂଜା ମଣ୍ଡପ, ଏହି ମଣ୍ଡପଟି ୧୯୮୦ ଦଶକରୁ ଆରମ୍ଭ ହୋଇଥିଲେ ମଧ୍ୟ ଖୁବ୍ କମ୍ ଦିନରେ ନିଜର ଭବ୍ୟତା ପାଇଁ ଓଡ଼ିଶା ପ୍ରସିଦ୍ଧ ହୋଇପାରିଛି। ପ୍ରତିବର୍ଷ ଏହି ମଣ୍ଡପରେ କୌଣସି ନା କୌଣସି ଚର୍ଚ୍ଚିତ ଐତିହାସିକ ସ୍ଥାନ (ଯେପରିକି ପଦ୍ମନାଭସ୍ୱାମୀ ମନ୍ଦିର କିମ୍ବା ବିଦେଶୀ ରାଜପ୍ରାସାଦ) ର ରୂପରେ ତୋରଣ ସଜାଯାଏ। ତା' ସହିତ ଏଠାରେ ବ୍ୟାପକ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ। ଆହୁରି ମଧ୍ୟ ରସୁଲଗଡ଼ ଏବଂ ଝାରପଡ଼ା ପୂଜା ମଣ୍ଡପ, ଏହି ଦୁଇ ମଣ୍ଡପ ମଧ୍ୟରେ ସବୁବେଳେ ତୋରଣର ଉଚ୍ଚତା ଓ ଆଲୋକୀକରଣକୁ ନେଇ ଏକ ସୁସ୍ଥ ପ୍ରତିଯୋଗିତା ଦେଖିବାକୁ ମିଳେ। ରସୁଲଗଡ଼ ମଣ୍ଡପ ଏହାର ସୂକ୍ଷ୍ମ କାଠ, ବାଉଁଶ ଓ ବିଭିନ୍ନ ପରିବେଶ ଅନୁକୂଳ ସାମଗ୍ରୀର କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧ। ସେହିପରି ଝାରପଡ଼ା ମଣ୍ଡପ ଏହାର ବିଶାଳକାୟ ଓ ରଙ୍ଗବେରଙ୍ଗର ଲାଇଟିଂ ଗେଟ୍ ପାଇଁ ଲୋକଙ୍କୁ ଆକର୍ଷିତ କରିଥାଏ।

କଟକର ପୂଜା ମୁଖ୍ୟତଃ ଭାଇଚାରା, ସୁନା-ଚାନ୍ଦି ମେଢ ଓ ସୁସ୍ୱାଦୁ ଦହିବରା-ଆଳୁଦମ ପାଇଁ ପ୍ରସିଦ୍ଧ ଥିବାବେଳେ, ଭୁବନେଶ୍ୱରର ପୂଜା ଆକାଶଛୁଆଁ ଆଲୋକିତ ତୋରଣ ଓ ଆଧୁନିକ ମୀନାବଜାର ପାଇଁ ବେଶ୍ ଜଣାଶୁଣା।

ପ୍ରସ୍ତୁତି : ସତ୍ୟଜିତ୍ ମହାପାତ୍ର (ସାମ୍ବାଦିକ) / ଅଲଙ୍କରଣ : ମାନସ ରଞ୍ଜନ ମୁଦୁଲି

# ପୋଲାଭରମ୍ : ବିକାଶର ପ୍ରସଙ୍ଗ ନା ବିନାଶର ପଦଧ୍ୱନି ?

## (ନେଡ଼ିଗୁଡ଼ କହୁଣୀକୁ ବୋହୁଥିବା ସମୟରେ ପୋଲାଭରମକୁ ନେଇ ଏକ ଗଭୀର ସମୀକ୍ଷା)

### ୧. ପ୍ରସ୍ତାବନା : ବିକାଶର ବହୁମୁଖୀ ଆକଳନ

ଏକ ବୃହତ୍ ନଦୀବନ୍ଧ ପ୍ରକଳ୍ପକୁ କେବଳ ଜଳସେଚନ, ବିଦ୍ୟୁତ୍, ପାନୀୟଜଳ ଓ ବନ୍ୟା ନିୟନ୍ତ୍ରଣର ଦୃଷ୍ଟିରୁ ଦେଖିଲେ ଏହାର ସମ୍ପୂର୍ଣ୍ଣ ଚିତ୍ର ଆମ ସମ୍ମୁଖକୁ ଆସିପାରେନାହିଁ। ଏପରି ପ୍ରକଳ୍ପର ପ୍ରକୃତ ମୂଲ୍ୟାୟନ କରିବାକୁ ହେଲେ ଜଳସମ୍ପଦ, ଜଙ୍ଗଲ, ଜୈବବିବିଧତା, ନଦୀର ସ୍ୱାଭାବିକ ପ୍ରବାହ, ଆଦିବାସୀ ଜୀବନ, ଜମି, ଜୀବିକା, ସାଂସ୍କୃତିକ ଐତିହ୍ୟ, ସମ୍ବିଧାନିକ ଅଧିକାର, ପୁନର୍ବାସ ଓ ଆନ୍ତଃରାଜ୍ୟ ନଦୀ ବିବାଦ ଭଳି ସମସ୍ତ ଦିଗକୁ ଏକାଠି ବିଚାର କରିବା ଆବଶ୍ୟକ।

ପୋଲାଭରମ୍ ପ୍ରକଳ୍ପ ଏହି ଦୃଷ୍ଟିରୁ ଭାରତର ଏକ ଅତ୍ୟନ୍ତ ଜଟିଳ ଆନ୍ତଃରାଜ୍ୟ ନଦୀବନ୍ଧ ପ୍ରକଳ୍ପ। ଏହାର ପ୍ରଭାବ ମୁଖ୍ୟତଃ ଆନ୍ଧ୍ରପ୍ରଦେଶରେ ଥିଲେ ମଧ୍ୟ ଏହାର ଜଳବିଜ୍ଞାନୀୟ ଓ ପରିବେଶୀୟ ପ୍ରଭାବ ଓଡ଼ିଶା ସମେତ ଛତିଶଗଡ଼ ପର୍ଯ୍ୟନ୍ତ ପହଞ୍ଚେ। ବିଶେଷକରି ମାଲକାନଗିରି ଜିଲ୍ଲାର ସାବେରୀ ଓ ସିଲେରୁ ନଦୀ ଉପତ୍ୟକା, ଜଙ୍ଗଲ, ଗ୍ରାମ ଓ ଆଦିବାସୀ ଜନଜୀବନ ନେଇ ଦୀର୍ଘଦିନ ଧରି ଚିନ୍ତା ପ୍ରକାଶ ପାଇଆସିଛି। ୨୦୦୬ ମସିହାରେ ସଂସଦରେ ଉଠିଥିବା ଏକ ପ୍ରଶ୍ନରେ ସାବେରୀ ଓ ସିଲେରୁ ନଦୀ ମାର୍ଗରେ ମାଲକାନଗିରିର ମୋଟୁ ଅଞ୍ଚଳରେ ଗ୍ରାମ, ଜଙ୍ଗଲ ଓ ଆଦିବାସୀ ପରିବାର ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ତେଣୁ ପୋଲାଭରମକୁ ନେଇ ମୂଳ ପ୍ରଶ୍ନ କେବଳ "ପ୍ରକଳ୍ପ ହେବ କି ହେବ ନାହିଁ?" ମଧ୍ୟରେ ସୀମିତ ନୁହେଁ, ବରଂ ପ୍ରକୃତ ପ୍ରଶ୍ନ ହେଉଛି—"କାହା ପାଇଁ ଉନ୍ନତି? କାହା ମୂଲ୍ୟରେ ଉନ୍ନତି? ଏବଂ ଉନ୍ନତିର ଲାଭ ଓ କ୍ଷତି କିପରି ନ୍ୟାୟସଙ୍ଗତ ଭାବରେ ବଣ୍ଟନ ହେବ?"

### ୨. ପୋଲାଭରମ ପ୍ରକଳ୍ପ ଓ ଏହାର ପୃଷ୍ଠଭୂମି

ପୋଲାଭରମ୍ ହେଉଛି ଗୋଦାବରୀ ନଦୀ ଉପରେ ଆନ୍ଧ୍ରପ୍ରଦେଶରେ ନିର୍ମାଣାଧୀନ ଏକ ବହୁମୁଖୀ ଜଳସମ୍ପଦ ପ୍ରକଳ୍ପ, ଯାହାକୁ ଇନ୍ଦିରା ସାଗର ପୋଲାଭରମ ପ୍ରକଳ୍ପ ଭାବେ ମଧ୍ୟ ଜଣାଯାଏ। ଜଳସେଚନ, ପାନୀୟଜଳ ଯୋଗାଣ, ଜଳବିଦ୍ୟୁତ୍ ଉତ୍ପାଦନ ଓ ବନ୍ୟା ନିୟନ୍ତ୍ରଣ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦାବି କରାଯାଉଥିଲେ ହେଁ, ଗୋଦାବରୀ ଜଳବଣ୍ଟନକୁ ନେଇ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘ ବିବାଦ ରହିଛି।

୧୯୮୦ ମସିହାର ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲର ରାୟ ଆଧାରରେ ପ୍ରକଳ୍ପର ଡିଜାଇନ୍ ଓ ଜଳସ୍ତର ନିର୍ଦ୍ଧାରିତ ହେବା କଥା। ମାତ୍ର ଓଡ଼ିଶାର ମୁଖ୍ୟ ଚିନ୍ତା ଥିଲା ଯେ, ସାବେରୀ ଓ ସିଲେରୁ ଉପତ୍ୟକାରେ ପଛୁଆ ଜଳ (ବ୍ୟାକ୍‌ୱାଟର) ପ୍ରଭାବ ଫଳରେ ଓଡ଼ିଶାର ଭୂଭାଗ ଗୁରୁତର ଭାବେ ପ୍ରଭାବିତ ହେବ। ଅନ୍ୟପକ୍ଷରେ, ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଆଇନ, ୨୦୧୪ ଅନୁସାରେ ଏହାକୁ ଜାତୀୟ ପ୍ରକଳ୍ପ ଭାବେ ଘୋଷଣା କରାଯିବା ପରେ କେନ୍ଦ୍ର ସରକାର ଏହାର ନିୟନ୍ତ୍ରଣ ଓ ପରିବେଶଗତ ଅନୁମୋଦନ ଦାୟିତ୍ୱ ନେଇଛନ୍ତି।

### ୩. ମାଲକାନଗିରି ଓ ଏହାର ସମ୍ବେଦନଶୀଳ ପରିବେଶ

ମାଲକାନଗିରି କେବଳ ଓଡ଼ିଶାର ଏକ ଜିଲ୍ଲା ନୁହେଁ, ବରଂ ଦକ୍ଷିଣ ଓଡ଼ିଶାର ଏକ ଅତ୍ୟନ୍ତ ସମ୍ବେଦନଶୀଳ ପରିବେଶୀୟ ଓ ଆଦିବାସୀ ଭୂଭାଗ। ଏଠାରେ ଘନ ଜଙ୍ଗଲ, ପାହାଡ଼, ନଦୀ, ଝରଣା, ଆଦିବାସୀ ଗ୍ରାମ ଏବଂ ପାରମ୍ପରିକ ଜୀବିକା ଅବିଚ୍ଛିନ୍ନ ଭାବେ ଜଡ଼ିତ। ଏଠାରେ ଜମି କେବଳ "ସମ୍ପତ୍ତି" ନୁହେଁ, ଜଙ୍ଗଲ କେବଳ "ବିଭାଗୀୟ ଭୂମି" ନୁହେଁ ଏବଂ ନଦୀ କେବଳ "ଜଳର ଉତ୍ସ" ନୁହେଁ—ଏଗୁଡ଼ିକ ଆଦିବାସୀ ସମାଜର ଜୀବନ ଓ ସାଂସ୍କୃତିକ ଅସ୍ତିତ୍ୱର ଅଂଶ।

**ପରିବେଶ ଉପରେ ସମ୍ଭାବ୍ୟ ପ୍ରଭାବ:**

ଭୂ-ଭାଗର ଜଳମଗ୍ନତା : ଜଳାଶୟର ଜଳସ୍ତର ବୃଦ୍ଧି ପାଇଲେ କୃଷିଜମି, ଗ୍ରାମ ଓ ଜଙ୍ଗଲ ଜଳମଗ୍ନ ହେବାର ଆଶଙ୍କା ରହିଛି।

ବନାଞ୍ଚଳ ଓ ଜୈବବିବିଧତାହ୍ରାସ : ୨୦୨୧ର ଏନଜିଟି ରିପୋର୍ଟ ଅନୁଯାୟୀ ପ୍ରକଳ୍ପ ପାଇଁ ୪୬,୦୬୦ ହେକ୍ଟର ଭୂମି ଆବଶ୍ୟକ। ଜଙ୍ଗଲ ନଷ୍ଟ ହେଲେ ମାଟି, ପାଣି, ବନ୍ୟପ୍ରାଣୀ ଓ ଖାଦ୍ୟ ଶୃଙ୍ଖଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୁଏ।

**ନଦୀର ସ୍ୱାଭାବିକ ପ୍ରବାହରେ ପରିବର୍ତ୍ତନ :** ବନ୍ଧ ନିର୍ମାଣ ଦ୍ୱାରା ନଦୀର ପଙ୍କ, ବାଲି ଓ ପୋଷକ ତତ୍ତ୍ୱର ପ୍ରବାହ ବାଧାପ୍ରାପ୍ତ ହୋଇ ଅବସାଦ ଜମି ରହିଥାଏ, ଯାହା ଦୀର୍ଘମିଆଦି ଭାବେ ପରିବେଶକୁ କ୍ଷତି ପହଞ୍ଚାଏ।

### ୪. ଆଦିବାସୀ ଜୀବନ, ବିସ୍ଥାପନ ଓ ସମ୍ବିଧାନିକ ଅଧିକାର

ପୋଲାଭରମ ପ୍ରକଳ୍ପ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେବେ କୋୟା ଆଦିବାସୀ ସମୂହ। ଜଣେ ଆଦିବାସୀଙ୍କୁ କେବଳ ଅନ୍ୟତ୍ର ଏକ ଘର ଦେଇଦେଲେ ପୁନର୍ବାସ ସମ୍ପୂର୍ଣ୍ଣ ହୋଇଯାଏ ନାହିଁ। ପୁନର୍ବାସ (ଘର ଦେବା) ଏବଂ ପୁନଃସ୍ଥାପନ (ଜୀବିକା, ସାମାଜିକ ସମ୍ପର୍କ ଓ ସାଂସ୍କୃତିକ ପରିଚୟର ସୁରକ୍ଷା) ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି।

ସମ୍ବିଧାନର ପଞ୍ଚମ ଅନୁସୂଚୀ:ଅଞ୍ଚ ମାଲକାନଗିରିର ଅନେକ ଅଞ୍ଚଳ ଅନୁସୂଚିତ ଅଞ୍ଚଳ ଅଟେ, ଯେଉଁଠାରେ ଆଦିବାସୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

ପେସା ଆଇନ (୧୯୯୬) : ଏହି ଆଇନ ଅନୁସୂଚିତ ଅଞ୍ଚଳରେ ଗ୍ରାମସଭାର ଅନୁମୋଦନକୁ ସର୍ବୋଚ୍ଚ ସ୍ଥାନ ଦିଏ। ବିନା ଗ୍ରାମସଭା ସମ୍ମତିରେ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଆଇନର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରେ।

ଜଙ୍ଗଲ ଅଧିକାର ଅଧିନିୟମ (୨୦୦୬) : ବନଭୂମି ହସ୍ତାନ୍ତର ପୂର୍ବରୁ ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କ ସାମୁଦାୟିକ ଓ ପାରମ୍ପରିକ ଜଙ୍ଗଲ ଅଧିକାରର ସ୍ୱୀକୃତି ଏବଂ ନିରାକରଣ ହେବା ଅନିବାର୍ଯ୍ୟ।

### ୫. ଆଇନଗତ ଲଢ଼େଇ ଓ ନ୍ୟାୟିକ ଦୃଷ୍ଟିକୋଣ

ଏହି ବିବାଦ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଥିବାବେଳେ ପ୍ରକଳ୍ପର ଡିଜାଇନ୍ ପରିବର୍ତ୍ତନ, ବ୍ୟାକ୍‌ୱାଟର ଅଧ୍ୟୟନ, ବନ ଅନୁମୋଦନ ଏବଂ ସାର୍ବଜନୀନ ଶୁଣାଣି ନ ହେବା ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ୨୦୧୧ ମସିହାରେ ପରିବେଶ ମନ୍ତ୍ରଣାଳୟ ସ୍ୱଷ୍ଟ କରିଥିଲା ଯେ ଓଡ଼ିଶା ଓ ଛତିଶଗଡ଼ରେ ଆବଶ୍ୟକ ସାର୍ବଜନୀନ ଶୁଣାଣି କରାଯାଇ ନାହିଁ।

ଭାରତୀୟନ୍ୟାୟବ୍ୟବସ୍ଥାର ମୌଳିକ ନୀତି ଯଥା—ସତର୍କତାମୂଳକ ସିଦ୍ଧାନ୍ତ, ପ୍ରଦୂଷକ ଦେୟ ସିଦ୍ଧାନ୍ତ ଏବଂ ସମ୍ବିଧାନର ଅନୁଚ୍ଛେଦ ୨୧ (ଜୀବନ ଓ ସ୍ୱଚ୍ଛ ପରିବେଶର ଅଧିକାର) ଅନୁଯାୟୀ, କ୍ଷତି ହେଲା ପରେ ପ୍ରତିକାର ନୀତି ଗ୍ରହଣ କରାଯାଇପାରିବ ନାହିଁ।

### ୬. କ୍ଷତି ଓ ଲାଭର ଅସନ୍ତୁଳନ : "କାଉ ଖାଇଲା ପଣସ, ବଗ ମୁଣ୍ଡରେ ଅଠା"

ଆନ୍ତଃରାଜ୍ୟ ପ୍ରକଳ୍ପରେ ଯେତେବେଳେ ଗୋଟିଏ ରାଜ୍ୟର ପ୍ରାକୃତିକ ସମ୍ପଦ ନଷ୍ଟ ହୁଏ ଏବଂ ଅନ୍ୟ ରାଜ୍ୟ ଲାଭବାନ ହୁଏ, ସେତେବେଳେ "ପରିବେଶୀୟ ନ୍ୟାୟ"ର ପ୍ରଶ୍ନ ଉଠିବା ସ୍ୱାଭାବିକ। ମାଲକାନଗିରିର ଜନସାଧାରଣ ଜମି, ଜଙ୍ଗଲ ଓ ଜୀବିକା ହରାଉଥିବାବେଳେ ଅନ୍ୟତ୍ର ଜଳସେଚନ ଓ ବିଦ୍ୟୁତ୍ର ଲାଭ ମିଳୁଛି। "ଜାତୀୟ ପ୍ରକଳ୍ପ" ହେବାର ଅର୍ଥ ଏହା ନୁହେଁ ଯେ ପରିବେଶ ଆଇନ, ଜଙ୍ଗଲ ଆଇନ ଓ ଜନସାଧାରଣଙ୍କ ମୌଳିକ ଅଧିକାର ଅପ୍ରାସଙ୍ଗିକ ହୋଇଯିବ।







### ୭. ଉପସଂହାର ଓ ଗୁରୁତ୍ୱପୂର୍ଣ୍ଣ ଦାବିସମୂହ

ପୋଲାଭରମ ପ୍ରକଳ୍ପ ଆଜି ନିର୍ମାଣର ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇଥିଲେ ମଧ୍ୟ ଏହା ଆମକୁ ବିକାଶର ପ୍ରକୃତ ପରିଭାଷା ବୁଝାଇ ଦେଇଛି। ବିକାଶର ଅର୍ଥ କେବଳ ବଡ଼ ବଡ଼ ବନ୍ଧ କିମ୍ବା ଶିଳ୍ପ ନୁହେଁ, ବରଂ ସୁରକ୍ଷିତ ଜୀବନ, ସୁସ୍ଥ ପରିବେଶ ଏବଂ ନ୍ୟାୟସଙ୍ଗତ ଜୀବିକା।

ମାଲକାନଗିରି ଜିଲ୍ଲାର ଅସ୍ତିତ୍ୱ ଓ ଅଧିକାର ରକ୍ଷା ପାଇଁ ନିମ୍ନଲିଖିତ ଦାବିଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ:

- ପ୍ରତିଟି ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଅବିଳମ୍ବେ ଅର୍ଥପୂର୍ଣ୍ଣ ଗ୍ରାମସଭା ନିଶ୍ଚିତ କରାଯାଉ।
- ଜଙ୍ଗଲ ଅଧିକାରର ସମ୍ପୂର୍ଣ୍ଣ ସ୍ୱୀକୃତି କ୍ରମେ ପ୍ରଭାବିତ ପରିବାରଗୁଡ଼ିକର ଦାବି ନିରାକରଣ କରାଯାଉ।
- କେବଳ ଜମିର ବଜାର ଦର ନୁହେଁ, ବରଂ ଜୀବିକା ଆଧାରିତ କ୍ଷତିପୂରଣ ପ୍ରଦାନ କରାଯାଉ।
- ସ୍ୱାଧୀନ ବିଶେଷଜ୍ଞଙ୍କ ଦ୍ୱାରା ନୂତନ ସ୍ୱାଧୀନ ପରିବେଶୀୟ ଅଧ୍ୟୟନ ଓ ବ୍ୟାକ୍‌ୱାଟରର ପୁନଃମୂଲ୍ୟାୟନ କରାଯାଉ।
- ଓଡ଼ିଶାର ପ୍ରତିନିଧି, ଆଦିବାସୀ ପ୍ରତିନିଧି ଓ ପରିବେଶ ବିଶେଷଜ୍ଞଙ୍କୁ ନେଇ ଏକ ସ୍ୱାଧୀନ ନିରୀକ୍ଷଣ କମିଟି ଗଠନ କରାଯାଉ।

ପ୍ରସ୍ତୁତି : ଦେବବ୍ରତ ବେହେରା
ବାଲିମେଳା, ମାଲକାନଗିରି
ମୋ : ୮୨୬୦୯୭୬୦୭୬



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

# ଖଣି ଆଇନ ଓ ଭୋଟର ତାଲିକା ବିଭ୍ରାଟକୁ ବିରୋଧ କରି ଇଣ୍ଡିଆ ମେଣ୍ଟର ଆନ୍ଦୋଳନ

✦ ରାଜ୍ୟରେ ଜନଜୀବନ ପ୍ରଭାବିତ
✦ ବିଜେଡିର ୟୁ-ଟର୍ଣ୍ଣକୁ ନେଇ ଚର୍ଚ୍ଚା
✦ ଶାସକ ବିଜେପି କହିଲା 'ବିକାଶ ବିରୋଧୀ'

ଭୁବନେଶ୍ୱର,୧୦/୧୦ (ଜେଏନ୍‌ଏସ୍) : ନୂତନ କେନ୍ଦ୍ରୀୟ ଖଣି ଆଇନ ସଂଶୋଧନ ଏବଂ ଭୋଟର ତାଲିକା ବିଭ୍ରାଟ ପ୍ରତିବାଦରେ ଆଜି କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ବ୍ୟାପକ ପ୍ରଭାବ ସାରା ରାଜ୍ୟରେ ଦେଖିବାକୁ ମିଳିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ଏହି ବନ୍ଦ ଯୋଗୁଁ ବିଭିନ୍ନ ସହରରେ ଗାଡ଼ି ଚଳାଚଳ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ବାଧାପ୍ରାପ୍ତ ହୋଇଛି।

କଂଗ୍ରେସ, ସିପିଆଇ, ସିପିଆଇ(ଏମ) ସମେତ ୯ଟି ବିରୋଧୀ ଦଳ ପକ୍ଷରୁ 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ନାରା ସହ ଏହି ପ୍ରତିବାଦ କରାଯାଉଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏବଂ ବରିଷ୍ଠ ନେତାମାନେ ଏହି ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର, କଟକ, ସମ୍ବଲପୁର ଓ ରାଉରକେଲା ଭଳି ପ୍ରମୁଖ ସହରଗୁଡ଼ିକରେ ସକାଳୁ କଂଗ୍ରେସ କର୍ମୀମାନେ ପିକେଟିଂ କରି ରାସ୍ତା ଅବରୋଧ କରିବା ସହ କେତେକ ସ୍ଥାନରେ ଟ୍ରେନ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ କରିଛନ୍ତି। ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଦୂରଗାମୀ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି।

ଏହି ବନ୍ଦ ଡାକରାକୁ ନେଇ ସବୁଠାରୁ ବଡ଼ ରାଜନୈତିକ ଆଲୋଚନା ବିଜୁ ଜନତା ଦଳ (ଇଔଉ) ର ଆଭିମୁଖ୍ୟକୁ ନେଇ ସୃଷ୍ଟି ହୋଇଛି। ପ୍ରଥମେ ବରିଷ୍ଠ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଏହି ବନ୍ଦକୁ ସମର୍ଥନ କରିବେ ବୋଲି ଗଣମାଧ୍ୟମରେ ବୟାନ ଦେଇଥିଲେ। କିନ୍ତୁ ମାତ୍ର ଅଧ ଘଣ୍ଟା ମଧ୍ୟରେ ଦଳ ନିଜ ନିଷ୍ପତ୍ତି ବଦଳାଇ ବନ୍ଦରୁ ଦୂରେଇ ରହିବାକୁ ଘୋଷଣା କରିଥିଲା। ବିଜେଡି ସ୍ପଷ୍ଟ କରିଛି ଯେ ସେମାନେ ବିଜେପି ଓ କଂଗ୍ରେସ ଉଭୟଙ୍କଠାରୁ ସମାନ ଦୂରତା ବଜାୟ ରଖିବେ। ବିଜେଡିର ଏହି ଦ୍ୱନ୍ଦାତ୍ମକ ନୀତିକୁ ନେଇ ରାଜନୈତିକ ସମୀକ୍ଷକମାନେ ତୀବ୍ର ସମାଲୋଚନା କରୁଛନ୍ତି।






ସେପଟେ ଶାସକ ବିଜେପି ଏହି ବନ୍ଦକୁ ସମ୍ପୂର୍ଣ୍ଣ 'ବିକାଶ ବିରୋଧୀ' ଏବଂ କଂଗ୍ରେସର 'ରାଜନୈତିକ ଭେଳିକି' ବୋଲି ଆଖ୍ୟା ଦେଇଛି। ବିଜେପି ନେତାଙ୍କ ମତରେ, ଖଣି ଆଇନ ସଂଶୋଧନ ଦ୍ୱାରା ଓଡ଼ିଶାର ରାଜସ୍ୱ ବୃଦ୍ଧି ହେବ, ମାତ୍ର ବିରୋଧୀ ଦଳ କେବଳ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି। ବନ୍ଦ ଯୋଗୁଁ ଦୈନିକ ମଜୁରିଆ, ଅଟୋ ଚାଳକ ଏବଂ ଛୋଟ ବ୍ୟବସାୟୀମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ବଳପୂର୍ବକ ଦୋକାନ ବଜାର ବନ୍ଦ କରାଯାଉଥିବାରୁ ସାଧାରଣ ଜନତା ସୋସିଆଲ ମିଡିଆରେ ନିଜର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେବେ ଜନସାଧାରଣଙ୍କ ସୁବିଧା ପାଇଁ ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟ ସେବା ଓ ପରୀକ୍ଷାର୍ଥୀଙ୍କ ଗାଡ଼ି ଭଳି ଜରୁରୀକାଳୀନ ସେବାକୁ ଏହି ବନ୍ଦରୁ ବାଦ୍ ଦିଆଯାଇଛି।

▸▸ ଅର୍ଥନୀତିର ବ୍ୟାପକ କ୍ଷତି
▸▸ ଖଣି ଆଇନ ଉପରେ କଂଗ୍ରେସର "ରାଜନୈତିକ ଭେଳିକି"
▸▸ ବଳପୂର୍ବକ ବନ୍ଦ କରିବାକୁ ନେଇ ଅସନ୍ତୋଷ

ଭୁବନେଶ୍ୱର, ୧୦/୧୦ (ଜେଏନ୍‌ଏସ୍) : କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଦିଆଯାଇଥିବା ଏହି ଓଡ଼ିଶା ବନ୍ଦକୁ ନେଇ ଶାସକ ଦଳ, ବ୍ୟବସାୟୀ ସଂଘ ଏବଂ ସାଧାରଣ ଜନତାଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ସମାଲୋଚନା ମୂଳକ ଖବର ଓ ଯୁକ୍ତି ସାମ୍ନାକୁ ଆସିଛି । ଏହି ବନ୍ଦ ଯୋଗୁଁ ଦିନ ମଜୁରିଆ, ଅଟୋ ଚାଳକ, ଉଠା ଦୋକାନୀ ଏବଂ ଛୋଟ ବ୍ୟବସାୟୀମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ଦିନେ ରୋଜଗାର ବନ୍ଦ ହେଲେ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡୁଥିବାରୁ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବସ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ବନ୍ଦ ଯୋଗୁଁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ, ବରିଷ୍ଠ ନାଗରିକ ଏବଂ ଜରୁରୀକାଳୀନ କାମରେ ଯାଉଥିବା ଲୋକେ ବସଷ୍ଟାଣ୍ଡରେ ଫସି ରହିଛନ୍ତି। କେତେକ ସ୍ଥାନରେ ଚିକିତ୍ସା ପାଇଁ ହସ୍ପିଟାଲ ଯାଉଥିବା ଲୋକ ମଧ୍ୟ ହଇରାଣ ହେଉଛନ୍ତି।

ଶାସକ ବିଜେପିର ଅଭିଯୋଗ ଅନୁଯାୟୀ, କଂଗ୍ରେସ ରାଜ୍ୟର ବିକାଶକୁ ରୋକିବା ପାଇଁ ଏହି ବନ୍ଦ ଡାକରା ଦେଇଛି। ଖଣି ସଂଶୋଧନ ଆଇନ ଦ୍ୱାରା ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ, କିନ୍ତୁ ବିରୋଧୀ ଦଳ କେବଳ ରାଜନୈତିକ ଫାଇଦା ପାଇଁ ଭ୍ରମାତ୍ମକ ତଥ୍ୟ ପ୍ରସାରଣ କରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ସମାଲୋଚକମାନେ ପ୍ରଶ୍ନ

## "ବନ୍ଦ ଯୋଗୁଁ ଓଡ଼ିଶା ଅର୍ଥନୀତିକୁ ଶକ୍ତ ଧକ୍କା"

କରୁଛନ୍ତି ଯେ, କେନ୍ଦ୍ରରେ କଂଗ୍ରେସ ଶାସନ ସମୟରେ ମଧ୍ୟ ଅନେକ ଖଣିଜ ନୀତି ପ୍ରଣୟନ ହୋଇଥିଲା, ତେବେ ଏବେ ସଂଶୋଧନକୁ ନେଇ ରାଜ୍ୟରେ ଏଭଳି ସ୍ଥିତି ସୃଷ୍ଟି କରିବାର ଅର୍ଥ କେବଳ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଏକ ପ୍ରୟାସ। ଓଡ଼ିଶା ବ୍ୟବସାୟୀ ମହାସଂଘର କେତେକ ସଦସ୍ୟଙ୍କ ମତରେ, ୧୨ ଘଣ୍ଟିଆ ବନ୍ଦ ଯୋଗୁଁ ରାଜ୍ୟର ବ୍ୟବସାୟିକ କାରବାର ସମ୍ପୂର୍ଣ୍ଣ ମାନ୍ଦା ପଡ଼ିଯାଇଛି। କାରଖାନା, ଦୋକାନ ବଜାର ଏବଂ ପରିବହନ ବନ୍ଦ ରହିବା ଦ୍ୱାରା ରାଜ୍ୟ ଅର୍ଥନୀତିକୁ ଶକ୍ତ ଧକ୍କା ଲାଗିଛି।

ଅନେକ ସ୍ଥାନରେ ଜନସାଧାରଣ ନିଜ ଇଚ୍ଛାରେ ବନ୍ଦକୁ ସମର୍ଥନ କରୁନାହାନ୍ତି, ବରଂ ଗାଡ଼ି ଭଙ୍ଗାରୁଜା କିମ୍ବା ଆନ୍ଦୋଳନକାରୀଙ୍କ ଭୟରେ ଦୋକାନ ବଜାର ବନ୍ଦ ରଖିଛନ୍ତି। ଏହାକୁ ଗଣତାନ୍ତ୍ରିକ ପ୍ରତିବାଦ ନକହି "ଜୋର ଜବରଦସ୍ତି" ବୋଲି ସାଧାରଣ ନାଗରିକମାନେ ସୋସିଆଲ ମିଡିଆରେ ସମାଲୋଚନା କରୁଛନ୍ତି।




# ଓଡ଼ିଶା ବନ୍ଦରେ ବିଜେଡିର 'ୟୁ-ଟର୍ଣ୍ଣ'

▸▸ ଘଣ୍ଟାକ ମଧ୍ୟରେ ବଦଳିଲା ଆଭିମୁଖ୍ୟ
▸▸ ସମର୍ଥନ ଘୋଷଣା ପରେ ସମଦୂରତା ନାଁରେ ପଛଘୁଞ୍ଚାକୁ ନେଇ ଚାରିଆଡ଼େ ସମାଲୋଚନା
▸▸ ବିରୋଧୀ କହିଲେ 'ରାଜନୈତିକ ସର୍କସ'



## ରାଜନୈତିକ ସୁବିଧାବାଦ ନା ଦ୍ୱନ୍ଦ୍ୱରେ ଶଙ୍ଖ ଦଳ ?

ଭୁବନେଶ୍ୱର,୧୦/୧୦(ଜେଏନ୍‌ଏସ୍): ରାଜ୍ୟରେ ବିରୋଧୀ ଆସନରେ ବସିବା ପରେ ବିଜୁ ଜନତା ଦଳ (ବିଜେଡି) ର ରାଜନୈତିକ ରଣନୀତିକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଂଗ୍ରେସ ଓ 'ଇଣ୍ଡି' ମେଣ୍ଟ ପକ୍ଷରୁ ଆହୂତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦକୁ ନେଇ ମାତ୍ର କେଇ ଘଣ୍ଟା ଭିତରେ ଦଳ ଯେଭଳି ନିଜ ଆଭିମୁଖ୍ୟ ବଦଳାଇଲା, ତାହା ବିଜେଡିର ଦ୍ୱନ୍ଦ୍ୱାତ୍ମକ ନୀତିକୁ ସ୍ପଷ୍ଟ ପ୍ରମାଣିତ କରୁଛି। ଗୋଟିଏ ପଟେ ଦଳର ବରିଷ୍ଠ ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗଣମାଧ୍ୟମ ଆଗରେ ବନ୍ଦକୁ ସମର୍ଥନ କରୁଥିବା କହିଥିବା ବେଳେ, ତାହାର ଠିକ୍ କିଛି ସମୟ ପରେ ଦଳ ପକ୍ଷରୁ ସ୍ପଷ୍ଟୀକରଣ ଜାରି କରି ସମଦୂରତା ରକ୍ଷା କରିବା କଥା କୁହାଯିବା ରାଜନୈତିକ ମହଲରେ ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଛି। ବିଜେଡି ଶୀର୍ଷ ନେତୃତ୍ୱ ଓ ଦଳର ମୁଖପାତ୍ରମାନଙ୍କ ମଧ୍ୟରେ ଆଦୌ ସମନ୍ୱୟ ନଥିବା ଏହି ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ବିଜେପି ଓ କଂଗ୍ରେସ ଠାରୁ 'ସମଦୂରତା' ବଜାୟ ରଖିବା ବାହାନାରେ ବିଜେଡି ପ୍ରକୃତରେ କେଉଁ ଆଡ଼କୁ ଯାଉଛି, ତାହା ନିଜେ ଦଳର କର୍ମୀମାନେ ମଧ୍ୟ ବୁଝିପାରୁ ନାହାନ୍ତି। ସମାଲୋଚକଙ୍କ କହିବା କଥା, ଯଦି ଦଳ ଗଗଉଜ ଆକ୍ଟ ସଂଶୋଧନ ଓ ରାଜ୍ୟର ଅନ୍ୟାନ୍ୟ ଜ୍ୱଳନ୍ତ ପ୍ରସଙ୍ଗରେ ସରକାରଙ୍କୁ ବିରୋଧ କରୁଛି, ତେବେ ଜନ ଆନ୍ଦୋଳନକୁ ସମର୍ଥନ କରିବାକୁ ପଛଘୁଞ୍ଚା ଦେଉଛି କାହିଁକି? ବିଜେଡିର ଏହି ୟୁ-ଟର୍ଣ୍ଣକୁ ନେଇ କଂଗ୍ରେସ ଓ ଶାସକ ବିଜେପି ଉଭୟ ଦଳକୁ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ନେତାମାନେ ଏହାକୁ ବିଜେଡିର 'ଭୀରୁତା' ଏବଂ କେନ୍ଦ୍ରୀୟ ବିଜେପି ନେତୃତ୍ୱ ପ୍ରତି ଥିବା 'ଲୁଚାଛପା ଭୟ' ବୋଲି ଆଖ୍ୟା ଦେଇଛନ୍ତି। ଅନ୍ୟପଟେ ବିଜେପି କହିଛି ଯେ, ନିଜର ରାଜନୈତିକ ଅସ୍ତିତ୍ୱ ହରାଇବା ଭୟରେ ବିଜେଡି ଏଭଳି ଦୋମୁହାଁ ନୀତି ଆପଣାଉଛି। ରାଜନୈତିକ ସମୀକ୍ଷକଙ୍କ ମତରେ, ବିରୋଧୀ ଦଳ ଭାବେ ଲୋକଙ୍କ ସ୍ୱର ଉତ୍ତୋଳନ କରିବା ପରିବର୍ତ୍ତେ ବିଜେଡିର ଏଭଳି ଦୋଦୁଲ୍ୟମାନ ଅବସ୍ଥା ଦଳର ସାଂଗଠନିକ ଦୁର୍ବଳତା ଓ ନିଷ୍ପତ୍ତି ନେବାରେ ବିଫଳତାକୁ ଦର୍ଶାଉଛି।

# ଖୁବ୍‌ଶୀଘ୍ର ଲାଗୁ ହେବ 'ସୋସିଆଲ ମିଡିଆ ନୀତି-୨୦୨୬'

✦ ଇନଫ୍ଲୁଏନ୍ସର ଏବଂ ୱେବ୍ ପୋର୍ଟାଲ୍‌ଙ୍କ ପାଇଁ ପ୍ରସ୍ତୁତ ହେଉଛି ନୂଆ ଗାଇଡଲାଇନ
✦ ବିଭ୍ରାନ୍ତିକର ଖବର ଉପରେ ଲଗାମ ସହ ସରକାରୀ ଯୋଜନାର ପ୍ରଚାର ପାଇଁ ମିଳିବ ବିଜ୍ଞାପନ

ଭୁବନେଶ୍ୱର, ୧୦/୧୦(ଜେଏନ୍‌ଏସ୍) : ରାଜ୍ୟରେ ବଢୁଥିବା ଡିଜିଟାଲ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଶୃଙ୍ଖଳିତ ତଥା ଦାୟିତ୍ୱବାନ କରିବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ଏବଂ ଯୁଗୋପଯୋଗୀ 'ସୋସିଆଲ ମିଡିଆ ନୀତି' ଲାଗୁ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀମାନଙ୍କୁ ଏହି ନୀତିର ଚିଠା ପ୍ରସ୍ତୁତ କରିବା ସହ ଏହାକୁ ତୁରନ୍ତ ଚୂଡ଼ାନ୍ତ ରୂପ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ ମିଡିଆ ମାଧ୍ୟମରେ ସରକାରୀ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏବଂ ବିଭ୍ରାନ୍ତିକର ଖବର ଉପରେ ରୋକ୍ ଲଗାଇବା ଏହି ନୀତିର ମୂଳ ଉଦ୍ଦେଶ୍ୟ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରସ୍ତୁତ ହେଉଥିବା ଏହି ନୂଆ ନୀତିରେ କେତେକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ସ୍ଥାନ ପାଇବାକୁ ଯାଉଛି । ରାଜ୍ୟର ସୋସିଆଲ ମିଡିଆ ଇନଫ୍ଲୁଏନ୍ସର, ବ୍ଲଗର ଏବଂ ୱେବ୍ ନ୍ୟୁଜ୍ ପୋର୍ଟାଲଗୁଡ଼ିକୁ ସରକାରୀ ଭାବେ ଏମ୍ପାନେଲ୍‌ମେଣ୍ଟ ବା ତାଲିକାଭୁକ୍ତ କରାଯିବ। ସେମାନଙ୍କର ଫଲୋଅର୍ସ ଏବଂ ଭ୍ୟୁଅରସିପ୍ ଆଧାରରେ ଶ୍ରେଣୀଭୁକ୍ତ କରାଯିବ। ଯେଉଁ ଇନଫ୍ଲୁଏନ୍ସର କିମ୍ବା ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାପଦଣ୍ଡ ପୂରଣ କରିବେ, ସେମାନଙ୍କୁ ସରକାରୀ ଯୋଜନା ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ଅଫିସିଆଲ୍ ବିଜ୍ଞାପନ ପ୍ରଦାନ କରାଯିବ। ଏହାଦ୍ୱାରା ସ୍ଥାନୀୟ କ୍ରିଏଟରମାନେ ରୋଜଗାରକ୍ଷମ ହୋଇପାରିବେ। ସାମାଜିକ ସୌହାର୍ଦ୍ଦ୍ୟ ବିଗାଡୁଥିବା, ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରୁଥିବା କିମ୍ବା ମହିଳା ଓ ଶିଶୁମାନଙ୍କ ପ୍ରତି ଅଶ୍ଳୀଳ କଣ୍ଟେଣ୍ଟ ପ୍ରସାରଣ କରୁଥିବା ଆକାଉଣ୍ଟ ଏବଂ ପେଜ୍ ଗୁଡ଼ିକ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୋସିଆଲ ମିଡିଆରେ ବ୍ୟାପୁଥିବା ଗୁଜବ ଓ ମିଥ୍ୟା ଖବରକୁ ରୋକିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନରେ ଏକ ସ୍ୱତନ୍ତ୍ର 'ଫ୍ୟାକ୍ଟ ଚେକ୍' ଟିମ୍ ଗଠନ କରାଯିବ। ଏକ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନର ଯୁଗରେ ସୋସିଆଲ ମିଡିଆ ଜନସାଧାରଣଙ୍କ ସହ ଯୋଡ଼ି ହେବାର ସବୁଠାରୁ ସହଜ ଏବଂ ଶକ୍ତିଶାଳୀ ମାଧ୍ୟମ ପାଲଟିଛି। ଏହାର ସଦୁପଯୋଗ କରି ସରକାରୀ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ ଲୋକାଭିମୁଖୀ କରାଯାଇପାରିବ। ଏହି କାରଣରୁ ନୂଆ ନୀତିରେ ଡିଜିଟାଲ ମିଡିଆ କ୍ରିଏଟରମାନଙ୍କୁ ସକାରାତ୍ମକ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଦିଆଯିବା ସହ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବାକୁ ଗାଇଡଲାଇନ ପ୍ରସ୍ତୁତ ହେଉଛି। ଏହି ନୀତି ଲାଗୁ ହେବା ପରେ ଓଡ଼ିଶାର ଡିଜିଟାଲ୍ କ୍ରିଏଟର ଏବଂ ୱେବ୍ ସାମ୍ବାଦିକମାନେ ଏକ ସ୍ପଷ୍ଟ ପରିଚୟ ପାଇବା ସହ ସରକାରୀ ସ୍ତରରେ ସେମାନଙ୍କର ଗୁରୁତ୍ୱ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ଆର ପାରିରେ ଅଭିନେତା 'ନାନା ପାଟେକର'

## 'କ୍ରାନ୍ତିବୀର'ରୁ 'ୱେଲକମ୍' - ଅଦ୍ଭୁତ ଅଭିନୟ ଏବଂ ସମାଜସେବା ପାଇଁ ସର୍ବଦା ମନେରହିବେ

✦ ୭୫ ବର୍ଷ ବୟସରେ ପରଲୋକ
✦ ପୁଣେରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଶେଷକୃତ୍ୟ
✦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅକ୍ଷୟ କୁମାର, କଙ୍ଗନା ରାନାୱତଙ୍କ ସମେତ ସମଗ୍ର ସିନେ ଜଗତରେ ଶୋକର ଛାୟା

ନୂଆଦିଲ୍ଲୀ, ୧୦/୧୦ : ଭାରତୀୟ ସିନେମା ଜଗତର ଜଣେ ପ୍ରଖ୍ୟାତ ତଥା ନିର୍ଭୀକ ଅଭିନେତା ନାନା ପାଟେକର ଆଉ ନାହାନ୍ତି। ଗୁରୁବାର ସକାଳେ (ଅକ୍ଟୋବର ୮, ୨୦୨୬) ଗୋଆ ସ୍ଥିତ ନିଜ ବାସଭବନରେ ୭୫ ବର୍ଷ ବୟସରେ ସେ ଇହଲୀଳା ସାବ୍ୟସ୍ତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗୋଆର ଡୋନା ପାଉଲା ସ୍ଥିତ ଘରେ ତାଙ୍କୁ ହଠାତ୍ ପ୍ରବଳ ଛାତିରେ ଯନ୍ତ୍ରଣା ଅନୁଭବ ହୋଇଥିଲା ଏବଂ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଓ ସହଯୋଗୀମାନେ ତାଙ୍କୁ ତୁରନ୍ତ ମଣିପାଲ ହସ୍ପିଟାଲକୁ ନେଇଥିଲେ, ଯେଉଁଠାରେ ଡାକ୍ତରମାନେ ପ୍ରାୟ ୪୫ ମିନିଟ୍ ଧରି ସି.ପି. ଆର୍. ଦେଇ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସକାଳ ୫:୨୦ ମିନିଟ୍ ସମୟରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ତାଙ୍କ ପୁଅ ମଲହାର ପାଟେକର ଏହି ଦୁଃଖଦ ଖବରର ସତ୍ୟତାକୁ ନିଶ୍ଚିତ କରିଛନ୍ତି।



୧୯୫୧ ମସିହା ଜାନୁଆରୀ ୧ ତାରିଖରେ ଜନ୍ମଗ୍ରହଣ କରିଥିବା ନାନା ପାଟେକର (ପ୍ରକୃତ ନାମ : ବିଶ୍ୱନାଥ ପାଟେକର) ହିନ୍ଦୀ ଏବଂ ମରାଠୀ ଚଳଚ୍ଚିତ୍ର ଜଗତରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଥିଲେ। ଅତ୍ୟନ୍ତ ସାଧାରଣ ଜୀବନରୁ ଆସିଥିବା ନାନା ପ୍ରାରମ୍ଭିକ ଜୀବନରେ ବହୁ ସଂଘର୍ଷ କରିଥିଲେ ଏବଂ ମୁମ୍ବାଇରେ ସିନେମା ପୋଷ୍ଟର ରଙ୍ଗ କାମ ମଧ୍ୟ କରିଥିଲେ। ୧୯୭୮ ମସିହାରେ 'ଗମନ' ଚଳଚ୍ଚିତ୍ରରୁ ନିଜର ଅଭିନୟ ଜୀବନ ଆରମ୍ଭ କରିଥିବାବେଳେ ୧୯୮୯ରେ ମୁକ୍ତିଲାଭ କରିଥିବା 'ପରିନ୍ଦା' ତାଙ୍କ କ୍ୟାରିୟରରେ ଏକ ବଡ଼ ମୋଡ଼ ଆଣିଥିଲା। ଏହି ଚଳଚ୍ଚିତ୍ର ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା।

ତାଙ୍କର ଜୀବନ୍ତ ଏବଂ ଶକ୍ତିଶାଳୀ ଡାଇଲଗ୍ ଡେଲିଭରି ପାଇଁ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରଖିଥିଲେ। 'କ୍ରାନ୍ତିବୀର', 'ଅବ୍ ତକ୍ ଛପନ୍', 'ତିରଙ୍ଗା', 'ପ୍ରହାର', ଏବଂ 'ନଟସମ୍ରାଟ୍' ଭଳି ଗ୍ଲାମରସ ଓ ଚିନ୍ତାଜନକ ଚଳଚ୍ଚିତ୍ର ସହିତ 'ୱେଲକମ୍' ଚଳଚ୍ଚିତ୍ରର 'ଉଦୟ ଶେଟ୍ଟି' ଭଳି ହାସ୍ୟରସାତ୍ମକ ଭୂମିକାରେ ମଧ୍ୟ ସେ ଅଦ୍ଭୁତ ଅଭିନୟର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ଫିଲ୍ମଫେୟାର ପୁରସ୍କାରକୁ ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ସହ-ଅଭିନେତା ଏବଂ ଶ୍ରେଷ୍ଠ ଭିଲେନ୍ (ଖଳନାୟକ) ବର୍ଗରେ ଜିତିବାର ବିରଳ ଗୌରବ ସେ ହାସଲ କରିଥିଲେ।

କେବଳ ଜଣେ ଅଭିନେତା ନୁହଁନ୍ତି, ବରଂ ଜଣେ ସମାଜସେବୀ ଭାବେ ମଧ୍ୟ ନାନା ପାଟେକରଙ୍କ ଅବଦାନ ଅତୁଳନୀୟ। ନିଜ ଆୟର ଏକ ବଡ଼ ଭାଗ ସେ ସମାଜର କଲ୍ୟାଣ ଏବଂ ଚାଷୀଙ୍କ ସହାୟତାରେ ବିନିଯୋଗ କରୁଥିଲେ।

## ବର୍ଷ ପରେ ବର୍ଷ ବିତୁଛି ଅପେକ୍ଷାରେ ପାରଳାଖେମୁଣ୍ଡିବାସୀ

# ବାଇପାସ୍ ରୋଡ୍ କେବେ ?

ପାରଳାଖେମୁଣ୍ଡି, ୧୦/୧୦ (ଜେଏନ୍‌ଏସ୍) : ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସହରର ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ବାଇପାସ୍ ରୋଡ୍ ନିର୍ମାଣ ଦାବି ଦୀର୍ଘଦିନର। ବାଇପାସ୍ ପ୍ରକଳ୍ପକୁ ନେଇ ବିଭିନ୍ନ ସମୟରେ ଯୋଜନା ଓ ପ୍ରଶାସନିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ ରାସ୍ତା ନିର୍ମାଣ ନେଇ ବିଳମ୍ବ ଜାରି ରହିଛି।

ସରକାରୀ ଟେଣ୍ଡର ରେକର୍ଡ ଅନୁସାରେ ପାରଳାଖେମୁଣ୍ଡି ବାଇପାସ୍ ରୋଡ୍ ୦/୦୦୦ କିମିରୁ ୪/୨୮୬ କିମି ପର୍ଯ୍ୟନ୍ତ, ଅର୍ଥାତ୍ ପ୍ରାୟ ୪.୨୮୬ କିମି ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାର ଟେଣ୍ଡର ମୂଲ୍ୟ □୪୦ କୋଟି ୮୮ ଲକ୍ଷ ୩୪ ହଜାର ୨୬୮ ଟଙ୍କା ଥିଲା। ଏହାସହିତ ୨୦୧୭ରୁ ଏହି ପ୍ରକଳ୍ପ ସମ୍ପର୍କିତ ଜମି ଅଧିଗ୍ରହଣ ପ୍ରକ୍ରିୟାର ରେକର୍ଡ ମଧ୍ୟ ମିଳୁଛି। ୨୦୨୫ରେ ମଧ୍ୟ ବାଇପାସ୍ ରୋଡ୍ ପାଇଁ ଜମି ଅଧିଗ୍ରହଣ ସମ୍ପର୍କିତ ପ୍ରସ୍ତାବ ଦାଖଲ ହୋଇଥିବା ସରକାରୀ ରେକର୍ଡରେ ଦେଖାଯାଉଛି। ପାରଳାଖେମୁଣ୍ଡି ସହରର ଟ୍ରାଫିକ୍ ସମସ୍ୟା ଦୂର କରିବା ଓ ସହରର ବିକାଶ ପାଇଁ ବାଇପାସ୍ ରୋଡ୍ ନିର୍ମାଣକୁ ନେଇ ବର୍ଷ ବର୍ଷ ଧରି ବିଭିନ୍ନ ରାଜନୈତିକ ଦଳର ନେତା, ବିଧାୟକ ଓ ସାଂସଦମାନେ ଦାବି, ପ୍ରତିଶ୍ରୁତି ଓ ପଦକ୍ଷେପ ନେଇଆସୁଛନ୍ତି। ରାଜନୈତିକ ପରିବର୍ତ୍ତନ ସହ ନେତୃତ୍ୱ ବଦଳିଛି, ସରକାର ବଦଳିଛି, କିନ୍ତୁ ବାଇପାସ୍ ରୋଡ୍‌ର କାମ ଏପର୍ଯ୍ୟନ୍ତ ଆଶାନୁରୂପ ଭାବେ ଆଗେଇ ପାରିନାହିଁ।

**ସହରବାସୀଙ୍କ ପ୍ରଶ୍ନ : ବାଇପାସ୍ ରୋଡ୍ ପାଇଁ ଯୋଜନା, ଘୋଷଣା ଓ ଦାବି ଅନେକ ହେଲା; ତେବେ ବାସ୍ତବରେ କାମ କେବେ ଆରମ୍ଭ ହେବ ଏବଂ କେବେ ସମ୍ପୂର୍ଣ୍ଣ ହେବ ?**

ସହରର ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ବାଇପାସ୍ ରୋଡ୍ କାମ ଶୀଘ୍ର ଆରମ୍ଭ କରି ସମୟସୀମା ମଧ୍ୟରେ ସାରିବାକୁ ସହରବାସୀ ଦାବି କରିଛନ୍ତି। ପାରଳାଖେମୁଣ୍ଡି ବାଇପାସ୍ ରୋଡ୍ କେବେ ହେବ? ଏହି ପ୍ରଶ୍ନ ନେଇ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ବିଧାୟକ, ସାଂସଦ ଓ ରାଜନୈତିକ ନେତାମାନଙ୍କୁ ପଚାରିଆସୁଛନ୍ତି। କିନ୍ତୁ ଲୋକଙ୍କ ଅଭିଯୋଗ ଅନୁସାରେ, ଅନେକ ସମୟରେ ଏହାର ଉତ୍ତର ଆସୁଛି—"ଆଗାମୀ ନିର୍ବାଚନରେ ଆମ ଦଳ ଜିତିଲେ ବାଇପାସ୍ ରୋଡ୍ କରିଦେବୁ।"

ନିର୍ବାଚନ ଆସେ, ନେତା ବଦଳନ୍ତି, ସରକାର ବଦଳେ; କିନ୍ତୁ ବାଇପାସ୍ ରୋଡ୍ ନିର୍ମାଣ ନେଇ ସହରବାସୀଙ୍କ ପ୍ରଶ୍ନ ରହିଯାଏ। ଏବେ ଲୋକଙ୍କ ସରଳ ପ୍ରଶ୍ନ—ନିର୍ବାଚନୀ ପ୍ରତିଶ୍ରୁତି ନୁହେଁ, ବାଇପାସ୍ ରୋଡ୍‌ର କାମ କେବେ ଆରମ୍ଭ ହେବ ଏବଂ କେବେ ସରିବ?

ଟ୍ରାଫିକ୍ ସମସ୍ୟା ଓ ସହରର ବିକାଶକୁ ଦୃଷ୍ଟିରେ ରଖି ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ସହିତ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି ସହରବାସୀ। ପାରଳାଖେମୁଣ୍ଡି ସହରର ବହୁ ପ୍ରତୀକ୍ଷିତ ବାଇପାସ୍ ରୋଡ୍‌କୁ ନେଇ ଏବେ ପୁଣି ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ବାଇପାସ୍ ରୋଡ୍ କେବେ ହେବ ବୋଲି ଲୋକେ ବିଧାୟକ ରୂପେଶ ପାଣିଗ୍ରାହୀଙ୍କୁ ପ୍ରଶ୍ନ କରୁଥିବା ବେଳେ, ନିଜ କାର୍ଯ୍ୟକାଳ ମଧ୍ୟରେ ଏହି କାମ କରିବା ନେଇ ସେ ଦେଇଥିବା ଆଶ୍ୱାସନକୁ ନେଇ ଏବେ ଲୋକେ ଉତ୍ତର ଅପେକ୍ଷାରେ ଅଛନ୍ତି।

**ସହରବାସୀଙ୍କ ପ୍ରଶ୍ନ : ଯଦି ବାଇପାସ୍ ରୋଡ୍ ନିର୍ମାଣ ପାଇଁ ଯୋଜନା, ଅର୍ଥ ଓ ଟେଣ୍ଡର ପ୍ରକ୍ରିୟା ଆଗକୁ ବଢ଼ିଛି, ତେବେ ଭୂମିସ୍ତରରେ କାମ କେବେ ଆରମ୍ଭ ହେବ ?**

ସରକାରୀ ଟେଣ୍ଡର ରେକର୍ଡ ଅନୁସାରେ ପାରଳାଖେମୁଣ୍ଡି ବାଇପାସ୍ ରୋଡ୍‌ର ୦/୦୦୦ କିମିରୁ ୪/୨୮୬ କିମି ପର୍ଯ୍ୟନ୍ତ କାମ ପାଇଁ ୪୦.୮୮ କୋଟିର ଟେଣ୍ଡର ହୋଇଥିଲା।

ଅନ୍ୟପକ୍ଷରେ, ୨୦୨୬ ମସିହାର ରିପୋର୍ଟରେ ପ୍ରକଳ୍ପଟି ଅଟକି ରହିଥିବା ଏବଂ ଜମି ଓ ବିଭାଗୀୟ ସମନ୍ୱୟ ସମସ୍ୟା ଥିବା ଉଲ୍ଲେଖ ହୋଇଛି। ବାଇପାସ୍ ରୋଡ୍ ନିର୍ମାଣକୁ ନେଇ ବର୍ଷ ବର୍ଷ ଧରି ଘୋଷଣା, ପ୍ରତିଶ୍ରୁତି ଓ ଦାବି ଚାଲିଥିବା ସତ୍ତ୍ୱେ ଭୂମିସ୍ତରରେ କାମ ଆଗେଇ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଦେଖାଯାଉଛି। ଏହାକୁ ନେଇ ସରକାରଙ୍କ ପ୍ରତି ଲୋକଙ୍କ ଭରସା ଧୀରେ ଧୀରେ କମିଯାଉଥିବା ମତ ପ୍ରକାଶ ପାଉଛି। ଏଭଳି ପରିସ୍ଥିତିରେ ପାରଳାଖେମୁଣ୍ଡି ସହର ଓ ଗଜପତି ଜିଲ୍ଲାର ରାଜନୀତିକ ପରିସ୍ଥିତିକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ରାଜନୀତି ସମୀକ୍ଷକ, ବୁଦ୍ଧିଜୀବୀ, ନାଗରିକ, ମହିଳା ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଜନୀତିରେ ଏକ ନୂଆ ଚେହେରା ଓ ନୂଆ ନେତୃତ୍ୱର ଆବଶ୍ୟକତାକୁ ନେଇ ଆଲୋଚନା ହେଉଥିବା ଦେଖାଯାଉଛି।

ବିଶେଷକରି ବାଇପାସ୍ ରୋଡ୍ ଭଳି ଦୀର୍ଘଦିନର ସମସ୍ୟାର ସମାଧାନ ନ ହେବାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି—ଆଗାମୀ ଦିନରେ ସହର ଓ ଜିଲ୍ଲାର ବିକାଶ ପାଇଁ ନୂଆ ଚିନ୍ତାଧାରା ଓ ନୂଆ ନେତୃତ୍ୱର ଆବଶ୍ୟକତା ରହିଛି କି ?

ଏହି ଚର୍ଚ୍ଚା ଆଗାମୀ ଦିନରେ ପାରଳାଖେମୁଣ୍ଡିର ରାଜନୈତିକ ପରିସ୍ଥିତିକୁ କେତେ ପ୍ରଭାବିତ କରିବ, ତାହା ଉପରେ ସମସ୍ତଙ୍କ ନଜର।

# ସଡ଼କ ସୁରକ୍ଷା ସମିତି ଓ ପୁଲିସ ସହାୟତାରେ ହେଲମେଟ ବଣ୍ଟନ



ନିମାପଡ଼ା, ୧୦/୧୦(ଜେଏନ୍‌ଏସ୍) : ପୁରୀ ପରିବହନ ବିଭାଗ ଓ ନିମାପଡ଼ା ପୁଲିସ ସହଯୋଗରେ ସେବା ସଂଙ୍କଳ୍ପ ଅଭିଯାନ ଅବସରରେ ଦୁଇଚକିଆ ପଥଚାରୀମାନଙ୍କୁ ହେଲମେଟ ବଣ୍ଟନ ସ୍ଥାନୀୟ ଅଲଣ୍ଡି ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସମରେନ୍ଦ୍ର ପାଇକରାୟ ପୁରୀ ଜିଲା ପରିବହନ ଅଧିକାରୀଙ୍କ ଉପସ୍ଥିତରେ ବିନା ହେଲ୍‌ମେଟ୍‌ରେ ବାଇକ ଚଳାଇ ଯାଉଥିବା ଚାଳକମାନଙ୍କୁ ସଡ଼କ ସୁରକ୍ଷା ସଂପର୍କରେ ସଚେତନା କରାଯାଇ ଥିଲା ସେମାନଙ୍କ ମଧ୍ୟରୁ ଶହେଜଣ ବାଇକ ଚାଳକଙ୍କୁ ଆଇଆଇସି ହେଲ୍‌ମେଟ୍ ପ୍ରଦାନ କରି ବାଇକ ଚଳାଇ ଗଲାବେଳେ ହେଲ୍‌ମେଟ୍ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। ହସ ହସ ମୁହଁରେ ବାଇକ ଚାଳକମାନେ ଘରୁ ବାହାରୁଛନ୍ତି । କିନ୍ତୁ ସେମାନେ ସୁଖରେ ପରିବାର ପାଖକୁ ଫେରିବା ଆବଶ୍ୟକତା ରହିଛି। ପରିବହନ ବିଭାଗ ସଡ଼କ ସୁରକ୍ଷାର ନିୟମ ମାନିବାକୁ ବାଇକ ଚାଳକମାନଙ୍କୁ ପରାମର୍ଶ ଦେଇଥିଲେ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ଏ ସପ୍ତାହର
### ପ୍ରମୁଖ ଖବର

- **ଦୁର୍ଗ ପାଲଟିଲା ଦିଲ୍ଲୀ :** କକ୍ରୋଚ୍ ଜନତା ପାର୍ଟି (CJP) ର ଜନ୍ତର ମନ୍ତର ବିକ୍ଷୋଭ ପ୍ରଦର୍ଶନକୁ ରୋକିବା ପାଇଁ ସୁରକ୍ଷା ବାହିନୀ ପକ୍ଷରୁ ବ୍ୟାପକ ପ୍ରତିବନ୍ଧକ, ପ୍ରଶାସନ ପକ୍ଷରୁ କଡ଼ା କଟକଣା ଜାରି
- **ମେଟ୍ରୋ ଷ୍ଟେସନ ବନ୍ଦ :** CJP ଆନ୍ଦୋଳନକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ୪୫ଟି ମେଟ୍ରୋ ଷ୍ଟେସନ ଏବଂ କନଟ୍ ପ୍ଲେସ୍ ସମ୍ପୂର୍ଣ୍ଣ ବନ୍ଦ, ଗାଡ଼ି ଚଳାଚଳ ଉପରେ କଟକଣା
- **୧୭୦ରୁ ଅଧିକ ଟ୍ରେନ ବାତିଲ :** ପ୍ରତିବାଦ କାରଣରୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀ ଆସୁଥିବା ଏବଂ ଦିଲ୍ଲୀରୁ ଯାଉଥିବା ପ୍ରାୟ ୧୭୦ରୁ ୨୦୦ ଯାତ୍ରୀବାହୀ ଟ୍ରେନ ବାତିଲ
- **ଉମର ଅବଦୁଲ୍ଲାଙ୍କ କଟାକ୍ଷ :** ଦିଲ୍ଲୀର ସୁରକ୍ଷା କଟକଣାକୁ ନେଇ "କାଶ୍ମୀର ମଡେଲ ଏବେ ଦିଲ୍ଲୀକୁ ରପ୍ତାନି ହୋଇଛି" ବୋଲି ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲାଙ୍କ ତୀବ୍ର ପ୍ରତିକ୍ରିୟା
- **ଉପ-ନିର୍ବାଚନ ଫଳାଫଳ :** ସଦ୍ୟ ସମାପ୍ତ ଉପ-ନିର୍ବାଚନରେ ଶାସକ ଦଳର ବଡ଼ ସଫଳତା; ପଶ୍ଚିମବଙ୍ଗ ଆସନରେ ବିଜେପି ଓ ତାମିଲନାଡୁରେ ଟିଭିକେର ବିଜୟ
- **ରାଜ୍ୟରେ ଆଜି 'ଓଡ଼ିଶା ବନ୍ଦ' ଡାକରା :** ସାମ୍ପ୍ରତିକ ରାଜନୈତିକ ଏବଂ ପ୍ରଶାସନିକ ପ୍ରସଙ୍ଗକୁ ନେଇ କେତେକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଆହ୍ୱାନ
- **ପବିତ୍ର ମହାଳୟା :** ପିତୃପକ୍ଷର ଶେଷ ଦିନରେ ବିନ୍ଦୁସାଗର, ପୁରୀ ମହୋଦଧି ଏବଂ ଅନ୍ୟାନ୍ୟ ପ୍ରମୁଖ ତୀର୍ଥକ୍ଷେତ୍ରରେ ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼
- **ମା' ମାଣିକେଶ୍ୱରୀଙ୍କ ଧବଳମୁଖୀ ବେଶ :** ଭବାନୀପାଟଣା ଏବଂ ସମ୍ବଲପୁରର ବିଭିନ୍ନ ପୀଠରେ ମା' ସମଲେଶ୍ୱରୀ ଓ ମାଣିକେଶ୍ୱରୀଙ୍କ ସ୍ୱତନ୍ତ୍ର ଧବଳମୁଖୀ ବେଶ ଦର୍ଶନ
- **ସ୍ୱଚ୍ଛତା ହିଁ ସେବା ଅଭିଜାନ :** କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ସେବା ଅଭିଯାନ ଅନୁଷ୍ଠିତ, ସାଧାରଣ ଲୋକଙ୍କୁ ଶପଥ ପାଠ।
- **ନୋଇଡା ଏୟାରପୋର୍ଟର ନୂଆ ନାମ :** ନୋଇଡା ଆନ୍ତର୍ଜାତୀୟ ବିମାନବନ୍ଦରକୁ "ନରେନ୍ଦ୍ର ମୋଦୀ ଆନ୍ତର୍ଜାତୀୟ ବିମାନବନ୍ଦର" ଭାବେ ନାମିତ କରାଗଲା
- **ଟ୍ରମ୍ପଙ୍କ ଅସନ୍ତୋଷ :** ନୋବେଲ ଶାନ୍ତି ପୁରସ୍କାର ନ ମିଳିବାକୁ ନେଇ କ୍ଷୋଭ ପ୍ରକାଶ କଲେ ଡୋନାଲ୍ଡ ଟ୍ରମ୍ପ



## ରାଞ୍ଚିରେ ସାଇ ହୋପ୍‌ଙ୍କ ଧମାକା
# ଟି-୨୦ ଇତିହାସର ସବୁଠାରୁ ବଡ଼ ରନ୍ ଚେଜ୍

- ସଞ୍ଜୁ ସାମସନଙ୍କ ଧୂଆଁଧାର ୮୨ ରନ୍
- ଭାରତୀୟ ବୋଲିଂ ବିପର୍ଯ୍ୟୟ ଓ ଶୁଭମନ ଗିଲ୍‌ଙ୍କୁ 'ସାଭେଜ୍' ଜବାବ

ରାଞ୍ଚି,୧୦/୧୦ : ରାଞ୍ଚିର ଜେଏସ୍‌ସିଏ ଆନ୍ତର୍ଜାତୀୟ ଷ୍ଟେଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ କ୍ରିକେଟ୍ ପ୍ରେମୀ ଏକ ହାଇ-ସ୍କୋରିଂ ରୋମାଞ୍ଚକର ମ୍ୟାଚ୍ ଦେଖିବାକୁ ପାଇଛନ୍ତି। ତେବେ ଘରୋଇ ଭାରତୀୟ ଦଳକୁ ବଡ଼ ଝଟ୍‌କା ଦେଇ ଓ୍ୱେଷ୍ଟଇଣ୍ଡିଜ୍ ଦଳ ଏକ ଐତିହାସିକ ବିଜୟ ହାସଲ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୨୫୦ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟକୁ ଓ୍ୱେଷ୍ଟଇଣ୍ଡିଜ୍ ମାତ୍ର ୪ ୱିକେଟ୍ ହରାଇ ହାସଲ କରିନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ବର୍ତ୍ତମାନ ୧-୧ ସମାନ ସ୍ଥିତିକୁ ଆସିଛି।

ଏହି ମ୍ୟାଚ୍‌ରେ ଓ୍ୱେଷ୍ଟଇଣ୍ଡିଜ୍ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଭାରତୀୟ ବ୍ୟାଟରମାନେ ଆରମ୍ଭରୁ ହିଁ କାରିବିଆନ୍ ବୋଲରଙ୍କ ଉପରେ ଚଢ଼ାଉ କରିଥିଲେ। ଦଳ ପକ୍ଷରୁ ଷ୍ଟାର୍ ୱିକେଟ୍‌କିପର ବ୍ୟାଟର ସଞ୍ଜୁ ସାମସନ ମାତ୍ର ୪୦ଟି ବଲ୍‌ରୁ ୮୨ ରନ୍‌ର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ, ଯେଉଁଥିରେ ଅନେକ ଆକାଶଛୁଆଁ ଛକା ସାମିଲ ଥିଲା। ସଞ୍ଜୁଙ୍କ ଏହି ଧୂଆଁଧାର ବ୍ୟାଟିଂ ବଳରେ ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୪୯ ରନ୍‌ର ଏକ ପାହାଡ଼ ସଦୃଶ ସ୍କୋର ଛିଡ଼ା କରିବାରେ ସଫଳ ହୋଇଥିଲା। ଏହି ଇନିଂସ ମାଧ୍ୟମରେ ସଞ୍ଜୁ ସାମସନ ଭାରତ ପାଇଁ ଟି-୨୦ରେ ବିରାଟ କୋହଲି ଓ ଯୁବରାଜ ସିଂହଙ୍କ ଭଳି ଦିଗ୍ଗଜଙ୍କ କେତେକ ବଡ଼ ରେକର୍ଡର ସମକକ୍ଷ ହୋଇଛନ୍ତି।

୨୫୦ ରନ୍‌ର ପିଛା କରୁଥିବା ଓ୍ୱେଷ୍ଟଇଣ୍ଡିଜ୍ ଆରମ୍ଭରୁ କୌଣସି ଚାପରେ ନଥିବା ଭଳି ମନେହେଉଥିଲା। ଦଳର ଅଧିନାୟକ ସାଇ ହୋପ୍ ଦାୟିତ୍ୱବାନ ବ୍ୟାଟିଂ କରି ମାତ୍ର ୪୯ ବଲ୍‌ରୁ ୧୦୨ ରନ୍‌ର ଏକ ଅପରାଜିତ ଶତକୀୟ ଇନିଂସ ଖେଳି ଦଳକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ଭରପୂର ସହଯୋଗ କରିଥିଲେ ସେରଫେନ୍ ରୁଦ୍ରଫୋର୍ଡ, ଯିଏ କି ମାତ୍ର ୩୩ ବଲ୍‌ରୁ ୮୪ ରନ୍‌ର ବିସ୍ଫୋରକ ପାଳି ଖେଳି ଭାରତୀୟ ବୋଲରଙ୍କ ଲାଇନ୍-ଲେନ୍‌ଥ୍ ବିଗାଡ଼ି ଦେଇଥିଲେ। ଟି-୨୦ ଆନ୍ତର୍ଜାତୀୟ ଇତିହାସରେ ଏହା ସବୁଠାରୁ ବଡ଼ ସଫଳ ରନ୍ ଚେଜ୍ ଭାବେ ଲିପିବଦ୍ଧ ହୋଇଛି।

ଭାରତୀୟ ଦଳର ବ୍ୟାଟରମାନେ ନିଜ କାମ ସଠିକ୍ ଭାବେ କରିଥିଲେ ମଧ୍ୟ ବୋଲରମାନେ ରନ୍ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। କୌଣସି ବି ଭାରତୀୟ ବୋଲର ଓ୍ୱେଷ୍ଟଇଣ୍ଡିଜ୍ ବ୍ୟାଟରଙ୍କ ଉପରେ ପ୍ରଭାବ ପକାଇ ପାରିନଥିଲେ। ମ୍ୟାଚ୍ ଶେଷ ହେବା ପରେ ଏକ ସୋସିଆଲ ମିଡିଆ ୱାର୍ ମଧ୍ୟ ଦେଖିବାକୁ ମିଳିଛି। ପୂର୍ବରୁ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ଦଳ ୪୦୬ ରନ୍ କରିବା ପରେ ଓପନର ଶୁଭମନ ଗିଲ୍ ସୋସିଆଲ ମିଡିଆରେ "୪୦୬ ? କୁଲ୍." ଲେଖି ପୋଷ୍ଟ କରିଥିଲେ। ଆଜି ରାଞ୍ଚିରେ ୨୫୦ ରନ୍ ଚେଜ୍ କରି ମ୍ୟାଚ୍ ଜିତିବା ପରେ ସାଇ ହୋପ୍ ଗିଲ୍‌ଙ୍କ ଅନ୍ଦାଜ୍‌ରେ ଲେଖିଛନ୍ତି— "୨୫୦ ? କୁଲ୍", ଯାହା ଏବେ ଇଣ୍ଟରନେଟ୍‌ରେ ଭାଇରାଲ ହେବାରେ ଲାଗିଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ଆଗକୁ ଖେଳାଯିବାକୁ ଥିବା ବେଳେ ଭାରତୀୟ ଦଳ ନିଜ ବୋଲିଂ ଲାଇନଅପ୍‌ରେ ବଡ଼ ସଂଶୋଧନ କରିବାକୁ ବାଧ୍ୟ ହେବ।

## ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ହେଲେ ସୌରଭ ଗାଙ୍ଗୁଲି



ନୂଆଦିଲ୍ଲୀ, ୧୦/୧୦ : ଇଣ୍ଡିଆନ ପ୍ରିମିୟର ଲିଗ୍ ର ଆଗାମୀ ସଂସ୍କରଣ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ କ୍ୟାମ୍ପରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ସଫଳ ଅଧିନାୟକ ତଥା ବିସିସିଆଇ ର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସର ନୂଆ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି. ଆଗାମୀ ଆଇପିଏଲ୍ ୨୦୨୭ ସିଜନ ପାଇଁ ଫ୍ରାଞ୍ଚାଇଜ୍ ପକ୍ଷରୁ ତାଙ୍କ ଉପରେ ଏହି ବଡ଼ ଭରସା କରାଯାଇଛି। ଗତ ସିଜନ ପର୍ଯ୍ୟନ୍ତ ମୁଖ୍ୟ କୋଚ୍ ଦାୟିତ୍ୱରେ ଥିବା ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟର ରିକି ପଣ୍ଟିଂଙ୍କ ସହ ଦଳ ଚୁକ୍ତି ଶେଷ କରିବା ପରେ ଗାଙ୍ଗୁଲିଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

### ଆଇପିଏଲ୍ ୨୦୨୭ ପାଇଁ 'ଦାଦା'ଙ୍କୁ ବଡ଼ ଦାୟିତ୍ୱ
### ହେମାଙ୍ଗ ବାଦାନୀ ହେଲେ ଦଳର ନୂଆ ହେଡ୍ ସ୍କାଉଟ୍

ପୂର୍ବରୁ ସୌରଭ ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସ ଦଳର କ୍ରିକେଟ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ. ବର୍ତ୍ତମାନ ଦଳର ପରିଚାଳନା କମିଟିରେ ବଡ଼ ଧରଣର ପରିବର୍ତ୍ତନ କରାଯାଇ ତାଙ୍କୁ ସିଧାସଳଖ କୋଚିଂ ଦାୟିତ୍ୱ ଦିଆଯାଇଛି। ଗାଙ୍ଗୁଲିଙ୍କ ସହ ଭାରତର ପୂର୍ବତନ କ୍ରିକେଟର ହେମାଙ୍ଗ ବାଦାନୀଙ୍କୁ ଦଳର ହେଡ୍ ସ୍କାଉଟ୍ ଏବଂ କ୍ରିକେଟ ଅପରେସନ୍ସର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ଦାଦାଙ୍କର ବିପୁଳ ଅଭିଜ୍ଞତା ଏବଂ ଦଳ ପରିଚାଳନା ଶୈଳୀ ଆଗାମୀ ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପ୍ରଥମ ଆଇପିଏଲ୍ ଟ୍ରଫି ଜିତାଇବାରେ ସହାୟକ ହେବ ବୋଲି ଦଳର ମାଲିକ ଜେଏସଡବ୍ଲ୍ୟୁ ଓ ଜିଏମଆର ଗ୍ରୁପ୍ ଆଶା ବ୍ୟକ୍ତ କରିଛନ୍ତି।

ଏହି ନୂତନ ନିଯୁକ୍ତି ପରେ ସୌରଭ ଗାଙ୍ଗୁଲି କହିଛନ୍ତି ଯେ, ଦିଲ୍ଲୀ କ୍ୟାପିଟାଲ୍ସ ସହ ମୋର ସମ୍ପର୍କ ବହୁତ ପୁରୁଣା ଏବଂ ମୁଖ୍ୟ କୋଚ୍ ଭାବେ ଏହି ନୂଆ ଦାୟିତ୍ୱକୁ ନେଇ ମୁଁ ବେଶ୍ ଉତ୍ସାହିତ ଅଛି. ଆସନ୍ତା ମେଗା ନିଲାମ ପୂର୍ବରୁ ଦଳକୁ ଏକ ଶକ୍ତିଶାଳୀ ରୂପ ଦେବା ଏବଂ ଯୁବ ପ୍ରତିଭାମାନଙ୍କୁ ସୁଯୋଗ ଦେବା ଆମର ମୁଖ୍ୟ ଲକ୍ଷ୍ୟ ରହିବ. ଦାଦା କୋଚିଂ ଦାୟିତ୍ୱ ନେବା ପରେ ଦିଲ୍ଲୀ କ୍ୟାପିଟାଲ୍ସର ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ବକ୍ସ ଅଫିସରେ 'ଆଲ୍‌ଫା'ର ଧମାକା
# ପ୍ରଥମ ୱିକେଣ୍ଡରେ ୫୦ କୋଟି ପାର୍




- ଆଲିଆ ଓ ଶର୍ବରୀଙ୍କ ଦମଦାର ଆକ୍ସନକୁ ଦର୍ଶକଙ୍କ ଭରପୂର ଭଲପାଇବା
- ଯଶରାଜ୍ ସ୍ପାଏ ୟୁନିଭର୍ସର ପ୍ରଥମ ମହିଳା କେନ୍ଦ୍ରୀତ ସିନେମା ରଚିଲା ଇତିହାସ

ମୁମ୍ବାଇ/ଭୁବନେଶ୍ୱର, ୧୦/୧୦ : ବଲିଉଡର ସୁପରଷ୍ଟାର ଆଲିଆ ଭଟ୍ଟ ଏବଂ ଉଦୀୟମାନ ଅଭିନେତ୍ରୀ ଶର୍ବରୀ ୱାଘ୍‌ଙ୍କ ଅଭିନୀତ ସଦ୍ୟ ରିଲିଜ୍ ହୋଇଥିବା ଆକ୍ସନ ଥ୍ରୀଲର୍ ଫିଲ୍ମ 'ଆଲ୍‌ଫା' ବକ୍ସ ଅଫିସରେ ନିଜର ଦବଦବା ଜାରି ରଖିଛି। ପ୍ରେକ୍ଷାଳୟକୁ ଆସିବା ମାତ୍ରେ ହିଁ ଏହି ସିନେମାଟି ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ଏବଂ ପ୍ରଥମ ୱିକେଣ୍ଡ (ପ୍ରାରମ୍ଭିକ କିଛି ଦିନ) ମଧ୍ୟରେ ଏହାର ବିଶ୍ୱବ୍ୟାପୀ ବକ୍ସ ଅଫିସ କଲେକ୍ସନ ୫୦ କୋଟି ଟଙ୍କାର ଗଣ୍ଡି ପାର୍ କରିସାରିଛି। ବିଶେଷ କରି ମଲ୍ଟିପ୍ଲେକ୍ସଗୁଡ଼ିକରେ ଆଲିଆଙ୍କ ଲୋକପ୍ରିୟତା ଯୋଗୁଁ ଫିଲ୍ମ ଦେଖିବା ପାଇଁ ସିନେପ୍ରେମୀଙ୍କ ପ୍ରବଳ ଭିଡ଼ ଜମୁଛି।

ପ୍ରତିଷ୍ଠିତ ପ୍ରଯୋଜନା ସଂସ୍ଥା ଯଶରାଜ୍ ଫିଲ୍ମସର ଏହା ହେଉଛି ପ୍ରଥମ ମହିଳା କେନ୍ଦ୍ରୀତ ସ୍ପାଏ ଫିଲ୍ମ। ଏହା ପୂର୍ବରୁ ଏହି ୟୁନିଭର୍ସରେ ଏକଥା ଟାଇଗର, ୱାର୍ ଏବଂ ପଠାନ୍ ଭଳି ବଡ଼ ବଜେଟ୍ ପୁରୁଷ କେନ୍ଦ୍ରୀତ ସିନେମା ଧମାଲ କରିଥିବା ବେଳେ 'ଆଲ୍‌ଫା' ଜରିଆରେ ଆଲିଆ ଏବଂ ଶର୍ବରୀ ବଲିଉଡରେ ଆକ୍ସନର ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛନ୍ତି। ଶିବ ରାୱୈଲଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମରେ ଆଲିଆ ଜଣେ ହାଇ-ପ୍ରୋଫାଇଲ୍ ସିକ୍ରେଟ୍ ଏଜେଣ୍ଟ/ଆସାସିନ୍ ଭୂମିକାରେ ନଜର ଆସିଥିବା ବେଳେ ତାଙ୍କର ଷ୍ଟଣ୍ଟ ଓ ହାଇ-ଅକ୍ଟେନ୍ ଆକ୍ସନ ସିନ୍ ସବୁଠୁ ବଡ଼ ଆକର୍ଷଣ ସାଜିଛି। ଟ୍ରେଡ୍ ଆନାଲିଷ୍ଟଙ୍କ ସୂଚନା ଅନୁଯାୟୀ, ଫିଲ୍ମଟି ପ୍ରଥମ ଦିନରୁ ହିଁ ଘରୋଇ ବଜାରରେ ବହୁତ ଭଲ ଓପନିଂ ପାଇଥିଲା। ଫିଲ୍ମର କାହାଣୀ, ଭିଜୁଆଲ୍ସ ଏବଂ ଅନିଲ କପୁର ଓ ବବି ଦେଓଲଙ୍କ ଭଳି ବଡ଼ କଳାକାରଙ୍କ ଉପସ୍ଥିତି ଏହାକୁ ଅଧିକ ଆକର୍ଷଣୀୟ କରିଛି। ଏଥିସହିତ ସୁପରଷ୍ଟାର ହ୍ରିତିକ ରୋଶନଙ୍କ କ୍ୟାମିଓ (ସ୍ୱତନ୍ତ୍ର ଉପସ୍ଥିତି) ସିନେମା ହଲ୍‌ରେ ଦର୍ଶକଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି କରିଛି। ଆଗକୁ ଦୁର୍ଗାପୂଜା ଛୁଟି ଥିବାରୁ ଏହି ଫିଲ୍ମର କଲେକ୍ସନ ଆଗାମୀ ଦିନରେ ଆହୁରି ବୃଦ୍ଧି ପାଇ ଶହେ କୋଟି କ୍ଲବ୍ ଆଡ଼କୁ ଅଗ୍ରସର ହେବ ବୋଲି ବଜାର ବିଶେଷଜ୍ଞମାନେ ଆଶା ବ୍ୟକ୍ତ କରିଛନ୍ତି।



| ADVERTISEMENT TARIFF | |
|---|---|
| FULL PAGE FRONT | Rs. 1,00,000.00 |
| FULL PAGE BACK | Rs. 80,000.00 |
| FULL PAGE COVER | Rs. 80,000.00 |
| FULL PAGE INNER | Rs. 80,000.00 |
| HALF PAGE FR/BK | Rs. 80,000.00 |
| QUARTER PAGE | Rs. 25,000.00 |
| EAR PANEL FRONT | Rs. 5,000.00 |
| EAR PANEL BACK | Rs. 5,000.00 |



# ବଲାଙ୍ଗୀରରେ ହେବ ନ୍ୟାସନାଲ ଲନ୍ ବୋଲ୍ସ ଚାମ୍ପିଅନସିପ୍
## ରାଜ୍ୟରେ ଆୟୋଜିତ ହେବ ଜାତୀୟ ସ୍ତରର ପ୍ରତିଯୋଗିତା




### ଚଳିତ ମାସରେ ଜମିବ ଅଣ୍ଡର-୧୮ ଏବଂ ଅଣ୍ଡର-୨୫ ମେଗା ଇଭେଣ୍ଟ

ବଲାଙ୍ଗୀର/ଭୁବନେଶ୍ୱର, ୧୦/୧୦ : ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ନୂଆ ଫର୍ଦ୍ଦ। ଗ୍ଲୋବାଲ ହକି ଏବଂ ଆଥଲେଟିକ୍ସର ସଫଳ ଆୟୋଜନ ପରେ ଏବେ ରାଜ୍ୟ ପ୍ରଥମ ଥର ପାଇଁ ନ୍ୟାସନାଲ୍ ଲନ୍ ବୋଲ୍ସ ଚାମ୍ପିଅନସିପ୍ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛି। ଓଡ଼ିଶାର ପଶ୍ଚିମାଞ୍ଚଳର ପ୍ରମୁଖ ସହର ବଲାଙ୍ଗୀରଠାରେ ଚଳିତ ଅକ୍ଟୋବର ମାସରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ପ୍ରଥମ ଅଣ୍ଡର-୧୮ ଏବଂ ୬ଷ୍ଠ ଅଣ୍ଡର-୨୫ ଜାତୀୟ ଚାମ୍ପିଅନସିପ୍ ସାମିଲ ରହିଛି।

ଏହି ମେଗା ସ୍ପୋର୍ଟସ୍ ଇଭେଣ୍ଟରେ ସାରା ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଶତାଧିକ ପ୍ରତିଭାବାନ ଯୁବ କ୍ରୀଡ଼ାବିତ୍ ଭାଗ ନେବେ। ବଲାଙ୍ଗୀରର ଆଧୁନିକ ଲନ୍ ବୋଲ୍ସ ଟର୍ଫ ପରିସରରେ ଖେଳାଳିମାନେ ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବେ। ଓଡ଼ିଶା ଲନ୍ ବୋଲ୍ସ ଆସୋସିଏସନ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ପ୍ରତିଯୋଗିତା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅତିଥି ଓ ଖେଳାଳିମାନଙ୍କ ରହିବା ଏବଂ ପରିବହନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ରାଜ୍ୟରେ ଏହି ଖେଳର ପ୍ରସାର ଏବଂ ସ୍ଥାନୀୟ ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। କମନୱେଲଥ ଗେମ୍ସରେ ଭାରତୀୟ ଲନ୍ ବୋଲ୍ସ ଦଳ ସ୍ୱର୍ଣ୍ଣ ପଦକ ଜିତିବା ପରେ ଭାରତରେ ଏହି ଖେଳ ପ୍ରତି ଆଗ୍ରହ ବହୁତ ବଢ଼ିଛି। ବଲାଙ୍ଗୀରରେ ହେବାକୁ ଥିବା ଏହି ଜାତୀୟ ପ୍ରତିଯୋଗିତା ଓଡ଼ିଶାରୁ ନୂଆ ଖେଳାଳି ସୃଷ୍ଟି କରିବାରେ ବେଶ୍ ସହାୟକ ହେବ ବୋଲି କ୍ରୀଡ଼ା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ଏସିଆନ୍ ପାରା ଗେମ୍ସ ପାଇଁ ରାଜ୍ୟରୁ ୪ ଆଥଲେଟ୍ ମନୋନୀତ
# ଭାରତୀୟ ଦଳର ନେତୃତ୍ୱ ନେବେ ପ୍ରମୋଦ ଭଗତ



- ଦେଶର ପତାକା ବାହକ ସାଜିବେ ପ୍ରମୋଦ ଭଗତ
- ତାଲିକାରେ ଅଛନ୍ତି ପାୟଲ, ଜୟନ୍ତୀ ଓ ସୁଚିତ୍ରା

ଭୁବନେଶ୍ୱର, ୧୦/୧୦ : ରାଜ୍ୟ କ୍ରୀଡ଼ା ଜଗତ ପାଇଁ ଏକ ବଡ଼ ଖୁସି ଓ ଗର୍ବର ଖବର ସାମ୍ନାକୁ ଆସିଛି. ଜାପାନର ଆଇଚି-ନାଗୋୟାଠାରେ ଆସନ୍ତା ଅକ୍ଟୋବର ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୫ମ ଏସୀୟ ପାରା କ୍ରୀଡ଼ା-୨୦୨୬ ପାଇଁ ଭାରତୀୟ ଦଳରେ ଓଡ଼ିଶାର ୪ ଜଣ ପ୍ରତିଭାବାନ ପାରା ଆଥଲେଟ୍ ସ୍ଥାନ ପାଇଛନ୍ତି. ଓଡ଼ିଶାର ପାରା କ୍ରୀଡ଼ା ଆସୋସିଏସନ ପକ୍ଷରୁ ସମସ୍ତ ମନୋନୀତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଯିବା ସହ ସେମାନେ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରାଯାଇଛି।

ଓଡ଼ିଶାର ସୁନାପୁଅ ତଥା ପାରାଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ଏକ ବଡ଼ ସମ୍ମାନ ମିଳିଛି. ଅକ୍ଟୋବର ୧୮ ତାରିଖରେ ହେବାକୁ ଥିବା ଭବ୍ୟ ଉଦ୍‌ଘାଟନୀ ଉତ୍ସବରେ ସେ ଗୁଜରାଟର ପାରା ଟେବୁଲ ଟେନିସ ଖେଳାଳି ଭାବିନା ପଟେଲଙ୍କ ସହ ମିଳିତ ଭାବେ ଭାରତୀୟ ଦଳର ପତାକା ବାହକ (ଋକ୍ଷବଶ ଇରବକ୍ଷରକ୍ଷ) ଭାବେ ତ୍ରିରଙ୍ଗା ଧରି ଦଳର ନେତୃତ୍ୱ ନେବେ. ଚଳିତ ପ୍ରତିଯୋଗିତାରେ ପ୍ରମୋଦ ପାରା ବ୍ୟାଡମିଣ୍ଟନର ପୁରୁଷ ସିଙ୍ଗଲ୍ସ ଝଖ୩, ଡବଲ୍ସ ଏବଂ ମିକ୍ସଡ୍ ଡବଲ୍ସ ବର୍ଗରେ ପଦକ ପାଇଁ ଦାବିଦାର ଉପସ୍ଥାପନ କରିବେ। ପ୍ରମୋଦଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟ ତିନି ଜଣ ମହିଳା ଆଥଲେଟ୍ ମଧ୍ୟ ନିଜ ନିଜ କ୍ରୀଡ଼ା ବିଭାଗରେ ଦେଶର ପ୍ରତିନିଧିତ୍ୱ କରିବେ । ପାୟଲ ନାଗ (ପାରା ଆର୍ଚେରୀ): ବିଶ୍ୱର ଏକମାତ୍ର ହାତ ଓ ଗୋଡ଼ ନଥିବା ବିଶିଷ୍ଟ ଧନୁର୍ଦ୍ଧର ଭାବେ ପାୟଲ ମହିଳା କମ୍ପାଉଣ୍ଡ ଇଣ୍ଡିଭିଜୁଆଲ୍ ଓ ଡବଲ୍ସ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ରାଜ୍ୟର ଦ୍ରୁତତମ ମହିଳା ଧାବିକା ଭାବେ ଜୟନ୍ତୀ ୪୭ ବର୍ଗର ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଭାଗ ନେବେ । ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ତଥା ରେକର୍ଡଧାରୀ ସୁଚିତ୍ରା ରଃ୫୫ ବର୍ଗର ଜାଭେଲିନ ଥ୍ରୋ (ବର୍ଚ୍ଛା ଚାଳନା)ରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରସ୍ତୁତ ଅଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର କ୍ରୀଡ଼ାପ୍ରେମୀମାନେ ଏହି ୪ ଜଣ ଖେଳାଳିଙ୍କୁ ଶୁଭକାମନା ଜଣାଇଛନ୍ତି. ଜାପାନ ମାଟିରେ ଓଡ଼ିଶାର ଏହି ଚାରି ପ୍ରତିଭା ବିଶ୍ୱସ୍ତରରେ ଚମକିବେ ବୋଲି ସାରା ରାଜ୍ୟ ଆଶାବାଦୀ ଅଛି।

# "ଛାତ୍ର ସଂସଦ ନିର୍ବାଚନ ରାଜ୍ୟରେ ଆଣିବ ପରିବର୍ତ୍ତନ"



ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

ଛାତ୍ର ସଂସଦ ନିର୍ବାଚନ ହେଉଛି ଶିକ୍ଷାନୁଷ୍ଠାନଗୁଡ଼ିକରେ ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ପ୍ରାରମ୍ଭିକ ରୂପ, ଯେଉଁଠାରେ ଛାତ୍ରଛାତ୍ରୀମାନେ ଭୋଟ୍ ଦେଇ ସେମାନଙ୍କର ପ୍ରତିନିଧି ଚୟନ କରନ୍ତି। ଏହା କେବଳ ଏକ ନିର୍ବାଚନ ନୁହେଁ, ବରଂ ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ ମନୋଭାବ ଏବଂ ଗଣତନ୍ତ୍ରର ମୂଲ୍ୟବୋଧ ଜାଗ୍ରତ କରିବାର ଏକ ପ୍ରଧାନ ମାଧ୍ୟମ । ଛାତ୍ର ସଂସଦ ନିର୍ବାଚନର ବିଭିନ୍ନ ଦିଗ ଉପରେ ଯଦି ଆମେ ଆଲୋଚନା କରିବା ତାହାଲେ ମୁଁ କହିବି ତା'ର ଉଦ୍ଦେଶ୍ୟ ଓ ମହତ୍ତ୍ୱ ହେଲା, ନେତୃତ୍ୱ ବିକାଶ । ଏହି ନିର୍ବାଚନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନେତୃତ୍ୱ ନେବାର କ୍ଷମତା, ଦାୟିତ୍ୱବୋଧ ଏବଂ ସାଙ୍ଗଠନିକ ଦକ୍ଷତା ବୃଦ୍ଧି ପାଇଥାଏ ।

**ସମସ୍ୟାର ସମାଧାନ :** ନିର୍ବାଚିତ ପ୍ରତିନିଧିମାନେ ସାଧାରଣ ଛାତ୍ରଛାତ୍ରୀ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ସେତୁ ଭାବରେ କାମ କରନ୍ତି । ଶିକ୍ଷାନୁଷ୍ଠାନର ସମସ୍ୟା (ଯେପରିକି ପାଠାଗାର, ହଷ୍ଟେଲ, କ୍ରୀଡ଼ା ଏବଂ ପାନୀୟ ଜଳ) କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚାଇଥାନ୍ତି ।

**ରାଜନୈତିକ ସଚେତନତା :** ଏହା ଦ୍ୱାରା ଛାତ୍ର ସମାଜ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା, ଭୋଟ୍‌ର ମୂଲ୍ୟ ଏବଂ ନିର୍ବାଚନ ପ୍ରକ୍ରିୟା ବିଷୟରେ ବାସ୍ତବ ଜ୍ଞାନ ଆହରଣ କରନ୍ତି । ନିର୍ବାଚନ ପ୍ରକ୍ରିୟା: ସାଧାରଣତଃ ପ୍ରତିବର୍ଷ ଶିକ୍ଷାବର୍ଷର ଆରମ୍ଭରେ (ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ) ଏହି ନିର୍ବାଚନ ଅନୁଷ୍ଠିତ ହୁଏ ।

ଏଥିରେ ସଭାପତି, ସାଧାରଣ ସମ୍ପାଦକ ଏବଂ ଅନ୍ୟାନ୍ୟ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ, ଯାଞ୍ଚ, ପ୍ରଚାର ଏବଂ ଶେଷରେ ଗୁପ୍ତ ବାଲଟ୍ ବା ଇଭିଏମ୍ ଜରିଆରେ ମତଦାନ ହୋଇଥାଏ ।

ଭାରତରେ ଲିଙ୍ଗଡୋ କମିଶନଙ୍କ ସୁପାରିଶ ଆଧାରରେ ଏହି ନିର୍ବାଚନ ପରିଚାଳିତ ହୁଏ, ଯେଉଁଥିରେ ପ୍ରାର୍ଥୀଙ୍କ ବୟସ, ଶିକ୍ଷାଗତ ଯୋଗ୍ୟତା ଏବଂ ପ୍ରଚାର ଖର୍ଚ୍ଚ ଉପରେ କଟକଣା ରହିଥାଏ ।

ସାମ୍ପ୍ରତିକ ସ୍ଥିତି ଓ ଆହ୍ୱାନ, ହିଂସା ଏବଂ ଦଳୀୟ ରାଜନୀତି : ବର୍ତ୍ତମାନ ସମୟରେ ଛାତ୍ର ନିର୍ବାଚନରେ ବାହ୍ୟ ରାଜନୈତିକ ଦଳଗୁଡ଼ିକର ହସ୍ତକ୍ଷେପ ବଢ଼ିବାରେ ଲାଗିଛି । ଏହା ଫଳରେ କ୍ୟାମ୍ପସ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଏବଂ ହିଂସା ଦେଖାଯାଉଛି । ଶିକ୍ଷାଦାନରେ ବ୍ୟାଘାତ : ଅତ୍ୟଧିକ ପ୍ରଚାର ଓ ବିଶୃଙ୍ଖଳା ଯୋଗୁଁ କଲେଜଗୁଡ଼ିକରେ ପାଠପଢ଼ା ମାହୋଲ ନଷ୍ଟ ହେଉଥିବା ଅଭିଯୋଗ ହୁଏ। ଏହି କାରଣରୁ ଓଡ଼ିଶା ସମେତ କେତେକ ରାଜ୍ୟରେ ବିଗତ କିଛି ବର୍ଷ ହେବ ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ଛାତ୍ର ସଂସଦ ନିର୍ବାଚନକୁ ସ୍ଥଗିତ ରଖାଯାଇଛି । ଏହି ବର୍ଷ ପୁଣି ଆମ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ସରକାରଙ୍କ ତରଫରୁ ଅନୁମତି ମିଳି ଥିବାରୁ ଅଶେଷ ଅଶେଷ ଧନ୍ୟବାଦ ।

### 'କଥା ସ୍ୱାଭିମାନର ବିଚାର ଆପଣଙ୍କର'

ଛାତ୍ର ସଂସଦ ନିର୍ବାଚନ ଗଣତନ୍ତ୍ରର ପ୍ରଥମ ପାଠଶାଳା । ଯଦି ଏହାକୁ ହିଂସାମୁକ୍ତ, ଶୃଙ୍ଖଳିତ ଏବଂ କେବଳ ଛାତ୍ର କଲ୍ୟାଣ ଉଦ୍ଦେଶ୍ୟରେ ପରିଚାଳନା କରାଯାଏ, ତେବେ ଏହା ଦେଶକୁ ଭବିଷ୍ୟତ ପାଇଁ ଅନେକ ଯୋଗ୍ୟ ଓ ସ୍ୱଚ୍ଛ ଭାବମୂର୍ତ୍ତି ସମ୍ପନ୍ନ ନେତା ପ୍ରଦାନ କରିପାରିବ ।

ଜନ ଜାଗରଣ ଏକ ବୈପ୍ଳବିକ ପରିବର୍ତ୍ତନର ଆହ୍ୱାନ ।

ଆସନ୍ତୁ ଏକାଠି ହେବା, ଲଢ଼ିବା, ଜିତିବା ଓ ଆମ ଓଡ଼ିଶା ଆମେ ଗଢ଼ିବା ।

ଆମ ଲକ୍ଷ୍ୟ ହେଲା "ବିପ୍ଳବ ଆଣିବା - ବିକଳ୍ପ ବାଛିବା - ବିକାଶ କରିବା" ।

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102, Ph- 0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra